
ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୧୯ ଜାନୁଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 19 JANUARY 2026
Vol.No. 36 ■ No.18 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ପ୍ରକାଶ ପାଇବ
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ଟ୍ରମ୍ପଙ୍କ ଶୁଳ୍କକୁ ୟୁରୋପୀୟ ରାଷ୍ଟ୍ରଙ୍କ ବିରୋଧ

ନୂଆଦିଲ୍ଲୀ,୧୯/୧ :ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସର୍ବଶେଷ ଶୁଳ୍କ ଧମକକୁ ୟୁରୋପୀୟ ନେତାମାନେ ସମାଲୋଚନା କରିଛନ୍ତି। ସେମାନେ ଚେତାବନୀ ଦେଇଛନ୍ତି ଯେ ଗ୍ରିନଲାଣ୍ଡକୁ ନେଇ ବାଣିଜ୍ୟ ଜରିମାନା ଲାଗୁ କରିବା ଭୁଲ ଏବଂ ଟ୍ରାନ୍ସଆଟଲାଣ୍ଟିକ୍ ସମ୍ପର୍କକୁ ଏହା କ୍ଷତି ପହଞ୍ଚାଇପାରେ। ଗ୍ରିନଲାଣ୍ଡର ସମର୍ଥକ ଡେନମାର୍କ, ନରୱେ, ସ୍ୱିଡେନ୍, ଫ୍ରାନ୍ସ, ଜର୍ମାନୀ, ବ୍ରିଟେନ୍, ନେଦରଲ୍ୟାଣ୍ଡ ଓ ଫିନଲ୍ୟାଣ୍ଡରୁ ଆମେରିକାରେ ପ୍ରବେଶ କରୁଥିବା ସମସ୍ତ ସାମଗ୍ରୀ ଉପରେ ୧୦% ଶୁଳ୍କ ଲାଗୁ କରିବାକୁ ଟ୍ରମ୍ପ ଶନିବାର ଘୋଷଣା କରିଛନ୍ତି। ଏହି ଧମକ ପରେ ୟୁରୋପର ନେତାମାନେ କହିଛନ୍ତି ଯେ ଗ୍ରିନଲାଣ୍ଡର ଭବିଷ୍ୟତକୁ ଅର୍ଥନୈତିକ ଚାପ ମାଧ୍ୟମରେ ନିୟନ୍ତ୍ରଣ କରାଯାଇପାରିବ ନାହିଁ ଏବଂ ଆର୍କଟିକରେ ସୁରକ୍ଷା ସହଯୋଗକୁ ବାଣିଜ୍ୟ ବିବାଦରେ ପରିଣତ କରାଯିବା ଉଚିତ ନୁହେଁ। ବ୍ରିଟିସ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର୍ ଏକ୍ସରେ କହିଛନ୍ତି ଯେ, ଗ୍ରିନଲାଣ୍ଡର ସ୍ଥିତି ବାହ୍ୟ ହସ୍ତକ୍ଷେପ ପାଇଁ ଖୋଲା ନାହିଁ ଏବଂ ନାଟୋ ସହଯୋଗୀଙ୍କ ବିରୋଧରେ ଶୁଳ୍କ ବ୍ୟବହାରକୁ ସେ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଗ୍ରିନଲାଣ୍ଡ ଉପରେ ଆମର ଆଭିମୁଖ୍ୟ ଅତ୍ୟନ୍ତ ସ୍ପଷ୍ଟ - ଏହା ଡେନମାର୍କର ଏକ ଅଂଶ ଏବଂ ଏହାର ଭବିଷ୍ୟତ ଗ୍ରିନଲାଣ୍ଡ ଓ ଡେନମାର୍କର ବିଷୟ। ସହଯୋଗୀମାନେ ଆର୍କଟିକ୍‌ର ବିଭିନ୍ନ ଭାଗରେ ରୁଷ୍ ବିପଦର ମୁକାବିଲା ପାଇଁ ମିଳିତ ଭାବରେ ଅଧିକ କାର୍ଯ୍ୟ କରିବା ଉଚିତ।



ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍ କହିଛନ୍ତି ଯେ, ଫ୍ରାନ୍ସର ବୈଦେଶିକ ନୀତି ସାର୍ବଭୌମତ୍ୱ ଓ ସ୍ୱାଧୀନତା ରକ୍ଷା ଉପରେ ଆଧାରିତ ଏବଂ ୟୁରୋପ ଧମକ ଆଗରେ ମୁଣ୍ଡ ନୁଆଁଇବ ନାହିଁ। ସ୍ୱିଡେନର ପ୍ରଧାନମନ୍ତ୍ରୀ ଉଲ୍ଫ କ୍ରିଷ୍ଟରସନ୍ ମଧ୍ୟ ଶୁଳ୍କକୁ ସମାଲୋଚନା କରି କହିଛନ୍ତି ଯେ, ଷ୍ଟକହୋମ୍ 'ବ୍ଲାକମେଲ' କୌଶଳକୁ ଗ୍ରହଣ କରିବ ନାହିଁ। ମିଳିତ ୟୁରୋପୀୟ ପ୍ରତିକ୍ରିୟା ପାଇଁ ସେ ଆହ୍ୱାନ କରିଛନ୍ତି। ଗ୍ରିନଲାଣ୍ଡ ପ୍ରସଙ୍ଗରେ କେବଳ ଡେନମାର୍କ ଓ ଗ୍ରିନଲାଣ୍ଡ ନିଷ୍ପତ୍ତି ନେବା ଉଚିତ ବୋଲି ସେ କହିଛନ୍ତି। ୟୁରୋପୀୟ ପରିଷଦର ସଭାପତି ଆଣ୍ଟୋନିଓ କୋଷ୍ଟା କହିଛନ୍ତି ଯେ ୟୁରୋପ ଏବଂ ବ୍ୟାପକ ଅନ୍ତର୍ଜାତୀୟ ସମ୍ପ୍ରଦାୟ ଆଞ୍ଚଳିକ ଅଖଣ୍ଡତା ଓ ସାର୍ବଭୌମତ୍ୱକୁ ରକ୍ଷା କରିବା ଆବଶ୍ୟକ। ୟୁରୋପୀୟ ସଂଘ ଡେନମାର୍କ ଓ ଗ୍ରିନଲାଣ୍ଡର ଲୋକଙ୍କ ସହ ଛିଡା ହୋଇଛି ଏବଂ ଶୁଳ୍କ ଟ୍ରାନ୍ସଆଟଲାଣ୍ଟିକ୍ ସମ୍ପର୍କକୁ ଦୁର୍ବଳ କରିବ ବୋଲି ସେ କହିଛନ୍ତି। ଜର୍ମାନୀରେ ୟୁରୋପୀୟ ସଂସଦ ସଦସ୍ୟ ମାନଫ୍ରେଡ୍ ୱେବର ଚେତାବନୀ ଦେଇଛନ୍ତି ଯେ ଟ୍ରମ୍ପଙ୍କ ଆଭିମୁଖ୍ୟ ଗତ ବର୍ଷ ସହମତି ପ୍ରକାଶ ପାଇଥିବା ୟୁରୋପୀୟ ସଂଘ-ଆମେରିକା ବାଣିଜ୍ୟ ଚୁକ୍ତିର ଅଗ୍ରଗତିକୁ ବାଧା ଦେଇପାରେ।

## ବିନା ଯାଞ୍ଚରେ ପ୍ରଦୂଷଣ ପ୍ରମାଣପତ୍ର : ଘରେ ଗାଡ଼ି, ଦଲାଲ ଦେଉଛନ୍ତି ସାର୍ଟିଫିକେଟ୍

ଭୁବନେଶ୍ୱର, ୧୮/୧ (ନି.ପ୍ର): ପରିବହନ ବିଭାଗର ନିର୍ଦ୍ଦେଶନାମା ଜାରି ପରେ ପ୍ରଦୂଷଣ ପ୍ରମାଣ ପତ୍ର ଯୋଗାଡ଼ କରିବାରେ ଲାଗିଛନ୍ତି ଗାଡି ମାଲିକ । ପ୍ରଦୂଷଣ ପରୀକ୍ଷା କେନ୍ଦ୍ରରେ ଲାଗୁଛି ଲମ୍ବା ଲାଇନ୍ । ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି । କୌଣସି ଜରିମାନା ଥିଲେ ହନ୍ତସନ୍ତ ହେବାକୁ ପଡୁଛି। ଏହାର ସୁଯୋଗ ନେଇ ମାତିଛନ୍ତି ଦଲାଲ । କିଛି ଟଙ୍କା ଦେଲେ ବିନା ଯାଂଚରେ ମିଳିଯାଉଛି ପ୍ରଦୂଷଣ ପ୍ରମାଣ ପତ୍ର। ମାତ୍ର ଦୁଇ ମିନିଟରେ ନିଅନ୍ତୁ ପିୟୁସିସି। ଘରେ ଗାଡି ଥିଲେ ବି ବିନା ଯାଞ୍ଚରେ ପ୍ରମାଣପତ୍ର ଦେଉଛନ୍ତି ଦଲାଲ । ଆଉ ଏ ହେଉଛି ସେହି ଦଲାଲ ମାନଙ୍କର ଚିଠା। ସାଧାରଣ ପିୟୁସିସି ପାଇଁ ୩୦ଟଙ୍କା । ଚାଲଣ ଥିଲେ ୧୦୦। ମୋତେ ଯୋଗାଯୋଗ କରନ୍ତୁ, ଆଉ ସୁବିଧାରେ ପ୍ରଦୂଷଣ ପ୍ରମାଣପତ୍ର ପାଆନ୍ତୁ । ଏହିଭଳି କିଛି ମେସେଜକୁ ନେଇ ଆରମ୍ଭ ହୋଇଛି ଘଣ୍ଟା ଚକଟା। ଯେଉଁ ନମ୍ବରରୁ ମେସେଜ ଆସୁଛି, ସେମାନେ ଅତି ସହଜରେ ସାର୍ଟିଫିକେଟ୍ ଦେଉଛନ୍ତି । ପରିବହନ ବିଭାଗର ସ୍ୱୀକୃତି ପ୍ରାପ୍ତ ପ୍ରଦୂଷଣ ଯାଞ୍ଚ ସେଣ୍ଟର ମାନେ ହିଁ ଏହି ପ୍ରମାଣପତ୍ର ଯୋଗାଇ ଦେଉଛନ୍ତି । ଯାହାକୁ ନେଇ ସାଇବର ଥାନା ଏହି ଦଲାଲଙ୍କୁ ସ୍କାନରରେ ରଖିଛି । ପେଟ୍ରୋଲ ଗାଡ଼ି ଯାଞ୍ଚ ପାଇଁ ଅତିକମରେ ୫ ମିନିଟ୍ ଓ ଡିଜେଲ ଗାଡ଼ି ୭ ମିନିଟ୍ ସମୟ ନେଉଥିବା ବେଳେ ମାତ୍ର ୨ ମିନିଟ୍ ଭିତରେ କେମିତି ପିୟୁସିସି ଦିଆଗଲା ? ସେନେଇ ଖୋଳତାଡ ଆରମ୍ଭ କରିଛି ପୁଲିସ। ଅକ୍ଟୋବରରୁ ଜାନୁଆରି ୪ ତାରିଖ ଅର୍ଥାତ ୩ମାସ ଭିତରେ ୧୨ ଲକ୍ଷ ୨୮ ହଜାର ୧୮୫ ଗାଡ଼ି ପ୍ରଦୂଷଣ ଯାଞ୍ଚ କରାଇ ପ୍ରମାଣପତ୍ର ନେଇଛନ୍ତି । ସେଥିମଧ୍ୟରୁ ପାଖାପାଖି ୧ ଲକ୍ଷ ୮୧ ହଜାର ୮୫୮ଗାଡ଼ି ବାହାର ରାଜ୍ୟରୁ ପିୟୁସିସି କରିଛନ୍ତି । ଆଉ କେବଳ ୨୯ ଡିସେମ୍ବରରେ ୧୧ ହଜାର ୫୨୭ଟି ଗାଡ଼ିର ପିୟୁସିସି ହୋଇଥିଲା । ଯାହାକୁ ନେଇ ପରିବହନ ବିଭାଗର ସନ୍ଦେହ ବଢିଥିଲା । ଅଭିଯୋଗ ଆସିବା ପରେ, ମୋଟ୍ ୮୨୮ କେନ୍ଦ୍ରରୁ ୭୨ଟିକୁ ବନ୍ଦ କରାଯାଇଥିଲା। ଆଗକୁ ଯେଉଁ ସେଣ୍ଟର ଗୁଡିକ ନିର୍ଦ୍ଧାରିତ ସମୟରୁ କମ୍ ସମୟ ଭିତରେ ପିୟୁସିସି ଦେଇଥିବେ ସେମାନଙ୍କୁ ବ୍ଲାକ ଲିଷ୍ଟେଡ୍ କରିବ ପରିବହନ ବିଭାଗ । ମୋବାଇଲ ନମ୍ବର, ଗାଡି ନମ୍ବର, ଗାଡିର ଫଟୋ ଦେଇ ପିୟୁସିସି ପାଉଥିଲେ ଗାଡି ମାଲିକ। ଦଲାଲଙ୍କ ଉତ୍ପାତ ଓ ବେଆଇନ୍ ପିୟୁସିସିକୁ ନଜରରେ ରଖି ଆଗାମି ଦିନରେ ଆଧାର ଲିଙ୍କ ପାଇଁ ନିର୍ଦ୍ଦେଶ ଦେଇଛି ପରିବହନ ବିଭାଗ ।

## ଲାଲୁଙ୍କ ପରେ ତେଜସ୍ୱୀଙ୍କ ହାତରେ ରହିବ ଦଳର କ୍ଷମତା

ନୂଆଦିଲ୍ଲୀ,୧୯/୧ : ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି)ର ନେତୃତ୍ୱ ତେଜସ୍ୱୀ ଯାଦବଙ୍କ ହାତକୁ ଯାଇପାରେ ବୋଲି ଚର୍ଚ୍ଚା ହେଉଛି। ବିହାର ବିଧାନସଭାର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବଙ୍କୁ ଦଳର କାର୍ଯ୍ୟକାରୀ ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ମନୋନୀତ କରାଯିବ ବୋଲି କୁହାଯାଉଛି। ଲାଲୁ ପ୍ରସାଦ ଯାଦବ ବର୍ତ୍ତମାନ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଛନ୍ତି। ତେବେ ଆସନ୍ତା ୨୫ ତାରିଖରେ ତେଜସ୍ୱୀଙ୍କ ନାମ କାର୍ଯ୍ୟକାରୀ ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଘୋଷଣା କରାଯାଇପାରେ।



ବିଦେଶ ଯାତ୍ରାରୁ ଫେରିବା ପରେ ତେଜସ୍ୱୀ ସକ୍ରିୟ ଅଛନ୍ତି। ଦଳର ଆଗାମୀ ରଣନୀତି ତଥା ବିଧାନସଭାରେ ପରାଜୟର କାରଣ ସମୀକ୍ଷା କରାଯାଉଛି। ପାଟନାରେ ତେଜସ୍ୱୀ ଯାଦବ ନିଜ ସରକାରୀ ବାସଭବନରେ କୋର କମିଟି ଓ ଲୋକସଭା, ରାଜ୍ୟସଭା ସଦସ୍ୟଙ୍କ ସହିତ ବୈଠକ କରିଛନ୍ତି। ଆରଜେଡିରେ ଲାଲୁଙ୍କ ପରେ ତେଜସ୍ୱୀ ଦ୍ୱିତୀୟ କ୍ଷମତାଶାଳୀ ନେତାଭାବେ ଗ୍ରହଣ କରାଯାଏ। ଦଳର ନୀତି ନିର୍ଦ୍ଧାରଣ ଠାରୁ ଯେକୌଣସି ବଡ଼ ନିଷ୍ପତ୍ତି ତେଜସ୍ୱୀ ନେଇଥାନ୍ତି। ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ଲାଲୁ ତେଜସ୍ୱୀଙ୍କୁ ଏହି କ୍ଷମତା ପ୍ରଦାନ କରିଥିଲେ। ବିଧାନସଭା ନିର୍ବାଚନ ବେଳେ କାହାକୁ ଦଳୀୟ ଟିକେଟ ମିଳିବ, କାହାର କଟିବ ସବୁ ନିଷ୍ପତ୍ତି ତେଜସ୍ୱୀ ନେଉଥିଲେ। କାର୍ଯ୍ୟକାରୀ ଅଧ୍ୟକ୍ଷ ପଦ

◆◆ପୃଷ୍ଠା ୭

## କୁହୁଡି ସାଜୁଛି କାଳ: ଦେଖାଗଲାନି ରାସ୍ତା, ୪୦ରୁ ଅଧିକ ଗାଡି ଧକ୍କା



ନୂଆଦିଲ୍ଲୀ,୧୯/୧ :କୁହୁଡି ନେଉଛି ଜୀବନ । ସଡ଼କ ଦୁର୍ଘଟଣାରେ ଜଣଙ୍କ ପରେ ଜଣଙ୍କର ଜୀବନ ଯାଉଛି । ନୋଏଡାରୁ ଆସିଛି ହୃଦୟବିଦାରକ ଘଟଣା । ଯେଉଁଠି ଜଣେ ଯୁବକ କାରରେ ଯାଉଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଛନ୍ତି । ରାସ୍ତାଘାଟ କିଛି ନଦିଶିବାରୁ ଯୁବକଙ୍କ କାର ଗୋଟିଏ ବିଶାଳ ନାଳରେ ପଡିଯାଇଥିଲା । ଘନ ଅନ୍ଧକାର ଓ କୁହୁଡି ପାଇଁ ଗାଡି ଦୁର୍ଘଟଣାଗ୍ରସ୍ତ ହେବା ସହ ଯୁବକ କାର ସହ ୭୦ଫୁଟ ଗଭୀର ପାଣିରେ ବୁଡିଯାଇଥିଲେ । ଅଧରାତିରେ ଏଭଳି ଘଟଣା ଘଟିବାରୁ ଆଖପାଖରେ କୌଣସି ସାହାଯ୍ୟ ପାଇନଥିଲେ । ତେବେ କୌଣସି ଭାବେ ଏସଡିଆରଏଫ ଟିମ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା । ତେବେ ଉଦ୍ଧାର ବେଳକୁ ଯୁବକ ଯୁବରାଜଙ୍କ ମୃତ୍ୟୁ ହୋଇସାରିଥିଲା ।

◆◆ପୃଷ୍ଠା ୭

## ଭୁବନେଶ୍ୱର ବିମାନ ବନ୍ଦରରେ ଏନସିବି ଏବଂ କଷ୍ଟମ ବିଭାଗର ଚେକିଂ

ଭୁବନେଶ୍ୱର, ୧୯/୧ (ନି.ପ୍ର): ଭୁବନେଶ୍ୱର ବିମାନ ବନ୍ଦରରେ ଏନସିବି ଏବଂ କଷ୍ଟମ ବିଭାଗ ପକ୍ଷରୁ ଚେକିଂ କରାଯାଇଛି । ଗତ କାଲି ବିଳମ୍ବିତ ରାତିରୁ ଭୋର ଯାଏଁ କରିଥିଲା ଯାଂଚ । ନିଶା କାରବାର ନେଇ ତଥ୍ୟ ମିଳିବା ଖବର ପାଇ ଚାଲିଥିଲା ଯାଂଚ । ଏହା ସହିତ ଯାତ୍ରୀ ମାନଙ୍କୁ ମଧ୍ୟ ଯାଂଚ କରାଯାଇଥିଲା । ଏନେଇ ଏନସିବି ଯୁଗ୍ମ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଗତ କିଛି ମାସ ହେବ ଭୁବନେଶ୍ୱର ଦେଇ ମାରିଜୁଆନ ଚାଲାଣ ହେଉଥିଲା । ଏନସିବିର ୧୫ରୁ ଅଧିକ ଅଫିସର ରେଡ଼ରେ ନିୟୋଜିତ ଥିଲେ ।

## ସୁନ୍ଦରପଦା ଅଂଚଳରେ ବଡ଼ଧରଣର ଡକାୟତ ଗ୍ୟାଙ୍ଗ ଗିରଫ

ଭୁବନେଶ୍ୱର, ୧୯/୧ (ନି.ପ୍ର): ଆର୍ଯ୍ୟନଗର ସୁନ୍ଦରପଦା ଅଂଚଳରେ ବଡ଼ଧରଣର ଡକାୟତ ଗ୍ୟାଙ୍ଗ ଗିରଫ । ୬ଜଣ ଡକାୟତଙ୍କୁ ଗିରଫ କଲା ଏୟାରଫିଲଡ଼ ଥାନା ପୋଲିସ । ସେମାନଙ୍କ ନିକଟରୁ ଖଣ୍ଡା, ଚାପଡ଼, ଲଙ୍କା ଗୁଣ୍ଡ,ସ୍କୃ ଡ୍ରାଇଭର ଜବତ କରାଯାଇଛି ବୋଲି ଭୁବନେଶ୍ୱର ଡିସିପି ସୂଚନା ଦେଇଛନ୍ତି। ଗିରଫ ଡକାୟତ ମାନେ ହେଲେ କାଲୁ ଚରଣ ନାୟକ, ଆର ରାଜୁ, ରାହୁଲ ମାଝୀ, ପ୍ରଭାତ ନାୟକ ଏବଂ ସଞ୍ଜୀବ କୁମାର ତ୍ରିପାଠୀ, ବିମଳ ମହାନ୍ତି । ଗିରଫ ଅଭିଯୁକ୍ତ ମାନଙ୍କ ନାଁରେ କମିସନରେଟ ପୋଲିସର ବିଭିନ୍ନ ଥାନାରେ ଏକାଧିକ ମାମଲା ଥିବା ତଦନ୍ତ ସମୟରେ ଜଣାପଡିଛି ।

## ଆସନ୍ତା ୨୨ରେ ମିଳିବ ସୁଭଦ୍ରା ଟଙ୍କା

ଭୁବନେଶ୍ୱର, ୧୮/୧ (ନି.ପ୍ର): ଜାନୁଆରି ୧୮ ତାରିଖ ନୁହେଁ ୨୨ରେ ମିଳିବ ସୁଭଦ୍ରା ଟଙ୍କା । ଏନେଇ ସୂଚନା ଦେଇଛନ୍ତି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ତାଙ୍କ କହିବା ମୁତାବକ, ଏଯାବତ ସୁଭଦ୍ରା ଯୋଜନାରେ ମୋଟ ୪ ଲକ୍ଷ ୫୭ ହଜାର ୬୮୧ଜଣ ମହିଳା ସାମିଲ ହୋଇସାରିଛନ୍ତି । ସେମାନଙ୍କ ମଧ୍ୟରେ ନୂଆକରି ୧ ଲକ୍ଷ ୭୮ ହଜାର ୩୯୮ ଜଣ ମହିଳାଙ୍କୁ ସାମିଲ କରାଯାଇଛି । ଯେଉଁମାନେ କି ପ୍ରଥମ ଥର ପାଇଁ ସୁଭଦ୍ରା କିସ୍ତି ପାଇବେ । ତେବେ ପ୍ରଥମ ଏବଂ ଦ୍ୱିତୀୟ କିସ୍ତିରୁ ବାଦ୍ ପଡ଼ିଥିବା ୨ ଲକ୍ଷ ୫୫ ହଜାର ୨୬୫ ଜଣଙ୍କୁ ଏଥର ସୁଭଦ୍ରା ଯୋଜନାରେ ସାମିଲ କରାଯାଇଛି। ସେମାନେ ଏଥର ଏକାବେଳକେ ଦୁଇଟି କିସ୍ତିର ଟଙ୍କା ପାଇବେ । ମିଳିଥିବା ସୂଚନା ଅନୁସାରେ, ଅଭିଯୋଗ ଶୁଣାଣି ପରେ ୨୪



ହଜାର ୧୮ ଜଣ ହିତାଧିକାରୀଙ୍କୁ ସୁଭଦ୍ରାରେ ସାମିଲ କରାଯାଇଥିବା ନେଇ ସୂଚନା ଦେଇଥିଲେ ଉପ-ମୁଖ୍ୟମନ୍ତ୍ରୀ । ତେବ ଆଜି ଟ୍ୱିଟ୍ କରି ପରବର୍ତ୍ତୀ କିସ୍ତି ୨୨ ତାରିଖରେ ମିଳିବ ବୋଲି ଘୋଷଣା କରିଛନ୍ତି ଉପମୁଖ୍ୟମନ୍ତ୍ରୀ । ଏକ୍ସ ହ୍ୟାଣ୍ଡେଲ୍‌ରେ ଟ୍ୱିଟ୍ କରି ସୂଚନା ଦେଇଛନ୍ତି ଯେ, ସୁଭଦ୍ରା ଯୋଜନାରେ ନୂତନ ଭାବେ ଯୋଡ଼ି ହୋଇଥିବା ହିତାଧିକାରୀମାନଙ୍କୁ ଜାନୁଆରି ୧୮ ତାରିଖ ବଦଳରେ ଜାନୁଆରୀ ୨୨ ତାରିଖରେ ସୁଭଦ୍ରା ସହାୟତା ଅର୍ଥ ରାଶି ପ୍ରଦାନ କରାଯିବ । ଗତ ମାସ ଅକ୍ଟୋବର ମାସରେ ପୁଣି ଥରେ ଖୋଲିଥିଲା ସୁଭଦ୍ରା ପୋର୍ଟାଲ । ଏଥର ସରକାର କିଛି ନିୟମ ମଧ୍ୟ ପରିବର୍ତ୍ତନ କରିଛନ୍ତି । ଏଥର ସୁଭଦ୍ରା ଯୋଜନାରେ ସମାନେ ହିଁ ସାମିଲ ହୋଇପାରିବେ ଯେଉଁମାନଙ୍କୁ ମାର୍ଚ୍ଚ ୩୧ ସୁଦ୍ଧା ୨୧ ବର୍ଷ ହୋଇଥିବ । ଆଉ ସେମାନେ ସୁଭଦ୍ରା ଟଙ୍କା ପାଇବାର ସମସ୍ତ କ୍ରାଇଟେରିଆ ପାଳନ କରୁଥିବା ନିତାନ୍ତ ଆବଶ୍ୟକ ।

◆◆ପୃଷ୍ଠା ୭

## କଂଗ୍ରେସ ଉପରେ ବର୍ଷିଲେ ମୋଦି

ନୂଆଦିଲ୍ଲୀ,୧୯/୧ : ଆସାମର କାଲିଆବୋରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପହଞ୍ଚିଛନ୍ତି। ଏକ ରାଲିରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜି ଭାଜପା ସାରା ଦେଶର ଲୋକଙ୍କ ପ୍ରଥମ ପସନ୍ଦ ପାଲଟିଛି। ଗତ ଦେଢ଼ ବର୍ଷ ଧରି, ଭାଜପା ଉପରେ ବିଶ୍ୱାସ ନିରନ୍ତର ବୃଦ୍ଧି ପାଉଛି। ନିକଟରେ ବିହାରରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସେଠାରେ ୨୦ ବର୍ଷ



ପରେ ମଧ୍ୟ, ଲୋକମାନେ ଭାଜପାକୁ ରେକର୍ଡ ସଂଖ୍ୟକ ଭୋଟ୍ ଦେଇଛନ୍ତି। ସେମାନେ ରେକର୍ଡ ଆସନ ଜିତିଛନ୍ତି। ମାତ୍ର ଦୁଇ ଦିନ ପୂର୍ବରୁ, ମହାରାଷ୍ଟ୍ରର ପ୍ରମୁଖ ସହରଗୁଡ଼ିକରେ ମେୟର ଏବଂ କାଉନସିଲର ନିର୍ବାଚନର ଫଳାଫଳ ଆସିଛି। ବିଶ୍ୱର ସବୁଠାରୁ ବଡ଼ କର୍ପୋରେଶନ ମଧ୍ୟରୁ ଗୋଟିଏ ମୁମ୍ବାଇ, ପ୍ରଥମ ଥର ପାଇଁ ସେଠାକାର ଲୋକମାନେ ଭାଜପାକୁ ରେକର୍ଡ ଜନାଦେଶ ଦେଇଛନ୍ତି। ବିଜୟ ମୁମ୍ବାଇରେ ହେଉଛି ଏବଂ କାଜିରଙ୍ଗାରେ

◆◆ପୃଷ୍ଠା ୭

## ଦିଲ୍ଲୀରୁ ବାଗଡୋଗ୍ରା ଯାଉଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନରେ ବୋମା ଧମକ ମିଳିବା ପରେ ଲକ୍ଷ୍ନୌରେ ଜରୁରୀକାଳୀନ ଅବତରଣ

ନୂଆଦିଲ୍ଲୀ,୧୯/୧ : ଦିଲ୍ଲୀରୁ ବାଗଡୋଗ୍ରା (ପଶ୍ଚିମବଙ୍ଗ) ଯାଉଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନରେ ବୋମା ଧମକ ମିଳିବା ପରେ ରବିବାର ସକାଳେ ବିମାନବନ୍ଦରରେ ଆତଙ୍କ ଖେଳିଗଲା। ପରେ ବିମାନକୁ ଲକ୍ଷ୍ନୌ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କରିବାକୁ ବାଧ୍ୟ କରାଯାଇଥିଲା। ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବରେ ଓହ୍ଲାଇବା ପରେ, ବମ୍ ସ୍କ୍ୱାଡ୍ ଏବଂ ଅନ୍ୟାନ୍ୟ ସୁରକ୍ଷା କର୍ମଚାରୀମାନେ ଯାଂଚ୍ କରୁଛନ୍ତି। ସୂଚନା ଅନୁଯାୟୀ, ଏୟାର ଟ୍ରାଫିକ୍ କଂଟ୍ରୋଲ (ଏଟିସି) ସକାଳ ୮ଟା ୪୬ ସମୟରେ ଦିଲ୍ଲୀରୁ ବାଗଡୋଗ୍ରା (ପଶ୍ଚିମବଙ୍ଗ) ଯାଉଥିବା ଇଣ୍ଡିଗୋ ଏୟାରଲାଇନ୍ସର ବିମାନ ନମ୍ବର ୬ଇ-୬୬୫୦ରେ ବୋମା ଧମକ ପାଇଥିଲା। ସୁରକ୍ଷା ସତର୍କତା ଅବଲମ୍ବନ କରି, ବିମାନଟି ସକାଳ ୯ଟା ୧୭ ସମୟରେ ଲକ୍ଷ୍ନୌ ବିମାନବନ୍ଦରରେ ସୁରକ୍ଷିତ ଜରୁରୀକାଳୀନ ଅବତରଣ କରିଥିଲା। ତା'ପରେ ଯାତ୍ରୀମାନଙ୍କୁ ଓହ୍ଲାଇ ଦିଆଯାଇଥିଲା ଏବଂ ବିମାନକୁ ତୁରନ୍ତ ଏକ ଆଇସୋଲେସନ ବେ ରେ ରଖାଯାଇଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ବିମାନର ବାଥରୁମରେ ଟିସୁ ପେପରରେ ଏକ ହାତଲେଖା ନୋଟ୍ ମିଳିଥିଲା, ଯେଉଁଥିରେ ଲେଖାଥିଲା, 'ବିମାନରେ ବୋମା ଅଛି।' ସୂଚନା ପାଇବା ପରେ, ବିମାନକୁ ଲକ୍ଷ୍ନୌକୁ ସ୍ଥାନାନ୍ତର କରାଯାଇଥିଲା। ବିମାନଟିରେ ୨୨୨ ଜଣ ଯାତ୍ରୀ, ୮ ଜଣ ଶିଶୁ, ୨ ଜଣ ପାଇଲଟ୍ ଏବଂ ୫ ଜଣ କ୍ରୁ ସଦସ୍ୟ ଥିଲେ। ବୋମା ଦଳ, ଅଗ୍ନିଶମ ବାହିନୀ, ଡାକ୍ତରୀ ଦଳ, ସୁରକ୍ଷା ସଂସ୍ଥା ଏବଂ ବିମାନବନ୍ଦର ପ୍ରଶାସନ ମିଳିତ ତଦନ୍ତ କରିଥିଲେ। ଏଥି ସହିତ ବିମାନବନ୍ଦରରେ ସୁରକ୍ଷା କଡ଼ାକଡ଼ି କରାଯାଇଛି।

## ବାଲି, ଖଣି ଓ ଗୋମାଫିଆଙ୍କୁ ଛାଟ ପରେ ଖୋଲିଲା କଳାଚିଠା : କେବେ ପଡିବ କାର୍ପେଟଦାରଙ୍କ ପାଳି ?

ଗଞ୍ଜାମ, ୧୮/୧ (ନି.ପ୍ର): ବାଲି, ଖଣି ଓ ଗୋ ମାଫିଆଙ୍କ ଉପରେ ପଡିଛି ଛାଟ। ଗଞ୍ଜାମ ଜିଲ୍ଲାର ଏକାଧିକ ବାଲି ଓ କଳାପଥର ମାଫିଆଙ୍କ ବିଭିନ୍ନ ଠିକଣାରେ ଇଡି ଚଢ଼ାଉ ପରେ ଖୋଲିଛି କଳାଚିଠି । କେନ୍ଦୁଝର ପୁଲିସର ବିଭିନ୍ନ ଜିଲ୍ଲାରେ ରେଡ୍ ପରେ ସାମନାକୁ ଆସିଛି ଗୋ-ମାଫିଆଙ୍କ କେଳେଙ୍କାରୀ । ପୁଳା ପୁଳା ସମ୍ପତ୍ତି ଠାବ ପରେ ବାନ୍ଧିଛି ପୁଲିସ । କିନ୍ତୁ ଚୋରା ଚାଲାଣର କାର୍ପେଟଦାର ଏବେ ବି ଅପହଂଚ ହୋଇ ରହିଛନ୍ତି। ବାଲି, କଳାପଥର, ମଦ, ଗୋ-ମାଫିଆଙ୍କୁ ସାବାଡ଼ କରିବାକୁ ପଡିଛି ଛାଟ । ଗଞ୍ଜାମରେ ବାଲି ଓ ମଦ ମାଫିଆଙ୍କ ୨୫ଟି ଠିକଣାରେ ୧୭୫ଜଣିଆ ଟିମ୍ ଚଢ଼ାଉ କରିଛନ୍ତି। ୨.୬୩ କୋଟି ନଗଦ ଟଙ୍କା, ୧୦ରୁ ଅଧିକ ଦାମୀ କାର୍ ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ। ଅନ୍ୟପଟେ କେନ୍ଦୁଝର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର ଓ ଖୋର୍ଦ୍ଧାରେ ହୋଇଛି ଅପରେସନ ଗୋ-ରକ୍ଷା । କେନ୍ଦୁଝରରେ ହୋଇଥିବା ଏକ ମାମଲା ଆଧାରରେ ୫ଜିଲ୍ଲାରେ ଥିବା ଗୋ-ମାଫିଆଙ୍କ ଠିକଣାରେ ରେଡ୍ କରିଛି ପୁଲିସ । ୧.୪୨ କୋଟି ଟଙ୍କା, କେଜିଏ ସୁନା, ୩ କିଲୋ ରୁପା, ୨୩ଟି ଚାରିଚକିଆ ଓ ୨୩ ବାଇକ୍ ଜବତ । ୫୦ କୋଟିରୁ ଅଧିକ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଚିହ୍ନଟ । ବେଆଇନ ଗୋ-ଚାଲାଣରେ ସମ୍ପୃକ୍ତ ଥିବା ସେକ୍ ରାଜନ ସମେତ ୧୦ରୁ ଅଧିକ ଗୋ-ମାଫିଆଙ୍କୁ ଗିରଫ କରାଯାଇଛି । ଇଡ଼ି ତଦନ୍ତ ବେଳେ ତଦନ୍ତକାରୀ ଟିମ୍ ହାତରେ ଲାଗିଛି ସାଂଘାତିକ ତଥ୍ୟ। ବାଲି ଓ କଳା ପଥର ମାଫିଆଙ୍କ ପଛରେ ରହିଛି ବାହୁବଳୀଙ୍କ ହାତ। ସାମ୍ନାକୁ ନଆସି ଦେଉଥିଲେ ସୁରକ୍ଷା ।

◆◆ପୃଷ୍ଠା ୭

# ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କ ଦିନିକିଆ ମାଲକାନଗିରି ଜିଲ୍ଲା ଗସ୍ତ : ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା

ମାଲକାନଗିରି, ୧୮/୧ (ନି.ପ୍ର): ଗୃହ ଓ ନଗର ଉନ୍ନୟନ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଦିନିକିଆ ମାଲକାନଗିରି ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଗୃହ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି ଶ୍ରୀମତୀ ପାଢ଼ୀ। ପ୍ରମୁଖ ଶାସନ ସଚିବ ବିଭାଗରେ ରହିଥିବା ବିଭିନ୍ନ ସମସ୍ୟା ବିଷୟରେ ପଚାରି ବୁଝିବା ସହ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାରେ ପହଂଚିବା ପରେ ସର୍ବ ପ୍ରଥମେ ଗୋବିନ୍ଦପାଲି ଗସ୍ତ କରି ବସ୍ ଷ୍ଟାଣ୍ଡ ର ସ୍ଥିତି ସମୀକ୍ଷା କରିଥିଲେ। ତତ୍ ପରେ ମାଥିଲି ସ୍ଥିତ ନୂତନ ଭାବେ ନିର୍ମାଣଧିନ ବସ୍ ଷ୍ଟାଣ୍ଡ ମଧ୍ୟ ବୁଲି ଦେଖିଛନ୍ତି ପ୍ରମୁଖ ଶାସନ ସଚିବ। ମାଲକାନଗିରି ପହଂଚିବା ପରେ ଆଂଚଳିକ ପରିବହନ କାର୍ଯ୍ୟାଳୟ ଗସ୍ତ କରି ଅଧିକାରୀଙ୍କ ସହ ଆଲୋଚନା କରିବା ସହ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଛନ୍ତି। ପରେ ପୌର ପରିଷଦ ମାଲକାନଗିରିର ନୂତନ ଭାବେ ନିର୍ମିତ ହେଉଥିବା କୋଠା ବୁଲି ଦେଖିଛନ୍ତି । ସେହିପରି ପୌର ପରିଷଦର ଏମଭି ୪୨ ସ୍ଥିତ ଜବରଦସ୍ତି କଲୋନୀରେ ସ୍ୱଚ୍ଛ ଭାରତ ଅଧୀନରେ କାର୍ଯ୍ୟ କରୁଥିବା କମ୍ପୋଷ୍ଟ ସେଣ୍ଟର୍ ଠାରେ କାର୍ଯ୍ୟରତ ସ୍ୱଚ୍ଛ କର୍ମଚାରୀଙ୍କ ସହ କଥାବାର୍ତ୍ତା କରିଛନ୍ତି ଶ୍ରୀମତୀ ପାଢ଼ୀ। ସ୍ୱଚ୍ଛ କର୍ମଚାରୀଙ୍କ କଣ ସବୁ ସମସ୍ୟା ରହିଛି, ସେମାନଙ୍କର ଜୀବନ ଜୀବିକାରେ କିଭଳି ଉନ୍ନତି ହୋଇପାରିବ ସେଥି ନିମନ୍ତେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବି ବି ଗୁଡା ଟ୍ୟାଙ୍କ ପରିଦର୍ଶନ କରି ଜଳ ସଂରକ୍ଷଣ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ପୌର ପରିଷଦର ଅଧିକାରୀ ଏଥି ନିମନ୍ତେ ୨ କୋଟି ଟଙ୍କାର ଆର୍ଥିକ ପାଣ୍ଠି ଆବଶ୍ୟକତା ରହିଛି ବୋଲି ସଚିବଙ୍କୁ ଅବଗତ କରାଇଥିଲେ। ତୁରନ୍ତ ଡିପିଆର ପ୍ରସ୍ତୁତ କରି ଗୃହ ଓ ନଗର ଉନ୍ନୟନ ବିଭାଗକୁ ପଠାଇବାକୁ ନିର୍ଦ୍ଦେଶ ଦେବା ସହ ପାଣ୍ଠି ମଞ୍ଜୁର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ପ୍ରମୁଖ ଶାସନ ସଚିବ। ସେ ସହରରେ ନିର୍ମାଣ ଚାଲିଥିବା ବସ୍ ଷ୍ଟାଣ୍ଡ କାର୍ଯ୍ୟର ଅଗ୍ରଗତି ମଧ୍ୟ ତଦାରଖ କରିଥିଲେ। ବସ୍ ଷ୍ଟାଣ୍ଡ ନିକଟରେ ଥିବା ଆହାର କେନ୍ଦ୍ର ପରିଦର୍ଶନରେ ଯାଇ ଲୋକଙ୍କ ସହ କଥାବାର୍ତ୍ତା ହୋଇଥିଲେ। ସେହିପରି ଏୟାରଷ୍ଟ୍ରିପ ପରିଦର୍ଶନରେ ଯାଇ ରାସ୍ତା ଓ କୋଠାବାଡ଼ି ବିଭାଗ ଯନ୍ତ୍ରୀଙ୍କ ସହ ଏହାର ସ୍ଥିତି ଓ ରହିଥିବା ସମସ୍ୟା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। କିଭଳି ଶୀଘ୍ର ଏୟାରଷ୍ଟ୍ରିପ କାର୍ଯ୍ୟକ୍ଷମ ହେବ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ । ପରିଶେଷରେ ପୌର ପରିଷଦ ଦ୍ୱାରା ପରିଚାଳିତ ଆଦର୍ଶ ଶ୍ମଶାନ ଗସ୍ତ କରି ଏହାର ରକ୍ଷଣାବେକ୍ଷଣ ବୁଲି ଦେଖିଥିଲେ।

ଏହି ଗସ୍ତରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନୂଆପଡ଼ାରେ ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନ ସମୀକ୍ଷା ବୈଠକ

ନୂଆପଡ଼ା, ୧୮/୧ (ନି.ପ୍ର): କୁଷ୍ଠ ନିରାକରଣ ଦିବସ ୨୦୨୬ ଉପଲକ୍ଷେ ନୂଆପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନ ଉପରେ ଜିଲ୍ଲା ସମନ୍ୱୟ କମିଟିର ଏକ ସମୀକ୍ଷା ବୈଠକ ଆଜି ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କୁଷ୍ଠ ନିରାକରଣ ଦିବସ ୨୦୨୬ ଜାନୁଆରୀ ୩୦ ରୁ ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏ ବର୍ଷ କୁଷ୍ଠ ନିରାକରଣ ଦିବସର ବିଷୟବସ୍ତୁ ହେଉଛି 'ଅନ୍ତ ଭେଦଭାବର, ସୁରକ୍ଷା ମର୍ଯ୍ୟାଦାର' । ୨୦୨୭ ସୁଦ୍ଧା ଦେଶରୁ କୁଷ୍ଠ ରୋଗର ନିପାତ ପାଇଁ ଲକ୍ଷ୍ୟ ରଖାଯାଇଛି। ବୈଠକ ଆରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ ଧନେଶ୍ୱର ସେଠୀ କୁଷ୍ଠ ରୋଗର ନିରାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ। ଜିଲ୍ଲା କୁଷ୍ଠ କନ୍ସଲ୍ଟାଣ୍ଟ ଡକ୍ଟର ଅନିତା ସାହୁ ଜିଲ୍ଲାରେ କୁଷ୍ଠ ରୋଗର ନିରାକରଣ ଓ ପୀଡ଼ିତ ବ୍ୟକ୍ତିମାନେ ଯେମିତି ସମ୍ମାନର ସହିତ ବଂଚିବେ ତାହା ଉପରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଉପସ୍ଥାପନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ କହିଲେ ଯେ, କୁଷ୍ଠ ରୋଗ ଏକ ମାରାତ୍ମକ ରୋଗ ନୁହଁ କି ଏକ ମହାମାରୀ ନୁହେଁ। ଜିଲ୍ଲାର ସମସ୍ତ କୁଷ୍ଠ ରୋଗୀର ଏକ ତାଲିକା ପ୍ରସ୍ତୁତ କରି ସମସ୍ତ ବିଡ଼ିଓ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପଠା ଯିବ କ୍ଷ କୁଷ୍ଠ ରୋଗୀମାନେ ଯେପରି ସମସ୍ତ ସରକାରୀ ଯୋଜନାର ସୁବିଧା ପାଇବେ ଏଥି ନିମନ୍ତେ ପଦକ୍ଷେପ ଗ୍ରହଣ କରିବେ ପାଇଁ ସେ ଆଦେଶ ଦେଇଛନ୍ତି । ସେ କହିଲେ ଯେ, ବିସ୍ତୃତ ଜନଶୁଣାଣି ସମୟରେ କୁଷ୍ଠ ରୋଗ ଉପରେ ସଚେତନତା ସୃଷ୍ଟି କରାଯିବ । ସେହିପରି ଜିଲ୍ଲାର ସମସ୍ତ ସ୍କୁଲରୁ ନବମ କ୍ଲାସ ର ଟପର ଛାତ୍ରୀଙ୍କୁ କୁଷ୍ଠ ରୋଗର ନିରାକରଣ ପାଇଁ ହେଉଥିବା ସଚେତନତା କାମ୍ପେନ ର ବ୍ରାଣ୍ଡ ଆମ୍ବାସାଡର୍ ବଛା ଯିବ । ଏହି ଅବସରରେ ଜିଲ୍ଲାପାଳ ଘୋଷଣା କଲେ ଯେ ପ୍ରତି ମାସରେ ସେ ଜଣେ କୁଷ୍ଠ ରୋଗୀଙ୍କ ଘରକୁ ଯିବେ, ସେମାନଙ୍କ ସ୍ଥିତି ପରଖିବେ ଓ ଜନସଚେତନତା ସୃଷ୍ଟି କରିବେ । ସେମାନେ ମଧ୍ୟ ସମାଜର ଅବିଚ୍ଛିନ୍ନ ଅଙ୍ଗ, ଏହି ଆତ୍ମପ୍ରତ୍ୟୟ ସେମାନଙ୍କ ମନରେ ସୃଷ୍ଟି କରାଯିବ । ଏହା ସହିତ ନିର୍ଦ୍ଦେଶ ଦେଲେ ଯେ, ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର, ଆୟୁଷ୍ମାନ ମନ୍ଦିରରରେ ଜିଲ୍ଲା ବାସୀଙ୍କୁ ସ୍ୱାସ୍ଥ୍ୟ ସଚେତନ କରିବା ପାଇଁ ଏହି ବାର୍ତ୍ତା ଲେଖାହେବ ଯେ ' ଖାଦ୍ୟକୁ ଔଷଧ ରୂପେ ଖାଅ, ଅନ୍ୟଥା ତୁମକୁ ଔଷଧକୁ ଖାଦ୍ୟ ରୂପରେ ଖାଇବାକୁ ପଡ଼ିବ ।'ବୈଠକରେ ସ୍ପର୍ଶ କୁଷ୍ଠ ସଚେତନତା ପାଇଁ ଏକ ଶପଥ ପାଠ କରାଯାଇଥିଲା। ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ କୁଷ୍ଠ ରୋଗୀଙ୍କ ପ୍ରତି ଘୃଣା ଓ ସାମାଜିକ ଭେଦଭାବ ରଖିବେ ନାହିଁ ଏବଂ ସେମାନଙ୍କ ଚିକିତ୍ସା ଓ ଚିହ୍ନଟ ପାଇଁ ସମସ୍ତ ପ୍ରକାର ସହଯୋଗର ହାତ ବଢ଼େଇବେ ବୋଲି ଶପଥ ନେଲେ। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ( କୁଷ୍ଠ ରୋଗ) ଡଃ. ତନ୍ମୟ ତ୍ରିପାଠୀ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ( ପରିବାର କଲ୍ୟାଣ), ଡଃ. ଜ୍ୟୋତିର୍ମୟ ମହାନ୍ତି, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ( ଟିବି), ଡଃ. ଦିଲୀପ କୁମାର ଦାସ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲ୍ଲା ପ୍ରକଳ୍ପ ମ୍ୟାନେଜର ସତ୍ୟ ନାରାୟଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାପାଳ କୁଷ୍ଠ ମୁକ୍ତ ନୂଆପଡା ଗଠନ ପାଇଁ ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ଶପଥ ପାଠର ଏକ ବାର୍ତ୍ତା ଦେଇଛନ୍ତି ।

## ଭୁବନ ନଗର କଂଗ୍ରେସ ନୂତନ ସଭାପତି ବିନୋଦ ମହାରଣା

ଭୁବନ, ୧୮/୧ (ନି.ପ୍ର): ଭୁବନ ନଗର କଂଗ୍ରେସର ନୂତନ ସଭାପତି ଭାବେ ବିନୋଦ ମହାରଣାଙ୍କୁ ଦାୟିତ୍ୱ ମିଳିଛି। ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନ କ୍ରମେ ବିନୋଦ ମହାରଣାଙ୍କୁ ସଭାପତି ଭାବେ ଘୋଷଣା କରାଯାଇଛି। ଭୁବନର ବିଜ୍ଞାପିତ ଅଂଚଳ ପରିଷଦର ୱାର୍ଡ ନମ୍ବର ୭ ର ଶଙ୍କର ମହାରଣାଙ୍କ ସାନ ପୁଅ ବିନୋଦ ମହାରଣା ୨୦୧୪ ରୁ ୨୦୧୯ ବିଧାନସଭା ଯୁବ କଂଗ୍ରେସର ସଭାପତି ଓ ୨୦୧୯ ରୁ ୨୦୨୫ ପର୍ଯ୍ୟନ୍ତ ଢେଙ୍କାନାଳ ଜିଲ୍ଲାର ସମ୍ପାଦକ ଥିଲେ। ଏଥିସହିତ ୨୦୨୨ ରେ କଂଗ୍ରେସ ଟିକଟରେ ଭୁବନ ଏନଏସି ର ନଗରପାଳ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ଶ୍ରୀ ମହାରଣାଙ୍କ ଭଳି ଜଣେ ସୁଦକ୍ଷ, ସ୍ପଷ୍ଟବାଦୀ, ବିଦ୍ୱାନ, ଉଚ୍ଚ ଶିକ୍ଷିତ ତଥା ଉଦୀୟମାନ ଯୁବକଙ୍କୁ ଭୁବନ ଟାଉନ କଂଗ୍ରେସ ସଭାପତି ଭାବେ ଚୟନ କରାଯାଇଥିବାରୁ ଭୁବନର ଯୁବକମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି।

# ୪ ଅଭ୍ୟାସଗତ ଅପରାଧୀଙ୍କୁ ନ୍ୟାୟିକ ହାଜତକୁ ପଠାଇଲେ କୋର୍ଟ

ଜୟପୁର, ୧୮/୧ (ନି.ପ୍ର): ଜୟପୁର ଟାଉନ ପୋଲିସ ଚାରି ଜଣ ଅଭ୍ୟାସଗତ ଅପରାଧୀଙ୍କ ପାଇଁ ସଫଳତାର ସହ ଅଟକ ଆଦେଶ ହାସଲ କରିଛି । ଅସାମାଜିକ ଉପାଦାନଗୁଡ଼ିକୁ କଡ଼ା ବାର୍ତ୍ତା ଦେଇ ଜୟପୁରର ଏସଡିଏମଙ୍କ କୋର୍ଟ ଏହି ବ୍ୟକ୍ତିମାନଙ୍କୁ ସେମାନଙ୍କର ବାକି ବଣ୍ଡ ଅବଧି ପ୍ରାୟ ନଅ ମାସ ପାଇଁ ନ୍ୟାୟିକ ହାଜତରେ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅଭିଯୁକ୍ତମାନେ ପୂର୍ବରୁ ଧାରା ୧୨୯ ବିଏନଏସଏସ ପୂର୍ବରୁ ଧାରା ୧୧୦ ସିଆରପିସିର ବ୍ୟବସ୍ଥା ଅନୁଯାୟୀ ଭଲ ଆଚରଣ ବଣ୍ଡ କାର୍ଯ୍ୟକାରୀ କରିଥିଲେ ଶାନ୍ତି ବଜାୟ ରଖିବା ଏବଂ ଅପରାଧିକ କାର୍ଯ୍ୟକଳାପରୁ ଦୂରେଇ ରହିବା ପାଇଁ ପ୍ରତିଜ୍ଞା କରିଥିଲେ। ତଥାପି ସେମାନଙ୍କର ଆଇନଗତ ପ୍ରତିବଦ୍ଧତା ସତ୍ତ୍ୱେ ସେମାନେ ସମାଜ ବିରୋଧୀ ଆଚରଣ ଏବଂ ବାରମ୍ବାର ଅପରାଧିକ ଅପରାଧରେ ଲିପ୍ତ ରହିଲେ ଯାହା ଫଳରେ ସେମାନଙ୍କ ବଣ୍ଡର ସର୍ତ୍ତାବଳୀ ଉଲ୍ଲଂଘନ କରିଥିଲେ।ସାର୍ବଜନୀନ ଶୃଙ୍ଖଳା ପ୍ରତି ସେମାନଙ୍କର କ୍ରମାଗତ ବିପଦକୁ ତୁରନ୍ତ ବିଚାର କରି, ପୋଲିସ ବିଏନଏସଏସର ଧାରା ୧୨୯ ସୁରକ୍ଷା ପ୍ରଦାନ କରିବାରେ ବିଫଳ ହୋଇଥିବା କିମ୍ବା ବଣ୍ଡ ସର୍ତ୍ତାବଳୀ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କୁ କାରାଦଣ୍ଡ ସହିତ ଜଡିତ ଆଇନ ଅନୁଯାୟୀ ସେମାନଙ୍କୁ ଅଟକ ରଖିବା ପାଇଁ କୋର୍ଟକୁ ଆବେଦନ କରିଥିଲା ପୋଲିସ। ଏ ସଂକ୍ରାନ୍ତରେ ଅଟକ ବ୍ୟକ୍ତି ଏବଂ ସେମାନଙ୍କର ଅପରାଧିକ ଇତିହାସ ଗୁଡ଼ିକ ହେଲା ଲିପୁନ ନାଗ ବାପୁଜୀ ନଗର ଜୟପୁର ବିରୁଦ୍ଧରେ ସଂଗଠିତ ଅପରାଧ ଏବଂ ଅପରାଧୀ ପାଇଁ ହତ୍ୟା ଉଦ୍ୟମ ଏବଂ ପୋଡ଼ିଦେବାର ତିନୋଟି ପ୍ରମୁଖ ଅପରାଧିକ ମାମଲା ରହିଥିଲା। ସ୍ୱାଧୀନ ପାଣିଗ୍ରାହୀ ଓଡ଼ିଆ ମେଦ୍ରି ସାହି ଜୟପୁର ବିରୁଦ୍ଧରେ ଘରଭଙ୍ଗା ଏବଂ ଚୋରି ଠାରୁ ଡକାୟତି ପର୍ଯ୍ୟନ୍ତ ଆଠଟି ଅପରାଧିକ ମାମଲା ସହ ଚାଲାଣ ଧମକ ଏବଂ ସଂଗଠିତ ଆକ୍ରମଣ ରହିଛି। କାର୍ତ୍ତିକ ନାଗ ଗୋପବନ୍ଧୁ ନଗର ଜୟପୁର ବିରୁଦ୍ଧରେ ବନ୍ଧୁକ ସହିତ ଡକାୟତି ସରକାରୀ କର୍ମଚାରୀଙ୍କୁ ବାଧା ଦେବା ଏବଂ ଅପରାଧିକ ଧମକ ଏବଂ ସଂଗଠିତ ଅପରାଧ ସମେତ ନିରନ୍ତର ହିଂସାତ୍ମକ ଆଚରଣ ସହିତ ଜଡିତ ନଅଟି ମାମଲା ରହିଛି। ଅଶୋକ ହନ୍ତାଳଙ୍କ ବାପୁଜୀ ନଗର ଜୟପୁର ବିରୁଦ୍ଧରେ ବହୁ ବର୍ଷ ଧରି ସାତଟି ମାମଲା ରହିଛି ଯେଉଁଥିରେ ସଶସ୍ତ୍ର ଡକାୟତି ପ୍ରସ୍ତୁତି ଘର ଦହନ ଡକାୟତି ଏବଂ ସଂଗଠିତ ଅପରାଧ ଅନ୍ତର୍ଭୁକ୍ତ ରୋହିଥିଲା।ଜୟପୁରରେ ଅପରାଧ ବିରୋଧୀଙ୍କ ବିରୁଦ୍ଧ ଅଭିଯାନରେ ସାମ୍ପ୍ରତିକ ପୋଲିସର ସଫଳତା ଗୁଡ଼ିକ ହେଲା ସଂଗଠିତ ସିଣ୍ଡିକେଟ୍ ଉପରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଫଳରେ ଧାରା ୩ ର ନୂତନ ବ୍ୟବସ୍ଥା ଅନୁଯାୟୀ ୩୫ ଜଣ ସକ୍ରିୟ ସଦସ୍ୟଙ୍କୁ ନ୍ୟାୟିକ ହେପାଜତକୁ ପଠାଯାଇଛି ଜାତୀୟ ସୁରକ୍ଷା ଆଇନ ନାସା ଅଧୀନରେ ଜୟପୁର ସଦର ଥାନା ଉମୁରି ଗ୍ରାମର ତ୍ରିନାଥ ନାୟକଙ୍କ ପୁଅ ପ୍ରିନ୍ସ ଓରଫ ହୃଦାନନ୍ଦ ନାୟକ ବିରୁଦ୍ଧରେ ସମସ୍ତ କାଗଜାତି ପ୍ରସ୍ତୁତ ହୋଇଛି।

ନିଶା ବିରୋଧୀ ଅଭିଯାନ ଏନଡିପିଏସ ଆଇନ ଅନୁଯାୟୀ ୧୬ ଜଣ ଚାଲାଣକାରୀଙ୍କୁ ଗିରଫ କରି ଜେଲ ପଠାଇ ଦିଆଯାଇଛି। ସମ୍ପ୍ରତି ଚୋରି କରିଥିବା ଅପରାଧୀଙ୍କ ଅନୁସନ୍ଧାନ ଯୋଗୁଁ ୫୬ ଜଣ ଗିରଫ ହୋଇଛନ୍ତି ଏବଂ ଚୋରି ସମ୍ପତ୍ତିର ଉଲ୍ଲେଖନୀୟ ପୁନରୁଦ୍ଧାର କରିଛି । ସମ୍ପ୍ରତି ଅପରାଧ ସମେତ ବିଭିନ୍ନ ଗମ୍ଭୀର ଅପରାଧରେ ପ୍ରାୟ ୧୭୦ ଜଣ ଅପରାଧୀଙ୍କୁ ଜେଲ ପଠାଯାଇଛି। ପିଟ ଏନଡିପିଏସ ଆଇନ ଏନଏସଏ ୧୨୯ ବିଏନଏସଏସ ବଣ୍ଡ ଉଲ୍ଲଂଘନର ଏକାଧିକ ପ୍ରସ୍ତାବ ପ୍ରଗତିରେ ଅଛି। ନୂତନ ସିସି ଟିଭି ସ୍ଥାପନର ପ୍ରୟାସ ଜାରି ରହିଛି ରାସ୍ତାରେ ଅପରାଧ କରିଥିବା ଉପରେ କଠୋର କାର୍ଯ୍ୟାନୁଷ୍ଠାନ ହୋଇଛି । ରେଟ୍ରୋଫିଟେଡ୍ ଯାନବାହନ ଏବଂ ମଦ୍ୟପାନ କରି ଗାଡି ଚାଳନାକୁ କଠୋର ହସ୍ତକ୍ଷେପ ସହିତ ମୁକାବିଲା କରାଯାଇଛି। ଜୟପୁର ଜନସାଧାରଣ ଏବଂ ସାଧାରଣ ନାଗରିକଙ୍କ ନିରନ୍ତର ସମର୍ଥନ ପାଇଁ କୋରାପୁଟ ଏସପି କୃତଜ୍ଞତା ପ୍ରକାଶ କରିଛନ୍ତି। ଆମ ସମସ୍ତଙ୍କ ପାଇଁ ଜୟପୁରର ନିରାପତା ପାଇଁ ପ୍ରତିବଦ୍ଧ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଜୟପୁର ଉପଖଣ୍ଡ ପୋଲିସ ଅଧିକାରୀ ପାର୍ଥ ଜଗଦୀଶ କାଶ୍ୟପ ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତଙ୍କ ଉପସ୍ଥିତିରେ ସୂଚନା ଦେଇଛନ୍ତି।

# ଅଖିଳ ଭାରତୀୟ ସାହିତ୍ୟ ପରିଷଦର କର୍ମକର୍ତ୍ତା ସମ୍ମିଳନୀ

ଭୁବନ, ୧୮/୧ (ନି.ପ୍ର): ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଢେଙ୍କାନାଳ ଜିଲ୍ଲା ଶାଖା ପକ୍ଷରୁ ବୃଦ୍ଧେଶ୍ୱର ମନ୍ଦିର ପରିସରରେ ମକର ମିଳନ, ଫକୀରମୋହନ ଜୟନ୍ତୀ ଓ କର୍ମକର୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟ ପରିଷଦର ଜିଲ୍ଲା ଅଧ୍ୟକ୍ଷ ଡଃ ଦୁର୍ଗା ମାଧବ ପୃଷ୍ଟି ସଭାପତିତ୍ୱ କରିଥିଲେ । ଜିଲ୍ଲା ସମ୍ପାଦକ ପ୍ରମୋଦ କୁମାର ପରିଡ଼ା ସ୍ୱାଗତ ଭାଷଣ ଦେବା ସହ ଅନୁଷ୍ଠାନ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ ଏବଂ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ଉତ୍ସବର ପ୍ରାରମ୍ଭରେ ପରିଷଦର ଉପଦେଷ୍ଟା ଆର୍ଯ୍ୟକବି ପଣ୍ଡିତ ପ୍ରମୋଦ କୁମାର ମିଶ୍ର ଆଶୀର୍ବଚନ ପ୍ରଦାନ କରିବା ଅବସରରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୀବନୀ ଓ ଅବଦାନ ସମ୍ପର୍କରେ ଆଲୋକପାତ କରିଥଲେ । ପରିଷଦର ଅନ୍ୟତମ ଉପଦେଷ୍ଟା ପଣ୍ଡିତ ଦିବାକର ନନ୍ଦ ମକର ସଂକ୍ରାନ୍ତିର ମହତ୍ୱ ଏବଂ ମକର ମିଳନ ପାଳନର ତାତ୍ପର୍ଯ୍ୟ ଉପରେ ବକ୍ତବ୍ୟ ରଖିଥିଲେ । ଜିଲ୍ଲା ଅଧ୍ୟକ୍ଷ ଡଃ ଦୁର୍ଗା ମାଧବ ପୃଷ୍ଟି ଅନୁଷ୍ଠାନର ଆଗାମୀ ଏକ ବର୍ଷ ପାଇଁ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇବା ସହ ବିଭିନ୍ନ ବ୍ଲକ୍ କର୍ମକର୍ତା ନିଜ କାର୍ଯ୍ୟକ୍ରମର ସୂଚନା ଦେବାକୁ ପରାମର୍ଶ ଦେଇଥିଲେ । ଏହା ଛଡ଼ା ଅନୁଷ୍ଠାନ ପକ୍ଷରୁ ଏକ ଲୁପ୍ତ ଶବ୍ଦାଭିଧାନ ପ୍ରକାଶ କରିବା ପାଇଁ ପ୍ରସ୍ତାବ ରଖିଥିଲ । ଅଧ୍ୟାପକ ଲଳିତ କୁମାର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ସର୍ବଶ୍ରୀ ସୁରେନ୍ଦ୍ର କୁମାର ପୃଷ୍ଟି, ନାରାୟଣ ସାହୁ, ସତ୍ତ୍ୱଜୋଦୟା ନନ୍ଦ, ପଣ୍ଡିତ ଦିବାକର ନନ୍ଦ, ଡଃ ଦୁର୍ଗା ମାଧବ ପୃଷ୍ଟି, ପ୍ରମୋଦ କୁମାର ପରିଡ଼ା, ନିରୁପମା ଲେଙ୍କା, ସୁଲୋଚନା ସାହୁ, ଅଞ୍ଜନ କୁମାର ମହାରଣା, ଲଳିତ ମୋହନ ବେହେରା, ହୃଷିକେଶ ସାହୁ, ବାସୁଦେବ ସାହୁ, ଶିଶୁ କବି ପ୍ରଭୁ ପ୍ରସାଦ ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଶ୍ରୀଧର ବେହେରା ଓ ଶ୍ରୀମତୀ ରେଣୁବାଳା ସାହୁ ଉତ୍କଳର ବରପୁତ୍ର ସଂକ୍ରାନ୍ତି ପୁରୁଷ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ । ପରିଶେଷରେ ଢେଙ୍କାନାଳ ଜିଲ୍ଲା ଶାଖାର ଉପାଧ୍ୟକ୍ଷ ତଥା ଭୁବନ ବ୍ଲକ ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ପୃଷ୍ଟି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ସାମୁହିକ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା ।

# ପୋଟେରୁ ଜଳସେଚନ ବିଭାଗରେ ନିମ୍ନମାନର କେନାଲ କାମ ଅଭିଯୋଗ: ଅଧିକାରୀଙ୍କ ଅନୁପସ୍ଥିତି ଠିକାଦାରଙ୍କୁ ସୁହାଉଛି

ମାଲକାନଗିରି, ୧୮/୧ (ନି.ପ୍ର): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକର ବିଭିନ୍ନ ସ୍ଥାନରେ ପୋଟେରୁ କେନାଲ ବିଭାଗ ପକ୍ଷରୁ ନିର୍ମାଣାଧିନ କେନାଲ କାମ ଅତ୍ୟନ୍ତ ନିମ୍ନମାନର ହୋଇଥିବା ନେଇ ଅଭିଯୋଗ ହେଉଛି। ଏହି ନିର୍ମାଣାଧିନ କାର୍ଯ୍ୟ ଗୁଡିକ ତଦାରଖ କରିବା ପାଇଁ ଆବଶ୍ୟକ ସଂଖ୍ୟାରେ କର୍ମଚାରୀ ଅଭାବରୁ ଏହାର ସୁଯୋଗ ନେଇ ଠିକାଦାର ମାନେ ବେଧଡ଼କ ନିମ୍ନ ମାନର ସମାଗ୍ରୀ ବ୍ୟବହାର କରୁଥିବା ବେଳେ ଆବଶ୍ୟକୀୟ ମୁତାବକ କ୍ୟୁରିଂ କରୁନଥିବା ନେଇ ସ୍ଥାନୀୟ ନେତୃବୃନ୍ଦ ଅଭିଯୋଗ ଆଣିଛନ୍ତି । ସୂଚନା ଅନୁଯାୟୀ, ପଡିଆ ବ୍ଲକ ଶିମିଳିବାଞ୍ଚା ପଂଚାୟତ ଅନ୍ତର୍ଗତ ମେଟାଗୁଡା ଗ୍ରାମ ଦେଇ ଯାଇଥିବା ପୋଟରୁ ଜଳସେଚନ ବିଭାଗର କେନାଲରୁ ଏକ ନୂତନ ଭାବେ ସବ୍ କେନାଲ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଏହା ଅତ୍ୟନ୍ତ ନିମ୍ନ ମାନର ବୋଲି ଅଭିଯୋଗ ହେଉଛି। ଏହି କେନାଲ ନିର୍ମାଣ ବେଳେ ଏହାର ଉଭୟ ପାର୍ଶ୍ୱ ୱାଲରେ ଚିପ୍ସ କଂକ୍ରିଟ୍ ଦିଆଯିବାକୁ ଥିବାବେଳେ ଏଥିରେ ମେଟାଲ୍ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି। ଏଥିସହ ଏହି ନିର୍ମାଣ କାର୍ଯ୍ୟର ତଦାରଖ ପାଇଁ ବିଭାଗୀୟ ଅଧିକାରୀ ମାନେ ଆସୁନଥିବାରୁ ଏହାର ସୁଯୋଗ ନେଇ ଠିକାଦାର ଜଣକ ନିମ୍ନମାନର ବାଲି ଓ ଅନ୍ୟାନ୍ୟ ସାମଗ୍ରୀ ବ୍ୟବାହର କରୁଥିବା ଦେଖିବାକୁ ମିଳିଛି। ଏନେଇ ଜଳ ସେଚନ ବିଭାଗର କର୍ମଚାରିଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କଲେ ମଧ୍ୟ କାହା ସହ ଯୋଗାଯୋଗ ହୋଇପାରୁ ନଥିବାରୁ ସ୍ଥାନୀୟ ନେତୃବୃନ୍ଦ ଗଣମାଧ୍ୟମ ପ୍ରତିନିଧିଙ୍କୁ ଡାକି ଘଟଣା ବାବଦରେ ଅବଗତ କରାଇଥିଲେ। ଅନ୍ୟପଟେ ଗଣମାଧ୍ୟମ ପ୍ରତିନିଧି ଘଟଣାସ୍ଥଳରେ ପହଂଚି ନିମ୍ନମାନର ନିର୍ମାଣ କାର୍ଯ୍ୟ ବାବଦରେ କାମ କରାଉଥିବା ସୁପରଭାଇଜରଙ୍କୁ ପଚାରିବାରୁ ସେ ମଧ୍ୟ ଚିପ୍ସ ସହ ମେଟାଲ୍ ମିଶାଉଥିବା ସ୍ୱୀକାର କରିଛନ୍ତି । ଜଳସେଚନ ବିଭାଗ ପକ୍ଷରୁ ଘଂଚ ଜଙ୍ଗଲ ମଧ୍ୟରେ ଏଭଳି ଶହ ଶହ ମିଟର କେନାଲ କାମ ଚାଲିଥିବା ବେଳେ ଏଭଳି ନିମ୍ନମାନର କାର୍ଯ୍ୟ ଏକ ବଡ ଧରଣର ଦୁର୍ନୀତିକୁ ପ୍ରଶୟ ଦେଉଥିବା ମତ ପ୍ରକାଶ ପାଇଛି। ପ୍ରାୟ ସମସ୍ତ ସ୍ଥାନରେ ଠିକାଦାରମାନେ ଏଭଳି ମନ ମୁତାବକ କାର୍ଯ୍ୟ ଜାରି ରଖିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ମାନେ ଚୁପ ହୋଇ ରହିବା ବିଭାଗୀୟ ଉଦାସୀନତାକୁ ଦର୍ଶାଉଛି । ଅନ୍ୟପଟେ ପଡିଆ ବ୍ଲକ ସଦର ମହକୁମାରେ ଥିବା ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ପଛପଟେ ମଧ୍ୟ ନିର୍ମାଣ ହୋଇଥିବା କେନାଲ କାମରେ ନିମ୍ନମାନର ସମାଗ୍ରୀ ବ୍ୟବହାର କରି କାର୍ଯ୍ୟ କରାଯିବା ସହ ଆବଶ୍ୟକ ମୁତାବକ କ୍ୟୁରିଂ କରାଯାଇ ନଥିବା ଅଭିଯୋଗ ହୋଇଛି। ଏ ବାବଦରେ ବିଭାଗୀୟ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ସେ କାମରେ କୌଣସି ଅଭିଯୋଗ ନାହିଁ ଯିଏ ଯାହା କହିଲେ ଚଳିବ ନାହିଁ ବୋଲି ବେପରୁଆ ଢଙ୍ଗରେ ମତ ପ୍ରଦାନ କରିଛନ୍ତି। ଉଭୟ ପ୍ରକଳ୍ପକୁ ନେଇ ସ୍ଥାନୀୟ ନେତୃବୃନ୍ଦଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଭାବ ରହିଥିବା ବେଳେ ବିଭାଗ ପକ୍ଷରୁ ତୁରନ୍ତ ଏହାର ତଦନ୍ତ କରି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଂଚଳବାସୀ ଦାବୀ କରିଛନ୍ତି।

# ଅଭିଭାବକ ଅଭିଭାବିକା, ପରିଚାଳନା କମିଟି ଓ ଶିକ୍ଷକ ଶିକ୍ଷୟତ୍ରୀ ସମ୍ମିଳନୀ

ନୂଆପଡ଼ା, ୧୮/୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଲକ୍ଷ୍ମୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଚଳିତ ବର୍ଷର ଶେଷ ତଥା ଚତୁର୍ଥ ଅଭିଭାବକ ଅଭିଭାବିକା, ପରିଚାଳନା କମିଟି ଓ ଶିକ୍ଷକ ଶିକ୍ଷୟତ୍ରୀ ସମ୍ମିଳନୀ ବିଦ୍ୟାଳୟ ପରିଚଳନା କମିଟିର ସଭାପତି ପରମେଶ୍ୱର ବାରିକଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମାପ୍ତି ସୂଚକ ଆକଳନ ଏକ ଓ ଦୁଇ, ପଢ଼ିବା ଗଢ଼ିବା ଓଡ଼ିଶା, ପଠନ, ବିଦ୍ୟାଳୟରେ ବୁଲା କୁକୁର ମୁକ୍ତ , ବାଲ୍ୟ ବିବାହ ମୁକ୍ତ, ଅଭିଭାବକ ଅଭିଭାବିକା ମାନଙ୍କ ମତାମତରେ ଆସନ୍ତା ଶିକ୍ଷା ବର୍ଷରେ ଛାତ୍ର ଛାତ୍ରୀ ମାନଙ୍କ ସଂଖ୍ୟା ବୃଦ୍ଧି କରିବା ବୈଠକ ରେ ଆଲୋଚନା ହୋଇଥିଲା। ବୈଠକରେ ପ୍ରଧାନ ଶିକ୍ଷୟତ୍ରୀ ସୁଶ୍ରୀ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସହ ଶିକ୍ଷୟତ୍ରୀ ମୀରା ରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା କମିଟିର ସଦସ୍ୟ ଭଜନଲାଲ ରାଉତ, ରଜନୀ ରାନୀ ରାଉତ, ରୋଷେୟା ନିଲେନ୍ଦ୍ରୀ ମାଝୀ ଉପସ୍ଥିତ ଥିଲେ। ସେହିପରି ଖଡିଆଳ ବ୍ଲକ କାସିପଲା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ବର୍ଷର ଶେଷ ତଥା ଚତୁର୍ଥ ଅଭିଭାବକ ଅଭିଭାବିକା ପରିଚାଳନା କମିଟି ଓ ଶିକ୍ଷକ ଶିକ୍ଷୟତ୍ରୀ ସମ୍ମିଳନୀ ପରିଚାଳନା କମିଟିର ଉପ ସଭାପତି ପ୍ରେମଲତା ବାରିକଙ୍କ ଅଧ୍ୟକ୍ଷତରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସମାପ୍ତି ସୂଚକ ଆକଳନ ଏକ ଓ ଦୁଇ, ପଢ଼ିବା ଗଢ଼ିବା ଓଡ଼ିଶା, ପଠନ, ବିଦ୍ୟାଳୟରେ ବୁଲା କୁକୁର ମୁକ୍ତ , ବାଲ୍ୟ ବିବାହ ମୁକ୍ତ, ଅଭିଭାବକ ଅଭିଭାବିକା ମାନଙ୍କ ମତା ମତରେ ଆସନ୍ତା ଶିକ୍ଷା ବର୍ଷରେ ଛାତ୍ର ଛାତ୍ରୀ ମାନଙ୍କ ସଂଖ୍ୟା ବୃଦ୍ଧି କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ପ୍ରଧାନ ଶିକ୍ଷକ ସୁମନ୍ତ ସିଂ ପଣ୍ଡା କାର୍ଯ୍ୟ କ୍ରମ ପରିଚାଳନା କରିଥିବା ବେଳେ ସହ ଶିକ୍ଷୟତ୍ରୀ ଗୀତାଞ୍ଜଳି ଚଲାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଦସ୍ୟ ଦକ୍ଷରାଜ ବାରିକ, ରୀନା ବାରିକ, ମୁକ୍ତାମଣୀ ରାଉତ, କିଶୋରୀ ପଣ୍ଡା, ଭାର୍ଗବୀ ବାରିକ, ଗୋପବାଲି ବାରିକ, ଉଷାବତୀ ଚଲାନ, ସୁମିତ୍ରା ଶୁନାନି, ମାଧବୀ ଚଲାନ, ହେମସାଗର ରାଉତ, ରୋଷେୟା ତମାଲ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସେହି କେନ୍ଦ୍ର ବିଦ୍ୟାଳୟ ଚଲାନପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ରେ ପରିଚାଳନା କମିଟିର ସଭାପତି ଭିକାରି ଚରଣ ରାଉତଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଧାନ ଶିକ୍ଷୟତ୍ରୀ ମୀରା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସହ ଶିକ୍ଷୟତ୍ରୀ ମାଧୁରୀ ଶବର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସଦସ୍ୟ ରିଙ୍କି ଚଲାନ, ପ୍ରତିମା ଦଣ୍ଡସେନା, ରଜନୀ ରାଉତ, ଦୂର୍ମିଳା ପଣ୍ଡା ଉପସ୍ଥିତ ଥିଲେ।

# ଭୁବନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଭୁବନ, ୧୭ ଜାନୁଆରୀ (ହି.ସ.)- ଭୁବନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ୩୩ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା ସମିତି ସଭାପତି ପ୍ରଭାତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁ ମନ୍ଦିରରେ ବୈଷୟିକ ଶିକ୍ଷାଦାନ ସହିତ ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକ ଜ୍ଞାନ ପ୍ରଦାନ ପାଇଁ ନିଜର ସ୍ୱତନ୍ତ୍ର ପରିଚୟ ହାସଲ କରିଛି । ଶିଶୁ ମନ୍ଦିରର ପଠନ ଶୈଳୀ ନିଆରା । ରାଷ୍ଟ୍ରୀୟ ବିଚାରଧାରାରେ ଉତ୍ତମ ମଣିଷ ତିଆରି କରିବା ହେଉଛି ଶିଶୁ ମନ୍ଦିରର ଲକ୍ଷ୍ୟ ବୋଲି ବିଧାୟକ ଶ୍ରୀ ଜେନା ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ପୁରୀ ଗୋବର୍ଦ୍ଧନ ପୀଠ ଆଦିତ୍ୟ ବାହିନୀ ଅଧ୍ୟକ୍ଷ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ୧୯୯୩ ମସିହାରେ କିଭଳି ଭାବେ ପର୍ଶୁରାମ କ୍ଲବରେ ପ୍ରଥମେ ଶିଶୁ ମନ୍ଦିର କାର୍ଯ୍ୟାରମ୍ଭ ହୋଇ ଆଜି ଭୁବନରେ ୧ ନମ୍ବର ଶିକ୍ଷା କେନ୍ଦ୍ର ହୋଇପାରିଛି ସେ ସମ୍ପର୍କରେ ଆଲୋକପାତ କରିବା ସହିତ ଶିକ୍ଷା କେବଳ ଜୀବିକା ଉପାର୍ଜନ ପାଇଁ ନୁହେଁ, ଜୀବନ ନିର୍ମାଣ ପାଇଁ ଉଦ୍ଦିଷ୍ଟ ବୋଲି ମତବ୍ୟକ୍ତ କରିଥିଲେ । ଶିଶୁ ମନ୍ଦିର ବିଦ୍ୟାର୍ଥୀ ମାନେ ଦେଶହିତରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ପରିଚାଳନା ସମିତି ସମ୍ପାଦକ ଜଗବନ୍ଧୁ ବିହାରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଦିନେଶ କୁମାର ବୈଶାକ ବାର୍ଷିକ ବିବରଣୀ ମାଧ୍ୟମରେ ବିଦ୍ୟାଳୟ ର ସଫଳତା ଓ ଅଭାବ ଅସୁବିଧା ସଂପର୍କରେ ଅତିଥି ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ଅବସରରେ କୃତୀ ବିଦ୍ୟାର୍ଥୀ ମାନଙ୍କୁ ଅତିଥି ଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ଶେଷରେ ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ମହାଦେବ ଓ ମହାବୀରଙ୍କ ଆଜ୍ଞାରେ ବାବା ନେତ୍ରାନନ୍ଦଙ୍କ ରୋଗୀ ଚିକିତ୍ସା

ପୁରୀ, ୧୮/୧ (ନି.ପ୍ର): ବିଜ୍ଞାନ ଓ ଯାନ୍ତ୍ରିକ ଚିକିତ୍ସାରୁ ବିଶ୍ୱାସ ତୁଟିଲେ ରୋଗୀ ନିରୁପାୟ ହୋଇ ପ୍ରଭୁଙ୍କ ଶରଣ ପଶେ । ମହାଦେବ ଓ ମହାବୀରଙ୍କ ଆଜ୍ଞା ବଳରେ ବାବା ନେତ୍ରାନନ୍ଦ ଏକ ନୂଆ ପଦ୍ଧତିରେ ରୋଗୀ ଚିକିତ୍ସା କରୁଥିବା ଦେଖିବାକୁ ମିଳିଛି । ବିନା ସ୍ପର୍ଶରେ ଚିକିତ୍ସା କରିବା ଏକ ବିରଳ ବ୍ୟବସ୍ଥା । ବାବା ନେତ୍ରାନନ୍ଦ ୧୨ବର୍ଷ ବୟସରୁ ତାଙ୍କ ଭିନ୍ନକ୍ଷମ ପିତାଙ୍କ ସେବା କରୁଥିଲେ । ବାପା ଚାଲିଗଲା ପରେ ଅନ୍ୟ ରୋଗୀଙ୍କୁ ଏହି ସେବା କରି କିପରି ଜୀବନ ବଂଚାଇବେ ସେ ବିଷୟରେ ଗବେଷଣା କଲେ । ବାବା ମହାଦେବ ଓ ମହାବୀରଙ୍କ ଆଜ୍ଞାରେ ଏବେ ଚନ୍ଦନପୁର ବାଇପାସ ରାସ୍ତାର ପେଟ୍ରୋଲ ପମ୍ପ ନିକଟ ନରେନ୍ଦ୍ର ନଗରରେ ପୁରୀ ଧାମ ବାବା ନେତ୍ରାନନ୍ଦ ସେବା ସଂସ୍ଥା ନାମରେ ରୋଗୀ ସେବା କରୁଛନ୍ତି । ଅର୍ଶ, ମଳକଣ୍ଟକ, ଭଗନ୍ଦର, ଶ୍ୱାସ, ସ୍ପଣ୍ଡିଲାଇଟ, ହାତଗୋଡ ଲିଗାମେଂଟ ସମସ୍ୟାକୁ ବାବା ଜଡ଼ିବୁଟି ଚେର ମୂଳିରେ ରୋଗ ନିବାରଣ କରୁଛନ୍ତି । ଏହା ସହ ନିରଜନିତ ସମସ୍ୟା ଏଲ-୪,ଏଲ- ୫,ଏଲ-୬ ଚିକିତ୍ସା ଯୋଗାଇ ଦେଉଛନ୍ତି । ହାର୍ଟ ଷ୍ଟ୍ରୋକ ଓ ବ୍ରେନ ଷ୍ଟ୍ରୋକ ରୋଗୀ ମଧ୍ୟ ଏହି ସେବା ସଂସ୍ଥାକୁ ଆସୁଛନ୍ତି । ବାବାଙ୍କ ଲକ୍ଷ୍ୟ ରହିଛି ଗରିବ ଅସହାୟ ରୋଗୀ ମାନଙ୍କୁ ମାଗଣାରେ ଚିକିତ୍ସା ସେବା ଯୋଗାଇବା । ବାବାଙ୍କର ଏହି ସେବା ସଂସ୍ଥା ଦିନ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଓ ସଂଧ୍ୟା ୭ଟାରୁ ରାତ୍ର ୯ଟା ପର୍ଯ୍ୟନ୍ତ ଖୋଲା ରହୁଛି ।

# ସ୍ୱଦେଶୀ ସଂକଳ୍ପ ଯାତ୍ରା ରଥକୁ କେନ୍ଦୁଝରରେ ଭବ୍ୟ ସ୍ୱାଗତ

କେନ୍ଦୁଝର, ୧୮/୧ (ନି.ପ୍ର): ଆଜି ସ୍ୱଦେଶୀ ଜାଗରଣ ମଂଚ ପକ୍ଷରୁ ଆୟୋଜିତ ସ୍ୱଦେଶୀ ସଂକଳ୍ପ ରଥ ଆସି କେନ୍ଦୁଝର ଜିଲ୍ଲାରେ ପହଂଚି ଥିଲା। ସଂକଳ୍ପ ଯାତ୍ରା ଜିଲ୍ଲା ସଂଯୋଜକ ମାନସ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ରଥକୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସ୍ୱାଗତ କରାଯାଇଥିଲା। ରଥ ପହଂଚିବା ପରେ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ଘୋଷ ବଜାଇ ଅଭିବାଦନ କରିଥିବା ବେଳେ ସ୍ଥାନୀୟ ସ୍ୱେଚ୍ଛାସେବୀ ମହିଳା ମାନେ ପୁଷ୍ପ ବୃଷ୍ଟି କରି ସ୍ୱାଗତ କରି ବିଦ୍ୟାମନ୍ଦିର ଭିତରକୁ ରଥକୁ ନେଇଥିଲେ। ସେଠାରେ ଜିଲ୍ଲା ସଂଘଚାଳକ ଭାଗିରଥି ପୃଷ୍ଟି ଉପସ୍ଥିତ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀଙ୍କୁ ଉଦବୋଧନ ଦେବା ସହ ସ୍ୱଦେଶୀ ସଂକଳ୍ପ ପାଠ କରାଇଥିଲେ। କାର ?ୟକ୍ରମକୁ ସ୍ୱଦେଶୀ ଜାଗରଣ ମଂଚ କେନ୍ଦୁଝର ଶାଖା କାର୍ଯ୍ୟକର୍ତା ସନ୍ତୋଷ ମହାପାତ୍ର ପରିଚାଳନା କରିଥିବା ବେଳେ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଅଲେଖ ମହାନ୍ତ, ସ୍ୱେଚ୍ଛାସେବୀ ବବିତା ରାମ, ପ୍ରମୋଦ ବାବୁ ସହଯୋଗ କରିଥଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରଶାନ୍ତ କୁମାର ଭୂୟାଁ ପୁରୀ ବିଭାଗ ସଂଯୋଜକ, ରାଜେଶ ଦାସ , ପ୍ରାନ୍ତ ସଂଗଠକ, ଓଡ଼ିଶା ପୂର୍ବ, ହୃଷିକେଶ ପ୍ରଧାନ, ପୂର୍ଣକାଳିକ, ନୟାଗଡ଼ ଜିଲ୍ଲା ଧୀରେନ୍ଦ୍ର ସାହୁ, ମନୋଜ ଶତପଥୀ, ଭବାନୀ ଶଙ୍କରଙ୍କ ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ। ପରେ ସ୍ୱଦେଶୀ ସଂକଳ୍ପ ରଥ ମୟୁରଭଞ୍ଜ ଜିଲ୍ଲା ଗସ୍ତରେ ବାହାରି ଯାଇଥିଲା।




ମଣିଷ ଶରୀର ପାଇଁ ପ୍ରୋଟିନ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଓଜନ ନିୟନ୍ତ୍ରଣ କରିବା, ରକ୍ତ ଶର୍କରା ସନ୍ତୁଳିତ କରିବା, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଏବଂ ମାଂସପେଶୀ ଷ୍ଟ୍ରଙ୍ଗ୍ କରୁଥିବା ପ୍ରୋଟିନ୍ ପ୍ରାୟ ସମସ୍ତଙ୍କ ପାଇଁ ଆବଶ୍ୟକ । ତେବେ ଖାଦ୍ୟରେ ମସୁର ଡାଲି ଏବଂ ଚଣା ଦୁଇଟି ସବୁଠାରୁ ବିଶ୍ୱସ୍ତ ନିରାମିଷ ପ୍ରୋଟିନ୍ ଉତ୍ସ ବୋଲି କୁହାଯାଏ । ପ୍ରାୟତଃ ଲୋକ ଭାବନ୍ତି ଯେ ମସୁର ଡାଲି କିମ୍ବା ଚଣା ପ୍ରୋଟିନ୍ ପାଇଁ ଅଧିକ ଲାଭଦାୟକ । ତେବେ ଦୁଇଟି ଭିତରୁ କେଉଁ ଖାଦ୍ୟଟି ପ୍ରୋଟିନ୍ ପାଇଁ ବେଷ୍ଟ୍ ଆସନ୍ତୁ ଜାଣିବା । ୧୦୦ ଗ୍ରାମ କଞ୍ଚା ଲଙ୍କାରେ ପ୍ରାୟ ୨୨ ରୁ ୨୫ ଗ୍ରାମ ପ୍ରୋଟିନ୍ ଥାଏ । ୧୦୦ ଗ୍ରାମ କଞ୍ଚା ଚଣାରେ ପ୍ରାୟ ୧୯ ରୁ ୨୧ ଗ୍ରାମ ପ୍ରୋଟିନ୍ ଥାଏ ଯାହା ରାନ୍ଧିବା ପରେ ଅଳ୍ପ ପରିମାଣର ହ୍ରାସ ପାଏ । ରନ୍ଧା ଲଙ୍କାରେ ପ୍ରତି ୧୦୦ ଗ୍ରାମ ପାଇଁ ପ୍ରାୟ ୮ ରୁ ୯ ଗ୍ରାମ ପ୍ରୋଟିନ୍ ଥିବାବେଳେ ରନ୍ଧା ଚଣାରେ ପ୍ରତି ୧୦୦ ଗ୍ରାମ ପାଇଁ ପ୍ରାୟ ୮-୯ ଗ୍ରାମ ପ୍ରୋଟିନ୍ ଥାଏ । ଏହାର ଅର୍ଥ ହେଉଛି ରନ୍ଧା ଲଙ୍କା ଏବଂ ଚଣାର ପ୍ରୋଟିନ୍ ପରିମାଣ ପ୍ରାୟ ସମାନ । ମସୁର ଡାଲି କଥା ଯଦି କହିବା ତାହେଲେ ଏହା ସାଧାରଣତଃ ସହଜରେ ହଜମ ହୁଏ ଯାହା ପିଲା, ବୟସ୍କ ସବୁ ବର୍ଗର ଲୋକଙ୍କ ପାଇଁ ଉପଯୁକ୍ତ ଆହାରର କାମ କରେ । ଅନ୍ୟପକ୍ଷରେ ଚଣାରେ ଫାଇବର ଏବଂ ଷ୍ଟାର୍ଚ ଅଧିକ ଥାଏ ଯାହା ଅନ୍ତନଳୀ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ । ତଥାପି ଅତ୍ୟଧିକ ଚଣା ଖାଇବା ଦ୍ୱାରା ଗ୍ୟାସ କିମ୍ବା ପେଟ ଫୁଲିପାରେ । ଚଣା ଫାଇବର ଏବଂ ସୁସ୍ଥ କାର୍ବୋହାଇଡ୍ରେଟରେ ଭରପୂର ଯାହା ଆପଣଙ୍କୁ ଅଧିକ ସମୟ ପେଟ ଫୁଲ୍ ରଖିବା ଏବଂ ଭୋକ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ଅନ୍ୟପକ୍ଷରେ ମସୁର ଡାଲି ହାଲୁକା ଏବଂ କମ୍ କ୍ୟାଲୋରୀ ଯୁକ୍ତ ହୋଇଥିବାରୁ ଖାଦ୍ୟରେ ଭଲ ଭାବରେ ଫିଟ୍ ହୁଏ ଏବଂ ଖାଇବା ପାଇଁ ମଧ ବେଷ୍ଟ୍ । ମସୁର ଡାଲିରେ ପ୍ରଚୁର ପରିମାଣରେ ଅତ୍ୟାବଶ୍ୟକ ଆମିନୋ ଏସିଡ୍ ଲାଇସିନ୍ ଥାଏ, ଯାହା ଶରୀର ମରାମତି ଏବଂ ରୋଗ ପ୍ରତିରୋଧକ ଶକ୍ତି ପାଇଁ ଜରୁରୀ । ଚଣାରେ ଅଧିକ ସନ୍ତୁଳିତ ଆମିନୋ ଏସିଡ୍ ପ୍ରୋଫାଇଲ୍ ଥାଏ ଯାହାକୁ ଭାତ କିମ୍ବା ରୁଟି ସହିତ ଖିଆଯାଏ । ଏହାର ଅର୍ଥ ହେଉଛି ଆମିନୋ ଏସିଡ୍ ସନ୍ତୁଳନ ଦୃଷ୍ଟିରୁ ଚଣା ଡାଲି ଅପେକ୍ଷା ଟିକେ ଭଲ । ଡାଲି ଏବଂ ଚଣା ଉଭୟର ନିଜସ୍ୱ ଲାଭ ଅଛି । ଯଦି ଆପଣ ସହଜରେ ହଜମ ହେଉଥିବା ପ୍ରୋଟିନ୍ ଖୋଜୁଛନ୍ତି ତେବେ ମସୁର ଡାଲି ଭଲ । ଯଦି ଦୀର୍ଘ ସମୟର ଶକ୍ତି ଅନୁଭବ କରିବାକୁ ଚାହୁଁଛନ୍ତି ତେବେ ଚଣା ଖାଇବା ଭଲ ।




ସକାଳର ଜଳଖିଆ କେବଳ ଭୋକ ମେଣ୍ଟାଇବା ପାଇଁ ନୁହେଁ, ବରଂ ଏହା ହିଁ ସ୍ଥିର କରେ ଯେ ଆପଣ ଦିନସାରା କେତେ ସକ୍ରିୟ ରହିବେ ଏବଂ ଆପଣଙ୍କର ମେଟାବୋଲିଜିମ୍ କେତେ ଭଲ ଭାବରେ କାମ କରିବ । ଜଳଖିଆକୁ ସାରା ଦିନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆହାର ବୋଲି ବିବେଚନା କରାଯାଏ । ସଠିକ୍ ଜଳଖିଆ ଦିନସାରା ଶକ୍ତି ଯୋଗାଇଥାଏ, ଯେତେବେଳେ କି ଭୁଲ୍ ଅଭ୍ୟାସଗୁଡ଼ିକ ଧୀରେ ଧୀରେ ଓଜନ ବଢ଼ାଇବା ଏବଂ ସ୍ୱାସ୍ଥ୍ୟ ଖରାପ କରିବାର କାରଣ ହୋଇଥାଏ । ଆଜିକାଲି ଅଧିକାଂଶ ଲୋକ ଜଳଖିଆକୁ ହାଲୁକା ଭାବେ ନିଅନ୍ତି । କେହି ଜଳଖିଆ ଛାଡିଦିଅନ୍ତି, ତ କେହି କେବଳ ଚା' କିମ୍ବା ବିସ୍କୁଟରୁ ଦିନ ଆରମ୍ଭ କରନ୍ତି । ଏହି ଛୋଟ ଛୋଟ ଭୁଲଗୁଡ଼ିକ ପରବର୍ତ୍ତୀ ସମୟରେ ଗ୍ୟାସ୍, ଥକ୍କାପଣ ଏବଂ ଓଜନ ବୃଦ୍ଧି ଭଳି ସମସ୍ୟା ସୃଷ୍ଟି କରେ ।

ଆୟୁର୍ବେଦିକ ଏବଂ ୟୁନାନି ବିଶେଷଜ୍ଞ ଡାକ୍ତର ସଲିମ ଜୈଦିଙ୍କ ଅନୁସାରେ, ଭାରତୀୟମାନଙ୍କ ମଧ୍ୟରେ ଜଳଖିଆକୁ ନେଇ କିଛି ଅଭ୍ୟାସ ଅତି ସାଧାରଣ, କିନ୍ତୁ ଏହା ଶରୀରକୁ ଫାଇଦା ପହଞ୍ଚାଇବା ପରିବର୍ତ୍ତେ କ୍ଷତି କରିଥାଏ । ତେଣୁ ସମୟ ଥାଉ ଥାଉ ଏହି ଅଭ୍ୟାସଗୁଡ଼ିକୁ ସୁଧାରିବା ଜରୁରୀ। ଆସନ୍ତୁ ଜାଣିବା ଜଳଖିଆ ସହିତ ଜଡ଼ିତ ୫ଟି ବଡ଼ ଭୁଲ୍ ବିଷୟରେ, ଯାହାଠାରୁ ଆଜିଠାରୁ ହିଁ ଦୂରେଇ ରହିବା ଉଚିତ୍ ।

**ଖାଲି ପେଟରେ ଚା' ପିଇବା:**
ସକାଳୁ ଉଠିବା ମାତ୍ରେ ଅଧିକାଂଶ ଭାରତୀୟ କିଛି ନ ଖାଇ ନ ପିଇ ଚା' ପିଅନ୍ତି । ଯଦି ଆପଣ ମଧ ସେମାନଙ୍କ ମଧ୍ୟରୁ ଜଣେ, ତେବେ ପେଟରେ ଏସିଡିଟି ବଢ଼ିପାରେ, କର୍ଟିସୋଲ ସ୍ତର ବୃଦ୍ଧି ପାଇପାରେ ଏବଂ ଡିହାଇଡ୍ରେସନ୍ ହୋଇପାରେ । ଏହା ବ୍ୟତୀତ ଭୋକ ମଧ କମିଯାଏ, ଯାହା ଦ୍ୱାରା ଆପଣଙ୍କ ଜଳଖିଆ ସଠିକ୍ ଭାବେ ହୋଇପାରେ ନାହିଁ ।

**ପ୍ରତିଦିନ ପରଟା ଖାଇବା:**
ଭାରତୀୟ ଜଳଖିଆରେ ଲୋକେ ପରଟା ଖାଇବାକୁ ପସନ୍ଦ କରନ୍ତି । କିନ୍ତୁ ପ୍ରତିଦିନ ପରଟା ଖାଇବା ଦ୍ୱାରା ଅଧିକ କାର୍ବସ ମିଳିଥାଏ ଏବଂ ପ୍ରୋଟିନ କମ୍ ମିଳେ । ଏହାକୁ ଖାଇବା ଦ୍ୱାରା ପେଟ ଭର୍ତ୍ତି ରହିଥାଏ, କିନ୍ତୁ ଇନସୁଲିନ୍ ସ୍ପାଇକ୍ ହୁଏ । ଏହା ସହିତ ମଧ୍ୟାହ୍ନ ବେଳକୁ ନିଦ ଲାଗିବା ଏବଂ ଶରୀର ଭାରି ଲାଗିବା ମଧ ଅନୁଭବ ହୁଏ ।

**ଇନଷ୍ଟାଣ୍ଟ ଓଟ୍ସ ଖାଇବା:**
'ହେଲଦି' ଭାବି ଇନଷ୍ଟାଣ୍ଟ ଓଟ୍ସ ଖାଇବା ମଧ ସଠିକ୍ ବିକଳ୍ପ ନୁହେଁ । ଏଥିରେ ଫାଇବର କମ୍ ଏବଂ ପ୍ରୋସେସିଂ ଅଧିକ ଥାଏ, ଯାହାଦ୍ୱାରା ବ୍ଲଡ୍ ସୁଗାର ବଢ଼ିପାରେ ଏବଂ ଓଜନ କମାଇବା କଷ୍ଟକର ହୋଇପଡେ।

**ଚା'-ବିସ୍କୁଟ କିମ୍ବା ଫ୍ରୁଟ୍ ଜୁସ୍:**
ସକାଳ ଜଳଖିଆରେ ଯଦି ଆପଣ ଚା'-ବିସ୍କୁଟ କିମ୍ବା ଫ୍ରୁଟ୍ ଜୁସ୍ ନିଅନ୍ତି, ତେବେ ଆପଣଙ୍କୁ ପ୍ରଚୁର ପରିମାଣରେ ମଇଦା, ଚିନି ଏବଂ ଟ୍ରାନ୍ସ ଫ୍ୟାଟ୍ସ ମିଳିଥାଏ । ଏହା ଯୋଗୁଁ ଇନସୁଲିନ୍ ସ୍ପାଇକ୍ ହେବ ଏବଂ ମୋଟାପଣ ବଢ଼ିବାର ଭୟ ରହିବ।

**ଜଳଖିଆ ନ କରିବା:**
ଡାଇଟିଂ ଚକ୍କରରେ ଯଦି ଆପଣ ସକାଳେ କିଛି ଖାଉ ନାହାଁନ୍ତି, ତେବେ ଏହା ମଧ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଠିକ୍ ନୁହେଁ । ଏହାଦ୍ୱାରା ମେଟାବୋଲିଜିମ୍ ଧୀମା ହୋଇଯାଏ। ଏହା ବ୍ୟତୀତ ଜଙ୍କ ଫୁଡ୍ ଖାଇବାର କ୍ରେଭିଙ୍ଗ୍ ବଢ଼ିଥାଏ ଏବଂ ମଧ୍ୟାହ୍ନରେ ଅଧିକ ଖାଇବାର ସମ୍ଭାବନା ଅଧିକ ଥାଏ ।




ଗର୍ଭାବସ୍ଥା ପ୍ରତିଟି ମହିଳାଙ୍କ ପାଇଁ ଚ୍ୟାଲେଞ୍ଜଭରା । ଏହି ସମୟରେ ମହିଳାଙ୍କ ଶରୀରରେ ବିଭିନ୍ନ ସମସ୍ୟା ଦେଖାଦେଉଛି । ଏବେ ଗର୍ଭବତିଙ୍କ ମଧ୍ୟରେ ବଢୁଛି ହୃଦ୍ ରୋଗ । ଆଇସିଏମଆର ବା ଇଣ୍ଡିଆନ କାଉନସିଲ ଅଫ ମେଡିକାଲ ରିସର୍ଚ୍ଚ ପକ୍ଷରୁ ଏସସିବି ମେଡିକାଲ କଲେଜ ଦେଢ଼ ବର୍ଷ ଭିତରେ ଏଭଳି ତଥ୍ୟ ଉଦବେଗର କାରଣ ହୋଇଛି । ହୃଦ୍‌ରୋଗ କେତେବେଳେ କାହାକୁ ହେବ, ତାହା କେହି କହିପାରିବେ ନାହିଁ । ପୂର୍ବ ତୁଳନାରେ ଏହା ଅଧିକ ବଢ଼ି ବଢ଼ି ଚାଲିଛି । ବିଶେଷକରି ଗର୍ଭବତୀ, ହୃଦ୍‌ରୋଗରେ ଆକ୍ରାନ୍ତ ହେବା ଅଧିକ ଚିନ୍ତାଜନକ । ଏସ୍‌ସିବିରେ ଆଇସିଏମ୍‌ଆରର ଏକ ଅନୁଧ୍ୟାନ ପ୍ରକଳ୍ପ ରିପୋର୍ଟରେ ଯେଉଁ ତଥ୍ୟ ଆସିଛି, ତାହା ଆଖି ଖୋସିଦେଲା ଭଳି । ପ୍ରାୟ ୧ ହଜାର ଗର୍ଭବତୀଙ୍କ ମଧ୍ୟରୁ ୯୪ ଜଣ ହୃଦ୍‌ରୋଗର ଶିକାର ହୋଇଥିବା ଜଣାପଡ଼ିଛି । ଏଥିରୁ ୪ ଜଣଙ୍କ ମୃତ୍ୟୁ, ୮ ଜଣଙ୍କର ହୃଦ୍‌ରୋଗଜନିତ ଅସ୍ତ୍ରୋପଚାର ହୋଇଛି ଏବଂ ଜଣେ ମହିଳାଙ୍କର ପେସ୍ ମେକର୍ ଲଗାଯାଇଛି । ୮ ଜଣ ମହିଳାଙ୍କ ହୃଦରୋଗ ଜଟିଳ ହୋଇପଡ଼ିଥିବାରୁ ଗର୍ଭପାତ କରାଯାଇଛି । ଏସ୍‌ସିବିରେ ୪ ବର୍ଷ ଧରି ଚାଲିବ ଏହି ପ୍ରକଳ୍ପରେ । ଗର୍ଭାବସ୍ଥାରେ ମହିଳାଙ୍କ ସୁରକ୍ଷିତ ଚିକିତ୍ସା ପ୍ରକଳ୍ପର ଏକମାତ୍ର ଲକ୍ଷ୍ୟ । ଡାକ୍ତରଙ୍କ କହିବା କଥା, ଏହି ସର୍ଭେ ରିପୋର୍ଟ ଗର୍ଭବତୀଙ୍କୁ ଅନେକ ସହାୟତା କରିବ । ପ୍ରଥମେ ମାଡ୍ରାସ ମେଡିକାଲ କଲେଜରେ ଗର୍ଭବତୀ ମହିଳାଙ୍କ ଦ୍ୱାରା ଦେଖାଯାଉଥିବା ହୃଦରୋଗକୁ ନେଇ ଅନୁଧ୍ୟାନ କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ସାରା ଭାରତର ୫୦ଟି ମେଡିକାଲ କଲେଜରେ ଅନୁଧ୍ୟାନ ଆରମ୍ଭ ହୋଇଥିଲା । ଏସସିବିର ହୃଦରୋଗ ବିଭାଗ ଓ ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗର ମିଳିତ ଉଦ୍ୟମରେ ଏହି ପ୍ରକଳ୍ପ ଉପରେ କାମ କରାଯାଉଛି । ସାଧାରଣତଃ ଗର୍ଭବତୀ ସମୟରେ ଶ୍ୱାସକ୍ରିୟାରେ ସମସ୍ୟା, ଧଇଁସଇଁ ଲାଗିବା, ଗୋଡ଼ହାତ ଫୁଲିବା, ଛାତିରେ ଯନ୍ତ୍ରଣା, ମୂର୍ଚ୍ଛା ହୋଇଯିବା ଭଳି ଲକ୍ଷଣ ଦେଖାଯାଇଥାଏ । ଏସସିବିରେ ହୃଦରୋଗ ଚିହ୍ନଟ ହେଲେ, ସେମାନଙ୍କ ଚିକିତ୍ସା ଆରମ୍ଭ ସହିତ ସ୍ୱାଭାବିକ ପ୍ରସବ ନକରି ଅସ୍ତ୍ରୋପଚାର ମାଧ୍ୟମରେ ପ୍ରସବ କରାଯାଉଛି । ଅସ୍ତ୍ରୋପଚାର ବେଳେ ହୃଦରୋଗ ଜନିତ ସମସ୍ତ ଔଷଧ ପ୍ରଦାନ କରାଯାଉଛି । ଗର୍ଭବତୀ ମହିଳା ମହିଳା କ୍ଷେତ୍ରରେ ହୃଦରୋଗ ବଢୁଥିବାରୁ ସତର୍କ ରହିବା ଜରୁରୀ ହୋଇପଡିଛି ।

## ଘିଅ ଅସଲି ନା ନକଲି ଜାଣିବେ କିପରି ? ଘରେ ଆପଣାନ୍ତୁ 'ଫୁଡ୍ ଫାର୍ମର'ର ସହଜ ଫର୍ମୁଲା



ଦେଶି ଘିଅ ମହଙ୍ଗା ହେବା କାରଣରୁ ବଜାରରେ ଭେଜାଲ ଘିଅ ବିକ୍ରି ଧୁମ୍ ବଢୁଛି । ଏହାକୁ ନେଇ ଗ୍ରାହକ ଭାରି ଚିନ୍ତାରେ । ତେବେ ସୋସିଆଲ ମିଡଆ ଇନଫ୍ଲୁଏନ୍ସର ରେବନ୍ତ ହିମାତ୍ସିଗକା କହିଛନ୍ତି , ଘରେ ଦେଶି ଘିଅର ଶୁଦ୍ଧତା ଜାଣିବାକୁ ଏକ ସହଜ ଉପାୟ ବତାଇଛନ୍ତି । ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ (ଊଝଝଈଓ)ର ପରୀକ୍ଷଣ ଉପରେ ଏହା ଆଧାରିତ । ଶୀତଦିନେ ଭାରତୀୟ ପରିବାରର ଅଧିକାଂଶ ରୋଷେଇ ଘରେ ଘିଅର ବ୍ୟବହାର ଅଧିକ ହୁଏ । ଯଦିଓ ଲୋକେ ଖରା ଦିନରେ ଦେଶି ଘିଅର ବ୍ୟବହାର କମ୍ ହୋଇଥାଏ , କିନ୍ତୁ ଶୀତଦିନେ ପନିପରିବା ଉପରେ ଘିଅ ଦେଇ ପରଟା ଖାଇବାକୁ ଭଲପାଆନ୍ତି । ଦେଶୀ ଘିଅ କୁ ସୁପର ଫୁଡ୍ ଭାବେ ବିବେଚନା କରାଯାଏ । ଦେଶୀ ଘିଅ ମହଙ୍ଗା । ତେଣୁ ଏହାକୁ ଅପମିଶ୍ରିତ କରି ବଜାରରେ ବିକ୍ରି କରୁଛନ୍ତି । ବଜାରରେ ଏବେ ଅନେକ ବ୍ରାଣ୍ଡର ଦେଶୀ ଘିଅ ଉପଲବ୍ଧ , ଯାହା ଲୋକଙ୍କ ପାଇଁ କେଉଁଟି ଅସଲି କୋଉଟା ନକଲି ତାହା ନିର୍ଣ୍ଣୟ କରିବା କଷ୍ଟକର ହୋଇପଡ଼େ । ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ରେଭନ୍ତ ହିମାତ୍ସିଗକା ତାଙ୍କ ମିଡିଆ ଚ୍ୟାନେଲ ' ଫୁଡ୍ ଫାର୍ମର ମାଧ୍ୟମରେ ଲୋକଙ୍କୁ ଖାଦ୍ୟ ଓ ପାନୀୟ ବାବଦରେ ସତର୍କ କରାଇବା ସହ ଘିଅର ଶୁଦ୍ଧତା ପରଖିବାକୁ ସହଜ ଓ ସରଳ ଉପାୟ ବତାଇଛନ୍ତି । ରେଭନ୍ତ ନିକଟରେ ତାଙ୍କ ଇନଷ୍ଟାରେ ଏକ ଟ୍ୱିଟ୍ ସେୟାର କରିଛନ୍ତି । ଘିଅର ଶୁଦ୍ଧତା ପରୀକ୍ଷା କରିବାକୁ ଏକ ପାତ୍ରରେ ଘିଅ ନେବାକୁ ପଡ଼ିବ ଏବଂ ତା'ପରେ ଏଥିରେ ଆୟୋଡିନ୍ ମିଶାନ୍ତୁ । ଦୁଇଟିକୁ ଭଲଭାବେ ମିଶାନ୍ତୁ । ମିଶ୍ର ପରେ ଯଦି ଘିଅର ରଙ୍ଗ ନୀଳ ହୋଇଯାଏ ତେବେ ଜାଣିବେ ଯେ ଆପଣ କିଣିଥିବା ଘିଅ ନକଲି । ଯଦି ଘିଅର ରଙ୍ଗ ବଦଳେନାହିଁ କିମ୍ବା ଈସତ୍ ହଳଦିଆ ଦେଖାଯାଏ ତେବେ ଜାଣିବେ ଆପଣ କିଣିଥିବା ଘିଅ ଶୁଦ୍ଧ ଏବଂ ଅସଲି । ଶୀତଦିନେ ଦେଶି ଘିଅ ମହୌଷଧି ଭଳି କାମ ଦିଏ । ଏହା ଶରୀରରେ ଉଷ୍ମତା ରକ୍ଷା କରିବା ସହ ଶରୀରରେ ରୋଗ ପ୍ରତିଶେଧକ ଶକ୍ତି ଭାବେ କାମ କରେ । ଏହା ଥଣ୍ଡା ଓ ଭାଇରାଲ ସଂକ୍ରମଣକୁ ଆଶଙ୍କା ହ୍ରାସ କରିଥାଏ । ଏହା ପାଚନ ପ୍ରଣାଳୀକୁ ସୁସ୍ଥ ରଖେ । ଶୀତଦିନେ ଦେଶି ଘିଅ ସେବନ କଲେ ଆଣ୍ଠୁ ଗଣ୍ଠି ସମସ୍ୟା ଦୂର ହୁଏ । ଏହା ଚର୍ମକୁ ଶୁଷ୍କ ହେବାକୁ ଦିଏନାହିଁ । ଏହାକୁ ସ୍ନାୟୁ ରୋଗର ଚିକିତ୍ସାରେ ବି ବ୍ୟବହାର କରାଯାଏ । ପ୍ରତିଦିନ ଦୁଇ ନାକ ପୁଡ଼ାରେ ଦୁଇ ଠୋପା ଲେଖାଏଁ ଘିଅ ପକାଇଲେ ମାଇଗ୍ରେନ୍ ସମସ୍ୟା ଦୂର ହେବା ସହ ମୁଣ୍ଡ ବିନ୍ଧା ଯନ୍ତ୍ରଣା ଦୂର ହୁଏ । ଏହା ସ୍ମୃତିଶକ୍ତି ତୀକ୍ଷ୍ଣ କରିଥାଏ

## ଓଠ ଫାଟିବା ନେଇ ଚିନ୍ତିତ କି ? ତେବେ ଆପଣାନ୍ତୁ ଏହି ଘରୋଇ ଉପାୟ...

ଶୀତଦିନେ ଆସିଲେ ଆମ ଚେହେରା ତ୍ୱଚାରେ ଅନେକ ପରିବର୍ତ୍ତନ ଦେଖାଯାଏ । କାରଣ ଏହି ଦିନରେ ଅନେକ ପରିବର୍ତ୍ତନ ଦେଖାଯାଏ । ଥଣ୍ଡା ପବନ ଏବଂ ଶୁଷ୍କ ପାଣିପାଗ ଯୋଗୁଁ ଆମ ତ୍ୱଚାରେ ଅନେକ ପରିବର୍ତ୍ତନ ଦେଖାଦିଏ । କିନ୍ତୁ ଆପଣ କେବେ ଚିନ୍ତା କରିଛନ୍ତି କି, ଶୀତଦିନେ ଶରୀରର ଅନ୍ୟ ଅଙ୍ଗ ଅପେକ୍ଷା କେବଳ ଓଠ ହିଁ କାହିଁକି ଅଧିକ ଫାଟେ ? ଅନେକ ସମୟରେ ଓଠ ଫାଟି ରକ୍ତ ମଧ ବାହାରିଥାଏ, ଯାହା ବହୁତ କଷ୍ଟଦାୟକ ହୋଇଥାଏ। କେବଳ ଏତିକି ନୁହେଁ ଓଠ ଶୁଷ୍କ ହେବା ସହ ଓଠରୁ ଚମ ଛାଡିବା ଆରମ୍ଭ ହୁଏ ।

ଏନେ ଆସନ୍ତୁ ଜାଣିବା ଏହାର କାରଣ .....

ତୈଳ ଗ୍ରନ୍ଥିର ଅଭାବ: ଆମ ଶରୀରର ଅନ୍ୟ ଚର୍ମରେ ତୈଳ ଗ୍ରନ୍ଥି ଥାଏ, ଯାହା ତ୍ୱଚାକୁ ପ୍ରାକୃତିକ ଭାବେ କୋମଳ ରଖେ । କିନ୍ତୁ ଓଠରେ କୌଣସି ତୈଳ ଗ୍ରନ୍ଥି ନଥାଏ, ତେଣୁ ଏହା ବାହାର ପବନ ସଂସ୍ପର୍ଶରେ ଆସି ଶୀଘ୍ର ଶୁଖିଯାଏ ।

୨. ପତଳା ଚର୍ମ: ଓଠର ଚର୍ମ ଆମ ଶରୀରର ଅନ୍ୟ ଅଂଶ ଅପେକ୍ଷା ବହୁତ ପତଳା ଓ ସମ୍ବେଦନଶୀଳ ହୋଇଥାଏ । ତେଣୁ ଶୀତଦିନର ଶୁଷ୍କ ପବନ ଏହାକୁ ସହଜରେ ପ୍ରଭାବିତ କରିଥାଏ ।

୩. ଶୁଷ୍କ ଓଠକୁ ବାରମ୍ବାର ଜିଭ ବୁଲାଇବା : ଅନେକ ଲୋକ ଓଠ ଶୁଖିଗଲେ ଜିଭରେ ଓଠକୁ ଓଦା କରନ୍ତି। ଲାଳରେ ଥିବା ଏନଜାଇମ୍ ଓଠକୁ ଆହୁରି ଅଧିକ ଶୁଷ୍କ କରିଦିଏ, ଯାହା ଫଳରେ ଓଠ ଫାଟିବା ବଢ଼ିଯାଏ।

୪. ଜଳୀୟ ଅଂଶର ଅଭାବ: ଶୀତଦିନେ ଆମେ କମ୍ ପାଣି ପିଇଥାଉ।



ଶରୀରରେ ଜଳୀୟ ଅଂଶ କମିଗଲେ ଏହାର ପ୍ରଭାବ ପ୍ରଥମେ ଓଠ ଉପରେ ପଡେ।
ଏବେ ଜାଣିଲେ ଏହାର କାରଣ , ଏବେ ଜାଣନ୍ତୁ ଘରୋଇ ଉପାୟରେ କିପରି ନେବେ ଓଠର ଯତ୍ନ ...

**୧. ମହୁ ଏବଂ ଚିନିର ସ୍କ୍ରବ୍:**
ଓଠରୁ ଶୁଷ୍କ ଚର୍ମ ବାହାର କରିବା ପାଇଁ ସ୍କ୍ରବିଂ ବହୁତ ଜରୁରୀ । ଅଳ୍ପ ମହୁରେ ଚିନି ମିଶାଇ ଓଠରେ ହାଲୁକା ଭାବେ ମାଲିସ କରନ୍ତୁ । ଏହା ଓଠକୁ ସଫା କରିବା ସହ ରକ୍ତ ସଞ୍ଚାଳନ ବଢାଇଥାଏ, ଯାହାଦ୍ୱାରା ଓଠ ସତେଜ ଦେଖାଯାଏ।

**୨. ନଡ଼ିଆ ତେଲ କିମ୍ବା ଘିଅ:**
ରାତିରେ ଶୋଇବା ପୂର୍ବରୁ ଓଠରେ ଶୁଦ୍ଧ ନଡ଼ିଆ ତେଲ କିମ୍ବା ଦେଶୀ ଘିଅ ଲଗାନ୍ତୁ। ଏଥିରେ ଥିବା ଫ୍ୟାଟି ଏସିଡ୍ ଓଠକୁ ଭିତରୁ ମଶ୍ଚରାଇଜ୍ କରେ ଏବଂ ଫାଟିବାକୁ ରୋକିଥାଏ।

**୩. କ୍ଷୀର ସର ଏବଂ ହଳଦୀ:**
କ୍ଷୀର ସରରେ ଅଳ୍ପ ହଳଦୀ ମିଶାଇ ଓଠରେ ଲଗାନ୍ତୁ । ଏହା ଏକ ପ୍ରାକୃତିକ କଣ୍ଡିସନର ଭଳି କାମ କରେ । ଏହା କଳା ଓଠକୁ ମଧ ସୁନ୍ଦର ଓ ନରମ କରିବାରେ ବହୁତ ସାହାଯ୍ୟ କରିଥାଏ।

**୪. ବିଟ୍‌ରୁଟ୍ ର ବ୍ୟବହାର:**
ଓଠକୁ ପ୍ରାକୃତିକ ଗୋଲାପୀ ରଙ୍ଗ ଦେବା ପାଇଁ ବିଟ୍‌ରୁଟ୍ ସବୁଠାରୁ ଭଲ। ବିଟ୍‌ରୁଟ୍‌ର ଏକ ଛୋଟ ଖଣ୍ଡ ନେଇ ଓଠରେ ଘଷନ୍ତୁ । ଏହା ଓଠର କଳାପଣ ଦୂର କରିଥାଏ।

**୫. ପ୍ରଚୁର ପାଣି ପିଅନ୍ତୁ:**
କେବଳ ବାହ୍ୟ ଯତ୍ନ ଯଥେଷ୍ଟ ନୁହେଁ। ଶରୀରକୁ ହାଇଡ୍ରେଟ୍ ରଖିବା ପାଇଁ ଦିନକୁ ଅତିକମରେ ୮-୧୦ ଗ୍ଲାସ୍ ପାଣି ପିଅନ୍ତୁ । ଏହା ଓଠକୁ ସତେଜ ରଖିବ।

CMYK

# ମାନସିକ ସ୍ୱାସ୍ଥ୍ୟ: ଏକ ନୀରବ ସଙ୍କଟ

ଆଧୁନିକତାର ଦ୍ରୁତ ଗତିରେ ଆଗଉଥିବା ପୃଥିବୀରେ ଆମେ ଅନେକ ବିକାଶର ଗାଥା ଶୁଣୁଛେ, କିନ୍ତୁ ଏହାର ଅନ୍ତରାଳରେ ଏକ ନୀରବ ମହାମାରୀ ନିଜର କାୟା ବିସ୍ତାର କରିଚାଲିଛି । ଏହା ହେଉଛି ମାନସିକ ସ୍ୱାସ୍ଥ୍ୟ ସଙ୍କଟ, ଯାହା ଆଜି ବିଶ୍ୱର ପ୍ରତ୍ୟେକ କୋଣ ଅନୁକୋଣରେ ନିଜର କରାଳ ରୂପ ଦେଖାଇବାରେ ଲାଗିଛି । ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ଦ୍ୱାରା ପ୍ରକାଶିତ ତଥ୍ୟ ଏକ ଭୟାବହ ସତ୍ୟକୁ ପଦାରେ ପକାଇଛି, ଯାହା ଅନୁଯାୟୀ ବିଶ୍ୱବ୍ୟାପୀ ଶହେ କୋଟିରୁ ଅଧିକ ଲୋକ କୌଣସି ନା କୌଣସି ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଛନ୍ତି । ଉଦ୍‌ବେଗ (anxiety) ଏବଂ ଅବସାଦ (depression) ଭଳି ସମସ୍ୟା ଆଜି ଘରେ ଘରେ ପହଞ୍ଚି ସାରିଲାଣି, କିନ୍ତୁ ଏହାର ମୁକାବିଲା ପାଇଁ ଆମର ପ୍ରସ୍ତୁତି ଅତ୍ୟନ୍ତ ନଗଣ୍ୟ । ଏହି ସଙ୍କଟ କେବଳ ବ୍ୟକ୍ତିଗତ ସ୍ତରରେ ସୀମିତ ନାହିଁ, ବରଂ ଏହା ସମାଜ, ଅର୍ଥବ୍ୟବସ୍ଥା ଏବଂ ସାମଗ୍ରିକ ଭାବେ ମାନବ ବିକାଶ ଉପରେ ଗଭୀର ପ୍ରଭାବ ପକାଉଛି ।

ମାନସିକ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ଦୀର୍ଘକାଳୀନ ଅକ୍ଷମତାର ଦ୍ୱିତୀୟ ପ୍ରମୁଖ କାରଣ ଭାବେ ଉଭା ହୋଇଛି । ଏହା ସତ୍ତ୍ୱେ ଏହାକୁ ଯେଉଁ ଗୁରୁତ୍ୱ ମିଳିବା କଥା, ତାହା ମିଳୁନାହିଁ । ଅଧିକାଂଶ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ମାନସିକ ସ୍ୱାସ୍ଥ୍ୟକୁ ଏବେବି ଅବହେଳା କରାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ, ଦେଶଗୁଡ଼ିକ ନିଜ ସ୍ୱାସ୍ଥ୍ୟ ବଜେଟର ମାତ୍ର ଦୁଇ ପ୍ରତିଶତ ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ଖର୍ଚ୍ଚ କରୁଛନ୍ତି, ଏବଂ ଏହି ପରିମାଣ ୨୦୧୭ ମସିହାରୁ ସ୍ଥିର ରହିଛି । ଏହି ପରିସଂଖ୍ୟାନରୁ ସ୍ପଷ୍ଟ ଯେ, ଆମେ ଶାରୀରିକ ସ୍ୱାସ୍ଥ୍ୟକୁ ଯେତିକି ଗୁରୁତ୍ୱ ଦେଉଛେ, ମାନସିକ ସ୍ୱାସ୍ଥ୍ୟକୁ ତା'ର ଏକ ଛୋଟ ଅଂଶ ଭାବରେ ମଧ ବିବେଚନା କରୁନାହୁଁ। ଏହି ଅବହେଳାର ପରିଣାମ ଅତ୍ୟନ୍ତ ଭୟଙ୍କର । ବିଶ୍ୱ ଅର୍ଥନୀତିକୁ ଏହା ବାର୍ଷିକ ପ୍ରାୟ ଏକ ଟ୍ରିଲିୟନ ଡଲାରର କ୍ଷତି ପହଞ୍ଚାଉଛି, ଯାହାକି କାର୍ଯ୍ୟକ୍ଷେତ୍ରରେ ଉତ୍ପାଦକତା ହ୍ରାସ ଯୋଗୁଁ ହେଉଛି । ଯେତେବେଳେ ଜଣେ କର୍ମଚାରୀ ମାନସିକ ଅବସାଦରେ ପୀଡ଼ିତ ହୁଏ, ସେତେବେଳେ ତା'ର କାର୍ଯ୍ୟଦକ୍ଷତା କମିଯାଏ, ଯାହାର ସିଧାସଳଖ ପ୍ରଭାବ ଦେଶର ଅର୍ଥନୀତି ଉପରେ ପଡ଼ିଥାଏ ।

ଏହି ସଙ୍କଟର ଆଉ ଏକ ଦୁଃଖଦ ଦିଗ ହେଉଛି ଏଥିରେ ଥିବା ଭୟଙ୍କର ଅସମାନତା । ଧନୀ ଏବଂ ଗରିବ ଦେଶମାନଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ସେବାରେ ଆକାଶ ପାତାଳର ଫରକ ଦେଖିବାକୁ ମିଳେ । ଉଚ୍ଚ-ଆୟକାରୀ ଦେଶଗୁଡ଼ିକ ଯେଉଁଠି ନିଜ ନାଗରିକଙ୍କ ମାନସିକ ସ୍ୱାସ୍ଥ୍ୟ ପାଇଁ ବାର୍ଷିକ ମୁଣ୍ଡପିଛା ୬୫ ଡଲାର ପର୍ଯ୍ୟନ୍ତ ଖର୍ଚ୍ଚ କରୁଛନ୍ତି, ସେଠାରେ ନିମ୍ନ-ଆୟକାରୀ ଦେଶଗୁଡ଼ିକରେ ଏହି ପରିମାଣ ମାତ୍ର ଚାରି ସେଣ୍ଟ ଅଟେ । ଏହି ତଥ୍ୟରୁ ସ୍ପଷ୍ଟ ଯେ, ଗରିବ ଦେଶର ନାଗରିକମାନଙ୍କ ପାଇଁ ମାନସିକ ସ୍ୱାସ୍ଥ୍ୟ ସେବା ଏକ ସ୍ୱପ୍ନ ସଦୃଶ । ବିଶ୍ୱ ସ୍ତରରେ ପ୍ରତି ଏକ ଲକ୍ଷ ଲୋକଙ୍କ ପାଇଁ ମାତ୍ର ୧୩ ଜଣ ମାନସିକ ସ୍ୱାସ୍ଥ୍ୟ କର୍ମୀ ଉପଲବ୍ଧ ଅଛନ୍ତି, ଯାହା ସମୁଦ୍ରକୁ ଶଙ୍ଖେ ପାଣି ଭଳି । ଏହି କାରଣରୁ ନିମ୍ନ-ଆୟକାରୀ ଦେଶମାନଙ୍କରେ ୧୦ ପ୍ରତିଶତରୁ କମ୍ ପ୍ରଭାବିତ ବ୍ୟକ୍ତି ଚିକିତ୍ସା ସେବା ପାଇପାରୁଥିବା ବେଳେ ଉଚ୍ଚ-ଆୟକାରୀ ଦେଶମାନଙ୍କରେ ଏହି ସଂଖ୍ୟା ୫୦ ପ୍ରତିଶତରୁ ଅଧିକ । ଏହି ଅସମାନତା କେବଳ ଅର୍ଥନୈତିକ ସ୍ତରରେ ନୁହେଁ, ବରଂ ଲିଙ୍ଗଗତ ସ୍ତରରେ ମଧ ଦେଖାଯାଏ । ମହିଳାମାନେ ପୁରୁଷଙ୍କ ତୁଳନାରେ ଦୁଇଗୁଣ ଅଧିକ ଅବସାଦର ଶିକାର ହେଉଥିବା ରିପୋର୍ଟରୁ ଜଣାପଡ଼ିଛି । ସେହିଭଳି ଯୁବପିଢ଼ି, ବିଶେଷକରି ୧୮ରୁ ୩୪ ବର୍ଷ ବୟସର ଯୁବକଯୁବତୀମାନେ, ଏହି ସଙ୍କଟ ଦ୍ୱାରା ସର୍ବାଧିକ ପ୍ରଭାବିତ ହେଉଛନ୍ତି । କୋଭିଡ଼-୧୯ ମହାମାରୀ ପରଠାରୁ ଯୁବପିଢ଼ିଙ୍କ ମାନସିକ ସ୍ୱାସ୍ଥ୍ୟରେ ଯେଉଁ ନାଟକୀୟ ହ୍ରାସ ଦେଖାଦେଇଥିଲା, ସେଥିରୁ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୁଧାର ଆସିପାରିନାହିଁ।

ଆତ୍ମହତ୍ୟା ଏହି ମାନସିକ ସ୍ୱାସ୍ଥ୍ୟ ସଙ୍କଟର ସବୁଠାରୁ ଭୟଙ୍କର ପରିଣତି। ୨୦୨୧ ମସିହାରେ ପ୍ରାୟ ୭୨୭,୦୦୦ ଲୋକ ଆତ୍ମହତ୍ୟା କରି ପ୍ରାଣ ହରାଇଥିଲେ, ଏବଂ ଏହା ଯୁବକମାନଙ୍କ ମଧ୍ୟରେ ମୃତ୍ୟୁର ଏକ ପ୍ରମୁଖ କାରଣ ପାଲଟିଛି । ମିଳିତ ଜାତିସଂଘ ୨୦୩୦ ସୁଦ୍ଧା ଆତ୍ମହତ୍ୟା ମୃତ୍ୟୁହାରକୁ ଏକ ତୃତୀୟାଂଶ କମାଇବାକୁ ଲକ୍ଷ୍ୟ ରଖିଥିବା ବେଳେ, ବର୍ତ୍ତମାନର ଗତିରେ ଏହା କେବଳ ୧୨ ପ୍ରତିଶତ ହ୍ରାସ ପାଇବ ବୋଲି ଆକଳନ କରାଯାଉଛି । ଏହା ଦର୍ଶାଉଛି ଯେ ଆମର ପ୍ରୟାସ କେତେ ଅପର୍ଯ୍ୟାପ୍ତ । ସମାଜରେ ମାନସିକ ସ୍ୱାସ୍ଥ୍ୟକୁ ନେଇ ରହିଥିବା ଲାଞ୍ଛନା (stigma) ଏବଂ ଭୁଲ ଧାରଣା ଏହି ସମସ୍ୟାକୁ ଆହୁରି ଜଟିଳ କରିଦେଉଛି । ଲୋକମାନେ ନିଜର ମାନସିକ ସମସ୍ୟା ବିଷୟରେ ଖୋଲାଖୋଲି ଭାବେ କହିବାକୁ କୁଣ୍ଠାବୋଧ କରନ୍ତି, କାରଣ ସେମାନଙ୍କୁ ପାଗଳ ବୋଲି କହିଦିଆଯିବାର ଭୟ ଥାଏ । ଏହି କାରଣରୁ ଅନେକ ଲୋକ ଠିକ୍ ସମୟରେ ସାହାଯ୍ୟ ନେଇପାରନ୍ତି ନାହିଁ ଏବଂ ସେମାନଙ୍କ ସମସ୍ୟା ଦିନକୁ ଦିନ ବଢ଼ିଚାଲେ ।

ତେବେ ଏହି ଅନ୍ଧକାର ମଧ୍ୟରେ କିଛି ଆଶାର କିରଣ ମଧ ଦେଖାଯାଉଛି। କିଛି ଦେଶ ମାନସିକ ସ୍ୱାସ୍ଥ୍ୟକୁ ପ୍ରାଥମିକ ସ୍ୱାସ୍ଥ୍ୟସେବାରେ ସାମିଲ କରିବା ଆରମ୍ଭ କରିଛନ୍ତି । ସ୍କୁଲ ଏବଂ ସାମୁଦାୟିକ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ବୃଦ୍ଧି ପାଉଛି। ଜରୁରୀକାଳୀନ ପରିସ୍ଥିତିରେ ମାନସିକ ସ୍ୱାସ୍ଥ୍ୟ ଏବଂ ମନସ୍ତାତ୍ତ୍ୱିକ ଓ ସାମାଜିକ ସହାୟତା ପ୍ରଦାନ କରୁଥିବା ଦେଶମାନଙ୍କ ସଂଖ୍ୟା ୨୦୨୦ରେ ୪୦ ପ୍ରତିଶତରୁ କମ୍ ଥିବାବେଳେ ଏବେ ତାହା ୮୦ ପ୍ରତିଶତରୁ ଅଧିକ ହୋଇଛି । ଟେଲି-ହେଲ୍ଥ ସେବାର ପ୍ରସାର ମଧ ଏକ ସକାରାତ୍ମକ ପଦକ୍ଷେପ, ଯଦିଓ ଏହାର ଉପଲବ୍ଧତା ସବୁଠାରେ ସମାନ ନୁହେଁ । କିନ୍ତୁ ଏହି ପଦକ୍ଷେପଗୁଡ଼ିକ ସମସ୍ୟାର ବିଶାଳତାକୁ ଦେଖିଲେ ଯଥେଷ୍ଟ ନୁହେଁ । ଏଥିପାଇଁ ଏକ ବ୍ୟବସ୍ଥାଗତ ପରିବର୍ତ୍ତନର ଆବଶ୍ୟକତା ରହିଛି ।

ସରକାରମାନଙ୍କୁ ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ନିବେଶ ବୃଦ୍ଧି କରିବାକୁ ପଡ଼ିବ। ଏହାକୁ କେବଳ ଏକ ସ୍ୱାସ୍ଥ୍ୟ ସମସ୍ୟା ଭାବେ ନ ଦେଖି ଏକ ମାନବିକ ଅଧିକାର ଭାବରେ ଗ୍ରହଣ କରିବାକୁ ହେବ । ସ୍ୱାସ୍ଥ୍ୟ ବଜେଟରେ ଏହାର ଅଂଶ ବଢ଼ାଇବା ସହିତ ଏକ ସୁଦୃଢ଼ ଆଇନଗତ ସୁରକ୍ଷା ବ୍ୟବସ୍ଥା ପ୍ରଣୟନ କରିବା ଜରୁରୀ । ମାନସିକ ସ୍ୱାସ୍ଥ୍ୟ କର୍ମୀଙ୍କ ସଂଖ୍ୟା ବୃଦ୍ଧି କରିବା ଏବଂ ସେମାନଙ୍କୁ ଉପଯୁକ୍ତ ତାଲିମ ଦେବା ପାଇଁ ପଦକ୍ଷେପ ନେବାକୁ ପଡ଼ିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମାନସିକ ରୋଗୀଙ୍କୁ ପାଗଳଖାନାରେ ବନ୍ଦୀ କରି ରଖିବା ପରିବର୍ତ୍ତେ ସାମୁଦାୟିକ ସ୍ତରରେ, ବ୍ୟକ୍ତି-କୈନ୍ଦ୍ରିକ ଚିକିତ୍ସା ସେବା ଯୋଗାଇ ଦେବା ଉପରେ ଗୁରୁତ୍ୱ ଦେବାକୁ ହେବ । ଏଥିସହିତ ସାମାଜିକ ସ୍ତରରେ ସଚେତନତା ସୃଷ୍ଟି କରିବା ଅପରିହାର୍ଯ୍ୟ । ଲୋକଙ୍କୁ ବୁଝାଇବାକୁ ପଡ଼ିବ ଯେ ମନର ଅସୁସ୍ଥତା ମଧ ଶରୀରର ଅସୁସ୍ଥତା ଭଳି ଏକ ସାଧାରଣ କଥା ଏବଂ ଏହାର ଚିକିତ୍ସା ସମ୍ଭବ। ଯଦି ଆମେ ତୁରନ୍ତ ଏ ଦିଗରେ କାର୍ଯ୍ୟ ନ କରୁ, ତେବେ ଲକ୍ଷ ଲକ୍ଷ ଲୋକ ବିନା ସହାୟତାରେ କଷ୍ଟ ପାଉଥିବେ ଏବଂ ଆମ ସମାଜକୁ ଏହାର ଭାରୀ ସାମାଜିକ ଓ ଅର୍ଥନୈତିକ ମୂଲ୍ୟ ଦେବାକୁ ପଡ଼ିବ । ମାନସିକ ସ୍ୱାସ୍ଥ୍ୟରେ ନିବେଶ କରିବା କୌଣସି ବିକଳ୍ପ ନୁହେଁ, ବରଂ ଏହା ଲୋକ, ସମାଜ ଏବଂ ଅର୍ଥବ୍ୟବସ୍ଥାରେ କରାଯାଉଥିବା ଏକ ଜରୁରୀ ନିବେଶ, ଯାହାକୁ କୌଣସି ଦେଶ ଅବହେଳା କରିପାରିବ ନାହିଁ ।

# ପଶ୍ଚିମ ଓଡିଶାର ମଦର ଟେରେସା



**ଜୟଶ୍ରୀ ପଟ୍ଟନାୟକ**

ସେବା ଓ ମମତାର ପ୍ରତିମୂର୍ତ୍ତି ପଶ୍ଚିମ ଓଡ଼ିଶାର ମଦର ଟେରେସା ଭାବରେ ଖ୍ୟାତି ଅର୍ଜନ କରିଥିବା ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ମାନବବାଦୀ ଚିନ୍ତାଧାରାର ମହିୟସୀ ମହିଳା ଥିଲେ ପାର୍ବତୀ ଗିରି। ସମ୍ବଲପୁର ଜିଲ୍ଲା ତଥା ବର୍ତ୍ତମାନର ବରଗଡ଼ ଜିଲ୍ଲାର ବିଜେପୁର ନିକଟବର୍ତ୍ତୀ ସମଲାଇ ପଦର ଗ୍ରାମରେ ୧୯ ଜାନୁଆରୀ ୧୯୨୬ରେ ଜନ୍ମ ଗ୍ରହଣ କରିଥିଲେ, ଗୌନ୍ତିଆ ଦୟାନିଧି ଗିରିଙ୍କର ସୁଯୋଗ୍ୟା କନ୍ୟା ପାର୍ବତୀ ଗିରି। ଭାରତର ସ୍ୱାଧୀନତା ସଂଗ୍ରାମ ହେଉ ଅବା ଜନତାର ସେବା ପ୍ରତ୍ୟେକ କାର୍ଯ୍ୟକୁ ନିଖୁଣ ଭାବରେ କରିଛନ୍ତି। ତାଙ୍କ ଦାଦା ରାମଚନ୍ଦ୍ର ଗିରି ଥିଲେ ଜଣେ କଂଗ୍ରେସ କର୍ମୀ ତେଣୁ ଅତି କମ ବୟସରେ ଅର୍ଥାତ ତୃତୀୟ ଶ୍ରେଣୀ ପଢୁଥିବା ବେଳେ ତାଙ୍କ ସହିତ ବାହାରି ପଡ଼ିଥିଲେ କଂଗ୍ରେସ ସଭାମାନଙ୍କୁ ପ୍ରଚାରରେ। ପିଲାଟି ଦିନରୁ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ମାତୃକା ସେବାରେ ମଗ୍ନ ରହୁଥିଲେ। ସାମାଜିକ କୁସଂସ୍କାର ବିରୁଦ୍ଧରେ ସ୍ୱର ତାଙ୍କର ଥିଲା ଖୁବ ଶାଣିତ, ତୀକ୍ଷ୍ଣ। ସେ ଥିଲେ ସଂଗ୍ରାମୀ, ବହ୍ନିକନ୍ୟା। ଧୂଳିଖେଳ ବୟସରେ ତାଙ୍କର ଏହି ନିଷ୍ଠା ଦେଖି ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମାଳତୀ ଚୌଧୁରୀ ଓ ପ୍ରାଣକୃଷ୍ଣ ପଢିଆରୀ ତାଙ୍କୁ ୧୨ ବର୍ଷ ବୟସ ବେଳେ କଂଗ୍ରେସରେ କାମ କରିବା ପାଇଁ ମା, ମାଟି ପାଇଁ ସଂଗ୍ରାମ କରିବା ପାଇଁ ତାଙ୍କ ବାପାଙ୍କଠାରୁ ଅନୁମତି ଆଣିଥିଲେ।

ସେ ଆଶ୍ରମରେ ରହି କଂଗ୍ରେସ ପାଇଁ କାମ କରିବା ସହ ଅହିଂସା, ହସ୍ତଶିଳ୍ପ ଓ ଆତ୍ମ ନିର୍ଭର ଶୀଳତା ସହିତ ଅନେକ ଜିନିଷ ଶିକ୍ଷା କରି ଥିଲେ ଏବଂ ଖଦୀ ବା ସ୍ୱଦେଶୀ ପୋଷାକ ପିନ୍ଧିବା ପାଇଁ ବୁଝାଇ ଲୋକମାନଙ୍କୁ ବୁଣିବା କାର୍ଯ୍ୟ ଶିଖାଇଥିଲେ। ଜାନୁଆରୀ ୧୪, ୧୯୩୮ରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ରମାଦେବୀଙ୍କ ଦ୍ୱାରା ପରିଚାଳିତ ବରି ଆଶ୍ରମରେ ଯୋଗଦାନ କରିଥିଲେ। ଦୁର୍ଭିକ୍ଷ ସମୟରେ ରିଲିଫ କାର୍ଯ୍ୟରେ ସହଯୋଗ କରିଥିଲେ। ଅନାଥ ଓ ହରିଜନ ପିଲାମାନଙ୍କୁ ଆଣି, ବାଳ ନିକେତନ କରି ଥଇଥାନ କରିଥିଲେ। ସେମାନଙ୍କ ପ୍ରାଣରେ ସ୍ପନ୍ଦନ ସାଜିଥିଲେ ବୃଦ୍ଧ ବୃଦ୍ଧା ମାନଙ୍କ ପାଇଁ ପାଇକମାଳ, ବରଗଡ଼ ଓ କଳାହାଣ୍ଡି ରେ ଜରାନିବାସ କରି ସମାଜସେବାରେ ନିଜକୁ ସମର୍ପି ଦେଇଥିଲେ। ଇଂରେଜ ସରକାରଙ୍କ ବିରୋଧାତ୍ମକ ଆନ୍ଦୋଳନରେ ଝାସ ଦେଇ ସେମାନଙ୍କ ନାଳି ଆଖିକୁ ନଡରି ବରଗଡ଼ ଏସଡ଼ିଓ କାର୍ଯ୍ୟାଳୟ ରେ ଚୌକି ମାଡ଼ି ବସି, ଆଜିଠାରୁ ବ୍ରିଟିଶ ଶାସନରୁ ମୁକ୍ତ ହେଲା ଭାରତ ବୋଲି କହିବାର ସତସାହାସ ଥିଲା ତାଙ୍କର ଏବଂ ଏହି କାର୍ଯ୍ୟକଳାପ ପାଇଁ ସେ ଦୁଇବର୍ଷ କାରାବାସ ଦଣ୍ଡ ଭୋଗି ନାବାଳିକା ହେତୁ ମୁକ୍ତ ହୋଇ ଯାଇଥିଲେ। ସେ ଥିଲେ ନିର୍ଭୀକ, ଲୋଭହୀନ ଓ ମା ମାଟି ପାଇଁ ସମର୍ପିତ ହୃଦୟ। ୧୯୪୨ ରେ ଭାରତ ଛାଡ଼ ଆନ୍ଦୋଳନରେ ମାତ୍ର ୧୬ ବର୍ଷ ବୟସରେ ଯୋଗ ଦେଇଥିଲେ।

୧୫ ଅଗଷ୍ଟ ୧୯୪୭ ଦେଶ ସ୍ୱାଧୀନତା ପାଇଲା ପରେ ସେ ବିଭିନ୍ନ ପ୍ରକାର ସମାଜସେବା କାର୍ଯ୍ୟରେ ନିଜକୁ ସମର୍ପିତ କରିଥିଲେ। ଆଚାର୍ଯ୍ୟ ବିନୋବା ଭାବେଙ୍କ ଭୁଦାନ ଯଜ୍ଞରେ ଯୋଗଦାନ କରି ଜମି ମାଲିକ ମାନଙ୍କୁ ବଳକା ଜମି ଦାନ କରିବାକୁ ପ୍ରବର୍ତ୍ତେଇ ଥିଲେ। ୧୯୫୦ରେ ପାର୍ବତୀ ଆଲାହାବାଦ ବିଦ୍ୟାଳୟରେ ଶିକ୍ଷା ସମାପ୍ତ କଲେ। ସେ ନୃସିଂହନାଥରେ କସ୍ତୁରବା ଗାନ୍ଧି ମାତୃ ନିକେତନ ନାମକ ଏକ ଆଶ୍ରମ ପ୍ରତିଷ୍ଠା କରିଥିଲେ ସେଠାରେ ମହିଳା ଓ ଅନାଥ ମାନେ ଆଶ୍ରୟ ନେଇଥିଲେ। ୧୯୫୪ରେ ରମାଦେବୀ ସହ ମିଶି ରିଲିଫ କାର୍ଯ୍ୟରେ ଯୋଗଦାନ କରିଥିଲେ। ୧୯୫୫ରେ ସମ୍ବଲପୁର ଜିଲ୍ଲା ଲୋକଙ୍କ ସ୍ୱାସ୍ଥ୍ୟ ଓ ପରିମଳ ଉନ୍ନତି ପାଇଁ ଏକ ଆମେରିକୀୟ ପ୍ରକଳ୍ପରେ ଯୋଗ ଦେଇଥିଲେ। ସେ କୁଷ୍ଠ ରୋଗ ଦୂର କରିବାପାଇଁ କାର୍ଯ୍ୟ କରିଥିଲେ।

ସମାଜସେବା କ୍ଷେତ୍ରରେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟରୁ ଡକ୍ଟରେଟ ଉପାଧି ୧୯୯୮ ମସିହାରେ କୁଳାଧିପତି ତଥା ଓଡ଼ିଶାର ରାଜ୍ୟପାଳ ସି. ରଙ୍ଗରାଜନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଓଡିଶା ସରକାର ମଧ ତାଙ୍କ ସମ୍ମାନାର୍ଥେ ଡିସେମ୍ବର, ୨୦୧୬ରେ ରାଜ୍ୟ କ୍ୟାବିନେଟରେ ମଂଜୁର ହୋଇଥିବା ଏକ ବୃହତ ଜଳସେଚନ ଯୋଜନାକୁ ପାର୍ବତୀ ଗିରି ଜଳସେଚନ ପ୍ରକଳ୍ପ ଭାବରେ ଘୋଷଣା କରିଛନ୍ତି। ସ୍ୱାଧୀନତା ସଂଗ୍ରାମ ଓ ସମାଜସେବା କ୍ଷେତ୍ରରେ ପାର୍ବତୀଙ୍କ ଅବଦାନକୁ ଏ ଜାତି ଯୁଗେ ଯୁଗେ ମନେ ରଖିବ। ପ୍ରତିବର୍ଷ ସେ ଗଢ଼ିଥିବା ଆଶ୍ରମ ମାନଙ୍କରେ ତାଙ୍କର ଜୟନ୍ତୀ, ଶ୍ରାଦ୍ଧ ପାଳନ ସହିତ ସମାଜସେବା କ୍ଷେତ୍ରରେ ପାର୍ବତୀ ଗିରି ସେବା ସମ୍ମାନରେ ପୁରସ୍କୃତ କରାଯାଏ। ଆନ୍ଦୋଳନର ବହ୍ନି, ଅସ୍ପୃଶ୍ୟତା, ମରୁଡ଼ି ବେଳେ ଅନାଥ ହରିଜନ ପିଲାଙ୍କ ଥଇ ଥାନ, ଜରା ନିବାସ, ସମାଜସେବା କ୍ଷେତ୍ରରେ ତାଙ୍କର ନିଆରା ଅବଦାନ ତାଙ୍କୁ ସ୍ମରଣୀୟ କରି ରଖିଛି ଇତିହାସରେ। ଅଗଷ୍ଟ ୧୭, ୧୯୯୫ରେ ୭୮ ବର୍ଷ ବୟସରେ ନିର୍ବାପିତ ହୋଇଗଲା ତାଙ୍କ ଜୀବନ ଦୀପ। ସେ ଥିଲେ ପଶ୍ଚିମ ଓଡ଼ିଶାର ସେବା ଓ ମମତାର ମଦର ଟେରେସା, ସ୍ୱାଧୀନତା ସଂଗ୍ରାମର ବହ୍ନିକନ୍ୟା।


+ଗଙ୍ଗନଗର, ଭୁବନେଶ୍ୱର
ମୋ: ୭୯୭୮୧୧୦୪୭୪


# କିଶୋର ନ୍ୟାୟ ବ୍ୟବସ୍ଥା



**ଗଙ୍ଗାଧର ସାମଲ**

ଆମ ଦେଶରେ କିଶୋର ମାନଙ୍କ ନ୍ୟାୟ ସମ୍ପର୍କରେ ଯେତେ ଆଲୋଚନା ହୋଇଥାଏ ସେ ପରିମାଣର କିନ୍ତୁ ନିର୍ଯ୍ୟାସରେ କିଛି ପହଞ୍ଚି ପାରିନଥାଏ। ନିକଟରେ ସରକାରୀ ଭାବେ ଭାରତୀୟ ନ୍ୟାୟ ରିପୋର୍ଟର ପରିସଂଖ୍ୟନର ଚିତ୍ର ଯାହା କହୁଛି ସେଥିରୁ ସୁସ୍ପଷ୍ଟ ଯେ ଏଯାବତ୍ ଆଇନ ପାଇବା ପାଇଁ କିଶୋର ନ୍ୟାୟ ବ୍ୟବସ୍ଥା ସଠିକ ଭାବେ ଯଥାର୍ଥ ପରିମାଣରେ କାର୍ଯ୍ୟକାରୀ ହୋଇପାରୁନାହିଁ। ଏବେ ବି ସମଗ୍ର ଦେଶରେ ୩୫୨ଟି କିଶୋର ନ୍ୟାୟବୋର୍ଡ଼ ବା ଜେଜେବି ଗୁଡ଼ିକରେ ଆଇନଗତ କାର୍ଯ୍ୟାନୁଷ୍ଠାନ ବିଳମ୍ବିତ ହେଉଛି। ଏଥିରେ ଓଡ଼ଇଶାର ରେକର୍ଡ଼ ଅତି ଖରାପ। ଏଠାରେ ପେଣ୍ଡେନସୀ ବା ବିଚାର କାଳ ୮୩ ପ୍ରତିଶତ ଯାହା ଖୁବ ଅଧିକ। ଦେଶର ସବୁ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଜେଜେବି ଥିଲେ ମଧ ୨୫ ପ୍ରତିଶତରେ ପୁରା ବେଞ୍ଚ ନାହିଁ। ଅଥଚ ଏଥିରେ ମାତ୍ର ଜଣେ ମାଜିଷ୍ଟ୍ରେଟ ଓ ଦୁଇଜଣ ସାମାଜିକ କର୍ମୀ ଆବଶ୍ୟକ। ଏକ ତୃତୀୟାଂଶ ବୋର୍ଡ଼ରେ ବିଧିଗତ ସେବା କ୍ଲିନିକ ନାହିଁ, ଯାହା ଆଇନ ଅନୁସାରେ ଆବଶ୍ୟକ। ପ୍ରତି ଜେଜେବିରେ ୧୫୨ଟି କେସ ପଡ଼ି ରହିଛି। ସେ ସବୁରୁ କେବଳ ୧୧ଟି କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଅନୁସାରେ ଆବଶ୍ୟକ ୭ଟି ଯାକ ମାନକକୁ ପୂରଣ କରୁଛନ୍ତି। ୧୪ଟି ରାଜ୍ୟ ଗୁରୁତର ଅପରାଧରେ ଲିପ୍ତ ୧୬ରୁ ୧୮ ବର୍ଷ ବୟସ୍କଙ୍କ ପାଇଁ ସୁରକ୍ଷିତ ସ୍ଥାନ ସ୍ଥାପନ କରିନାହାନ୍ତି।

ଯେଉଁ ସର୍ଭେ ଉପରେ ଉପରୋକ୍ତ ରିପୋର୍ଟ ଉପରେ ଆଧାରିତ ତାହା କିଶୋର ନ୍ୟାୟ ଆଇନ କିଭଳି କାମ କରି ଆସିଛି ତାର ମୂଲ୍ୟାୟନ ଲାଗି ଉଦ୍ଦିଷ୍ଟ ଥିଲା। ତାର ଫଳାଫଳ ଗୁରୁତର ଉଦବେଗ ସୃଷ୍ଟି କରିଛି। ଦେଶରେ ପ୍ରାୟ ୫୦ ହଜାର ଶିଶୁ କିଶୋର ନ୍ୟାୟ ବୋର୍ଡ଼ ବା ଜୁଭେନାଇଲ ଜଷ୍ଟିସ ବୋର୍ଡ଼ ଗୁଡ଼ିକରୁ ନ୍ୟାୟ ପାଇଁ ଅପେକ୍ଷା କରି ରହିଛନ୍ତି। ୨୮ଟି ରାଜ୍ୟ ଉପରେ ସର୍ଭେ କରାଯାଇ ସେଥିରୁ ମିଳିଥିବାତଥ୍ୟ ଉପରେ ଉପରୋକ୍ତ ରିପୋର୍ଟଟି ପର୍ଯ୍ୟବେକ୍ଷିତ। ଅବଶ୍ୟ ଏହି ସୂଚନା ଅସମ୍ପୂର୍ଣ୍ଣ। କିଶୋର ନ୍ୟାୟ କେସ ଗୁଡ଼ିକ ଉପରେ ତଥ୍ୟ ସଂଗ୍ରହର କୌଣସି କେନ୍ଦ୍ରୀକୃତ ବ୍ୟବସ୍ଥା ଦେଶରେ ନାହିଁ। ଅପରାଧରେ ଲିପ୍ତ ହେଉଥିବା ଶିଶୁଙ୍କୁ ତଦନ୍ତ ବେଳେ ଓ ସେମାନେ ଦୋଷୀ ସାବ୍ୟସ୍ତ ହେଲା ପରେ ଶିଶୁଙ୍କ ଯତ୍ନ ପାଇଁ ଥିବା ଅନୁଷ୍ଠାନ ଗୁଡ଼ିକରେ ରଖାଯାଏ। ଏହି ଆଶ୍ରୟ ସ୍ଥଳୀଗୁଡ଼ିକର ପରିଚାଳନା ଅଧିକାଂଶ ସମୟରେ ଠିକ ନୁହେଁ। ସେ ସବୁକୁ ସୁଧାରିବା ବାଦ ଏପରି ଅଧିକ ସୁବିଧା କେନ୍ଦ୍ର ସ୍ଥାପନର ଆବଶ୍ୟକତା ରହିଛି। ୧୨୮ଟି ଅନୁଷ୍ଠାନ ପାଇଁ ମାତ୍ର ୨୮ ଜଣ ମେଡ଼ିକାଲ ଅଫିସର ଅଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ବିନା ମେଡ଼ିକାଲ କର୍ମଚାରୀରେ କାମ କରୁଛନ୍ତି। ସମଗ୍ର ବ୍ୟବସ୍ଥାଟି ଦୁର୍ବଳ। କିଶୋର ନ୍ୟାୟ ପ୍ରଦାନ ପାଇଁ ଯାହା ସବୁ ଆବଶ୍ୟକ ସେଗୁଡ଼ିକୁ ଠିକ ଭାବେ ଯୋଗାଯାଉନାହିଁ। ସମ୍ପୃକ୍ତ ଶିଶୁମାନଙ୍କୁ ଉପଯୁକ୍ତ ଆଶ୍ରୟସ୍ଥଳୀ ଯୋଗାଇବା, ସେମାନଙ୍କର କେସ ପରିଚାଳନା ସର୍ବୋପରି ଅପରାଧରେ ଟଣା ହୋଇ ଆସୁଥିବା କିଶୋର ମାନଙ୍କର ଥଇଥାନ କ୍ଷେତ୍ରରେ ଯଥେଷ୍ଟ ଦୁର୍ବଳତା ରହୁଛି। ଗୋଟିଏ ଦେଶର ବିଧି ବ୍ୟବସ୍ଥା ଓ ସଂସ୍କୃତିର ମୂଲ୍ୟାୟନ କରିବାକୁ ହେଲେ ତାହା ଶିଶୁମାନଙ୍କୁ କିପରି ଦେଖୁଛି ସେଥିରୁ ବୁଝି ହେବ। ପୃଥିବୀର ଅନ୍ୟ ଦେଶମାନଙ୍କ ତୁଳନାରେ ଭାରତର ଜନସଂଖ୍ୟାକୁ ଦେଖିଲେ ଏଥିରେ କମ ବୟସର ଲୋକ ସଂଖ୍ୟା ହାର ବେଶୀ। ଯେହେତୁ ଦେଶ ପୃଥିବୀର ସବୁଠାରୁ ଜନବହୁଳ ଦେଶ ଓ ଏଠାରେ ଶିଶୁ, ବାଳକ-ବାଳିକା, କିଶୋର-କିଶୋରୀ ଏବଂ ଯୁବକ ଯୁବତୀଙ୍କ ସଂଖ୍ୟା ବେଶୀ ସେ କାରଣରୁ ଅପରାଧରେ ଲିପ୍ତ ଛୋଟ ପିଲାଙ୍କ ସମସ୍ୟାକୁ ଗାମ୍ଭୀର୍ଯ୍ୟର ସହ ନିଆଯିବା ଉଚିତ। ଅନ୍ୟମାନଙ୍କ ତୁଳନାରେ ଆଇନ ସହ ମୁକାବିଲାରେ ଲିପ୍ତ ବାଲ୍ୟ ବୟସର ପିଲାଙ୍କ ପାଇଁ ରାଷ୍ଟ୍ର ଓ ସମାଜର ଦାୟିତ୍ୱ ବେଶୀ। ଜୁଭେନାଇଲ ହୋମ ଗୁଡ଼ିକରେ ରହୁଥିବା ଛୋଟ ପିଲାଙ୍କ ପ୍ରତି ଯେପରି ଭଲ ଆଚରଣ ପ୍ରଦର୍ଶନ କରାଯିବ ସ ସେମାନେ ସମୟୋଚିତ ନ୍ୟାୟ ପାଇବେ ସେଥି ସକାଶେ ସରକାର ସ୍ୱତନ୍ତ୍ର ଯତ୍ନ ନେବା ଆବଶ୍ୟକ। ସମାଜ ତଥା ସରକାରଙ୍କର ମୁଖ୍ୟ ଚିନ୍ତା ରହିବା ଉଚିତ ଯେପରି ଛୋଟ ବୟସରେ କୌଣସି ଅପରାଧ ଘଟାଇଥିବା ପିଲାମାନେ ସୁଧୁରି ଯାଆନ୍ତି ଏବଂ ସେମାନେ ପରବର୍ତ୍ତୀ ଜୀବନରେ ଆଉ ଅପରାଧ ଆଡ଼କୁ ମୁହାଁଇବେ ନାହିଁ। ନଚେତ ଆଗାମୀ ପିଢ଼ିରେ ଅପରାଧି ଗୋଷ୍ଠୀ ବାହାରିବେ ଯାହା ଦେଶ ଲାଗି ଆହୁରି ବଡ଼ ସମସ୍ୟା ଆଣିଦେବ। ଯେକୌଣସି ଦେଶରେ ଦାୟିତ୍ୱବାନ ନାଗରିକ ଶ୍ରେଣୀ ସୃଷ୍ଟି କରିବା ପାଇଁ ସେମାନଙ୍କୁ ବାଲ୍ୟ ବୟସରୁ ଠିକ ଭାବେ ଗଢ଼ାଯିବା ଦରକାର। ଏଥିରେ ବାପା, ମାଆ ଓ ଅଭିଭାବକ ତଥା ପରିବାର ଲୋକେ ଏବଂ ଶିକ୍ଷକମାନଙ୍କ ସମେତ ପ୍ରଶାସନିକ ବ୍ୟବସ୍ଥା, ସାମାଜର ଦାୟିତ୍ୱ ରହୁଛି। ତଥାପି ତା'ମଧ୍ୟରେ କମ ବୟସରେ ଯେଉଁମାନଙ୍କର କୌଣସି କାରଣରୁ ସ୍ଖଳନ ଘଟୁଛି ସେମାନଙ୍କୁ ସୁଧାରିବା ପାଇଁ ସବୁ ପଦକ୍ଷେପ ନିଆଯିବା ଲୋଡ଼ା। ସେଥିରେ ଆଇନଗତ ବ୍ୟବସ୍ଥାରେ କିଶୋର ନ୍ୟାୟ ନିୟମ ଏବଂ ଜେଜେବି କରାଯାଇଛି। ଯେଉଁ ଶିଶୁମାନେ ଅପରାଧ ଯୋଗୁଁ ଉପରୋକ୍ତ ବ୍ୟବସ୍ଥାରେ ଜୁଭେନାଇଲ ହୋମରେ ରହୁଛନ୍ତି ସେମାନଙ୍କୁ ନ୍ୟାୟ ଦେବାରେ ବିଳମ୍ବ କରାଗଲେ ଏବଂ ସେମାନଙ୍କ ପ୍ରତି ଖରାପ ଆଚରଣ ପ୍ରଦର୍ଶନ ହେଲେ ତାହା ଶିଶୁମାନଙ୍କର ଏପରି କ୍ଷତି କରିବ ଯାହା କଳ୍ପନାର ବାହାରେ। ଏପରି ଶିଶୁମାନଙ୍କୁ ଉପରୋକ୍ତ ବିପଦରୁ ସୁରକ୍ଷା ଦେଇ ସମାଜରେ ସେମାନଙ୍କୁ ମିଶାଇବା ସକାଶେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ସୃଷ୍ଟି କରାଯାଇଥିଲା।ସେହି ଲକ୍ଷ୍ୟ ଯେ ପୂରଣ ହେଉନାହିଁ ତାହା ଉପରୋକ୍ତ ରିପୋର୍ଟରେ କୁହାଯାଇଛି। ଏଣୁ ଏହାକୁ ଗମ୍ଭୀରତାର ସହ ନେଇ ସମସ୍ତ ମାନବୀୟ ଓ ସମାଜ ଉପରେ ପରିଣାମ ପରିପ୍ରେକ୍ଷୀରେ ସମସ୍ୟାର ପ୍ରତିକାର କରାଯିବା ଉଚିତ।


+ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ,
ମୋ : ୮୩୨୮୯୪୮୬୪୩


# ବାଲେଶ୍ୱର ସମସ୍ୟା: ପୁରୁଣା ବାଲେଶ୍ୱର ଏବଂ ଅରଡ଼ବଜାର



**ସୁବ୍ରତ କର**

ଆମ ଜିଲ୍ଲା ବାଲେଶ୍ୱରକୁ ମୂଳରୁ ଧାନ, ମିନ ଏବଂ ପାନର ଜିଲ୍ଲା ଭାବେ ପ୍ରସିଦ୍ଧ ଥିଲା ଏବଂ ଏବେ ମଧ ଅଛି । ଏଇଠୁ ପାନ ବମ୍ବେ ପହଞ୍ଚୁଛି, ମାଛ କଲିକତା ଏବଂ ଧାନ ସାରା ରାଜ୍ୟ ଏବଂ ରାଜ୍ୟ ବାହାରକୁ ରିତିମତ ପଠା ହେଉଥିଲା ଏବଂ ଏବେ ମଧ ହେଉଛି। ଆମ ଜିଲ୍ଲା ଆଉ ଗୋଟାଏରେ ମଧ ପ୍ରସିଦ୍ଧ ଏବଂ ସେଇଟା ହେଲା ଶିକ୍ଷା । ଶିକ୍ଷିତ ସଂଖ୍ୟା ଆମ ଜିଲ୍ଲା ସାରା ରାଜ୍ୟରେ ଏକ ନମ୍ବର ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ମଧ ଏକ ନମ୍ବର । ଏହାପାଇଁ ଆମେ ବାଲେଶ୍ୱରବାସୀ ଗର୍ବିତ । କିନ୍ତୁ ଏବେ କିଛି ବର୍ଷ ହେବ ଅନ୍ୟ କ୍ଷେତ୍ରରେ ମଧ ଆମ ଜିଲ୍ଲା ବା ସହର ଏକ ନମ୍ବର ସ୍ଥାନ ପାଇଛି ସାରା ରାଜ୍ୟରେ । ଏଇଟା ହେଲା ନିଶା କାରବାର । ସେ ମଦ ହେଉ ବା ବ୍ରାଉନ ସୁଗା । ଆମ ସହରରେ ମଧ ଅବୈଧ ନିଶା କାରବାର ଦିନକୁ ଦିନ ବୃଦ୍ଧି ପାଉଛି ଏବଂ ଏବେ ସାରା ରାଜ୍ୟରେ ବାଲେଶ୍ୱରକୁ ନିଶାର ହବ୍ ବୋଲି କୁହାଯାଉଛି । ବିଶେଷ କରି ମଦରେ ପୁରୁଣା ବାଲେଶ୍ୱର (ନ ନଂ ୱାର୍ଡ) ଯାହା କି ସହରର ଗୋଟାଏ ପଟରେ ଆଉ ହେଲା ଅରଡ଼ବଜାର ସେଇଟା ସହରର ପଶ୍ଚିମ ପଟ ଏବଂ ପୁରାପୁରି ଓଲଟା ଆଡ଼େ । ଯେତେ ଧରପଗଡ଼ ହେଉ ପଛେ କମିବାର ନାଁ ଧରୁନାହିଁ । ପ୍ରାୟ ପ୍ରତିଦିନ ଏଇଠୁ ନା ହୁଏତ ଆରପଟରୁ ନିଶା ବ୍ୟବସାୟୀ ମାନେ ଧରା ପଡୁଛନ୍ତି ଏବଂ ଏହି କାରବାରରେ ଲକ୍ଷ ଲକ୍ଷ ଟଙ୍କା ସହିତ ମହିଳାମାନେ ଧରା ପଡୁଛନ୍ତି । ଅଳ୍ପ ଦିନ ହେବ ମହିଳାମାନଙ୍କ ସଂପୃକ୍ତି ପୋଲିସ ଏବଂ ଅବକାରୀ ବିଭାଗ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ପୋଲିସ ବିଭାଗ ତଥ୍ୟ ଅନୁଯାୟୀ ୨୦୨୫ ବର୍ଷରେ ବିଭିନ୍ନ ଅପରାଧିକ ମାମଲାରେ ୬୪ଜଣ ମହିଳା ଗିରଫ ହୋଇଛନ୍ତି । କେବଳ ବାଲେଶ୍ୱର ପୋଲିସ ବେଆଇନ ଅବକାରୀ କାରବାର କରୁଥିବା ୯ଜଣ ମହିଳାଙ୍କୁ ଗିରଫ କରିଛି। ସେହିଭଳି ଅବକାରୀ ବିଭାଗ ମଧ ୧୦ରୁ ଅଧିକ ମହିଳାଙ୍କୁ ନିଶା କାରବାର ପାଇଁ ଗିରଫ କରି କୋର୍ଟ ଚାଲାଣ କରିଛି । ୨୦୨୫ ମସିହାରେ ସହଦେବ ଖୁଣ୍ଟା ଥାନା ଅରନବଜାରରୁ ବ୍ରାଉନ ସୁଗାର କାରବାରରେ ଲିପ୍ତ ଥିବା ୫ଜଣ ମହିଳାଙ୍କୁ ଗିରଫ କରିଛନ୍ତି । ସେହି ଅରଡ଼ବଜାରରୁ ପୋଲିସ ଅନ୍ୟ ରାଜ୍ୟର (ପଶ୍ଚିମବଙ୍ଗ) ମୋରି ଦାସଙ୍କୁ ମଧ ଗିରଫ କରିଛନ୍ତି । ଏମିତି ଦେଖାଯାଇଛି ପୋଲିସ ମହିଳା ମାନଙ୍କୁ ଗିରଫ କରିବା ବେଳେ କିଏ ମହିଳାଙ୍କ ସହିତ ପୋଲିସକୁ ଧସ୍ତାଧସ୍ତି ହେବାକୁ ପଡ଼ିଥିଲା। ଏହାକୁ ଏବେଠୁ ଠିକ୍ ଭାବରେ ମୁକାବିଲା କରିବା ଦରକାର। ମୂଳରୁ ମାଇଲେ ଯିବ ଶେଷ । ଜିଲ୍ଲା ପ୍ରଶାସନ ସଜାଗ ରହିଲେ ଅନ୍ତତ ଆଉ ବଢ଼ିବାର ସୁଯୋଗ ମିଳିବନି ଏବଂ ବାଲେଶ୍ୱର ସହର ଏବଂ ଜିଲ୍ଲା ବଦନାମରୁ ରକ୍ଷା ପାଇବ ।

## କବିତା କୋଣାର୍କ

## ଉତ୍ତରାୟଣରେ ଗୁହାରି...

**ରାମଚନ୍ଦ୍ର ବେହେରା**



ଧନୁ ରାଶି ଛାଡି ମକର ରାଶିକୁ
ପ୍ରବେଶିବେ ଦିବାକର
ଉତ୍ତର ଦିଗକୁ ଗତି ବଦଳାଇ
ଦୀପ୍ତି କରିବେ ପ୍ରଖର
ଶୀତର ବିଲୟ ହେବ
ନାନା ଜାତି ପୁଷ୍ପେ ହୋଇ ବିମଣ୍ଡିତା
ପ୍ରକୃତି ରାଣୀ ହସିବ।
ପବିତ୍ର ମକର ସଂକ୍ରାନ୍ତି ତିଥିକୁ
ଭକ୍ତିରେ ପାଳିବେ ସର୍ବେ
ଦକ୍ଷିଣ ଭାରତେ ପୋଂଗଲ ପର୍ବକୁ
ମନାଇବେ ଜନେ ଗର୍ବେ
ପଂଜାବ ରାଇଜେ ଜନେ
ନୃତ୍ୟ ସଂଗୀତରେ ଲୋହଡି ଉତ୍ସବ
ପାଳିବେ ହରଷ ମନେ।
ଉତ୍ତରରେ ଭକ୍ତ ଗଂଗା ସ୍ନାନ କରି
ପୂଜିବେ ପ୍ରଭୁ ତପନ
ନୀଳ ଅମ୍ବରରେ ଗୁଡିର ଝଲକ
ଲୁଟିବ ସର୍ବ ପରାଣ
ଆମ ଉତ୍କଳ ଭୂଇଁରେ
ମକର ଚାଉଳ ରାଶିଲଡୁ ଭୋଗ
ଲାଗିବ ସାରା ମନ୍ଦିରେ।
ମକର ସଂକ୍ରାନ୍ତି ଶୁଭ ଅବସରେ
ଭକ୍ତିଭାବ ରଖି ମନେ
ଆରାଧ୍ୟ ଦେବତା ପ୍ରଭୁ ତପନଂକୁ
ପୂଜିବେ ଶ୍ରଦ୍ଧାଳୁ ଜନେ
ହେବ ଶ୍ରୀମନ୍ଦିରେ ନୀତି
କଳା ସାଆନ୍ତଂକ ଶୁଭ ଆଶିଷରେ
ବିରାଜିବ ସୁଖ ଶାନ୍ତି।
ସମର୍ପଣ ଭାବ ହୃଦୟରେ ଭରି
ଆଶାର ପ୍ରଦୀପ ଜାଳି
ଶ୍ରଦ୍ଧାଳୁ କରିବେ ରବିଂକୁ ଗୁହାରି
ବିନମ୍ର ପ୍ରଣତି ଢାଳି
ଝରିବ କରୁଣା ବାରି
ରୋଗମୁକ୍ତ ହେବ ଏ ଧର୍ମ ଜଗତ
ସୁଖ ଶାନ୍ତି ଯିବ ଭରି।


+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୫୩୫୬


## ତୁମରି କଥାରେ

**ନୀଳମଣି ଚାନ୍ଦ**



ତୁମରି କଥାରେ ଥାଏ ମିଠାପଣ
ଲାଗେ ଆପଣାର ପରି
ଦେଇଛ କି ବୋଲି ମହୁଟି ସେଥିରେ
ମନେ ଦିଏ ଖୁସି ଭରି ।

ତୁମ କଥା ଶୁଣି ଉଭେଇଯାଏରେ
ମନୁ ଅବସାଦ ଦୁଃଖ
ହସର ତପନ ଉଇଁ ଆସୁଥାଏ
ଝଲସି ଉଠଇ ମୁଖ
ଲାଗେ ସରଗରୁ ଆସିଛ ଓହ୍ଲେଇ
ମୋ ପାଇଁ ହୋଇକି ପରୀ ।

ତୁମ କଥା ଶୁଣି ଗିରିଷମ ତାତି
ଚନ୍ଦନ ପାଲଟି ଯାଏ
ଥୁରୁ ଥୁରୁ ଥୁରୁ ଶିଶିର ଜାଡ଼ରେ
ମଳୟର ଛୁଆଁ ପାଏ
ଲାଗଇ ଜୀବନପଥରୁ ତିମିର
ଯାଏ ସତେ ଅପସରି ।


+ମନ୍ତମାନୋର,ଗୋଠପାଟଣା
ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

ଗଳ୍ପମାଳା
ସାପ୍ତାହିକ ଗଳ୍ପ ଫର୍ଦ୍ଦ



ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୧୯ ଜାନୁଆରୀ ସୋମବାର, ୨୦୨୬

# ପରିଚୟ



ପ୍ରଣତି ଆଚାର୍ଯ୍ୟ ମିଶ୍ର



ବିବାହ ପନ୍ଦର ବର୍ଷ ବିତିଯାଇଥିଲା। ସ୍ୱପ୍ନାଙ୍କ ଦୁନିଆ ଏବେ ସ୍କୁଲ ଏବଂ ଘର ମଧ୍ୟରେ ସିମୀତ। ସୁଚାରୁରୂପେ ନିଜ ଦାୟିତ୍ୱ ପାଳନ କରିବାକୁ ସବୁବେଳେ ଚେଷ୍ଟିତ । ସବୁକିଛି ଠିକ୍ ଚାଲିବା ପାଇଁ ସେ ନିଜ ଇଚ୍ଛା ସହିତ ସାଲିସ କରିବାକୁ ଶିଖିଥିଲେ। ସାଗର ପ୍ରଥମେ ସ୍ୱପ୍ନାଙ୍କୁ ଏକ ବିବାହରେ ଦେଖିଥିଲେ। ତାଙ୍କ ଭଉଣୀର ସାଙ୍ଗ - ସୁନ୍ଦରୀ ଏବଂ ଶିକ୍ଷିତ। ରସାୟନ ବିଜ୍ଞାନରେ ମାଷ୍ଟର ଡିଗ୍ରୀ ସହିତ, ସ୍ୱପ୍ନା ପ୍ରଥମ ଦେଖାରେ ସାଗରଙ୍କ ପ୍ରେମରେ ପଡ଼ିଯାଇଥିଲେ। ସାଗରଙ୍କ ବାପା ଏହି ସମ୍ପର୍କରେ ରାଜି ନଥିଲେ, କିନ୍ତୁ ତାଙ୍କୁ ସାଗରଙ୍କ ଜିଦ୍ ଆଗରେ ହାର ମାନିବାକୁ ପଡିଲା, ଏବଂ ବିବାହ ଶୀଘ୍ର ସ୍ଥିର କରାଯାଇଥିଲା।

ବିବାହ ପରେ, ସ୍ୱପ୍ନା ପରିବାରର ପରମ୍ପରା ସହିତ ଖାପ ଖୁଆଇବାକୁ ଆରମ୍ଭ କଲେ। ଶାଶୁଙ୍କ ତତ୍ତ୍ୱାବଧାନ ଏବଂ ତାଙ୍କ ପରାମର୍ଶ ପ୍ରତ୍ୟେକ ପଦକ୍ଷେପରେ ସାମିଲ ହୋଇଥିଲା। ଘରେ ମେକଅପ୍ ସମ୍ପର୍କରେ ଏକ ଅବ୍ୟକ୍ତ କୋଡ୍ ଲାଗୁଥିଲା। ସାଜସଜ୍ଜା ସୀମିତ ଏବଂ ସାମାଜିକ ଚଳଣି ଅନୁଯାୟୀ ହେବା ଉଚିତ। ସାଗର ଶିକ୍ଷିତ ଥିଲେ, କିନ୍ତୁ ତାଙ୍କର ଚିନ୍ତାଧାରା ଭିନ୍ନ ଧରଣର। ଯେଉଁଠାରେ ଜଣେ ମହିଳାଙ୍କ ନୀରବତାକୁ ଶାଳୀନତା ବୋଲି ବିବେଚନା କରାଯାଉଥିଲା। ସ୍ୱପ୍ନା ନିଜକୁ ସଜାଇବାକୁ ଖୁବ୍ ଭଲ ପାଆନ୍ତି। ମେକପ, ବିଭିନ୍ନ ଜୁଏଲାରୀ ତାଙ୍କର ଭାରି ପସନ୍ଦ ହେଲେ ସାଗର ଏସବୁଠାରୁ ବହୁ ଦୂରରେ। ଫଳରେ ସ୍ୱପ୍ନାଙ୍କ ପାଖରେ ଆତ୍ମପ୍ରକାଶ ପାଇଁ କୌଣସି ସ୍ଥାନ ନଥିଲା, କେବଳ ଏକ ଭୂମିକା ନିର୍ବାହ କରିବାର ଦାୟିତ୍ୱ। ଘରର କାନ୍ଥ ଭିତରେ ସ୍ୱପ୍ନା ନିଜର ବାସ୍ତବତା ଭୁଲିଯାଇଛନ୍ତି। ବିବାହ ପରେ, ସବୁକିଛି ସାଧାରଣ ମନେ ହେଉଥିଲା, ବାହାରୁ ଦେଖିବାକୁ ଖୁବ୍ ସୁନ୍ଦର । ବିବାହ ପରେ ପରେ ଯେତେବେଳେ ସ୍ୱପ୍ନା ନିଜକୁ ସଜାଇଲେ, ସେତେବେଳେ ଏପରି ଲାଗୁଥିଲା ଯେପରି ପ୍ରତ୍ୟେକ ରଙ୍ଗ ତାଙ୍କ ଭିତରେ ମିଶିଗଲା। ଲାଲ ବିନ୍ଦି ଏବଂ ପ୍ରଚୁର ଲାଲ ଚୁଡ଼ି ତାଙ୍କର ପରିଚୟ ହୋଇଗଲା। ସେ ସାଜସଜ୍ଜାକୁ ନାରୀ ଶକ୍ତିର ପ୍ରକାଶ ବୋଲି ଭାବୁଥିଲେ, କିନ୍ତୁ ଧୀରେ ଧୀରେ ସେହି ପ୍ରକାଶନକୁ ଅପରାଧ ଭାବରେ ଦେଖାଯିବା ଆରମ୍ଭ ହେଲା। ରାତିରେ, ସେ ବିଛଣାରେ ଶୋଇବା ମାତ୍ରେ, ସାଗର ତାଙ୍କୁ ତାଙ୍କର ଚୁଡ଼ି କାଢ଼ିବାକୁ ବାଧ୍ୟ କରୁଥିଲେ। ପ୍ରାରମ୍ଭରେ, ସ୍ୱପ୍ନା ଏହାକୁ ପ୍ରେମର ସୁଗମତା ବୋଲି ଭାବୁଥିଲେ ସେ ଭାବିଥିଲେ ଚୁଡିର ରୁଣୁଝୁଣୁ ଶବ୍ଦ କୋଠରୀ ବାହାରେ ବ୍ୟାପିପାରେ। ସେଥିପାଇଁ ସାଗର ଚୁଡି କାଢିବା କଥା କହୁଛନ୍ତି କିନ୍ତୁ ଗୋଟିଏ ରାତିରେ, ସାଗର କହିଲେ, 'ଚୁଡ଼ିର ଶବ୍ଦ ମୋତେ ଭୟଭୀତ କରେ। ମୋତେ ଲାଗେ ମୁଁ ଏକ ଡାହାଣୀ ପାଖରେ ଶୋଇଛି। ଏବଂ ପାଦର ପାଉଁଜି ଝଣଝଣ ଶବ୍ଦ କରେ, ସେଗୁଡ଼ିକୁ ମଧ୍ୟ କାଢ଼ିଦିଅ। ଆଜିକାଲି ଏସବୁ କିଏ ପିନ୍ଧେ ?' ସ୍ୱପ୍ନା ଥରି ଉଠିଲେ। ତାଙ୍କର ସାଜସଜ୍ଜାକୁ ସାଗର ଭୟ କରନ୍ତି ।

ସାଗର ଏପରି ଏକ ପରିବେଶରେ ବଢ଼ିଥିଲେ ଯେଉଁଠାରେ ଚୁଡ଼ି, ପାଉଁଜି ଏବଂ ମେହେନ୍ଦିକୁ 'ମହିଳାଙ୍କ ବେଡ଼ି' ବୋଲି ବିବେଚନା କରାଯାଉଥିଲା। ତାଙ୍କ ବାପା ସବୁବେଳେ କହୁଥିଲେ ଯେ ଚୁଡ଼ି ଏବଂ ପାଉଁଜି ମହିଳାଙ୍କୁ ବନ୍ଦୀ କରି ରଖେ । ଏ ସବୁ ମନରେ କାମନାର ଭାର ଢାଳେ। ଏହି ଚିନ୍ତାଧାରା ସାଗରଙ୍କ ମନରେ ଗଭୀର ଭାବରେ ସ୍ଥାପିତ ହୋଇଗଲା। ବାହାରେ, ସେ ଶିକ୍ଷିତ ଏବଂ ଆଧୁନିକ, କିନ୍ତୁ ଗଭୀର ଭାବରେ ବିଶ୍ୱାସ କରୁଥିଲେ ଯେ ଏହି ସାଜସଜ୍ଜା ପ୍ରତୀକଗୁଡ଼ିକ ମହିଳାମାନଙ୍କୁ ବାନ୍ଧି ରଖିବାର ଉପକରଣ। ସେ ବିଶ୍ୱାସ କରୁଥିଲେ ଯେ ସ୍ୱାମୀ-ସ୍ତ୍ରୀ ସମ୍ପର୍କରେ ସମାନତା ରହିବା ଉଚିତ, କିନ୍ତୁ ବିନ୍ଦି, ସିନ୍ଦୁର, ମେହେନ୍ଦି ଏବଂ ପାଉଁଜି ଭଳି ଜିନିଷଗୁଡ଼ିକ ଜଣେ ମହିଳାଙ୍କୁ ପୁରୁଣା ଢାଞ୍ଚାରେ ବାନ୍ଧି ରଖେ।

ବିବାହର ପ୍ରାରମ୍ଭିକ ଦିନରେ ସାଗର ଭାବୁଥିଲେ ହୁଏତ ଏଗୁଡ଼ିକ ସାଧାରଣ ଅଳଙ୍କାର ଯାହାକୁ ଅଣଦେଖା କରାଯିବା ଉଚିତ। କିନ୍ତୁ ଯେତେବେଳେ ସେ ଅନୁଭବ କଲେ ଯେ ଏହି ଜିନିଷଗୁଡ଼ିକ ପ୍ରତି ସ୍ୱପ୍ନାଙ୍କ ଆଶକ୍ତି ଅଛି ସେ ବିରକ୍ତି ଅନୁଭବ କଲେ। ସେ ଚାହୁଁଥିଲେ ତାଙ୍କ ସ୍ତ୍ରୀ ଆଧୁନିକ ଦେଖାଯାଉ। ଗୋଟିଏ ଦିନ ହଠାତ୍ ସ୍ୱପ୍ନାଙ୍କ ଶାଶୁ ରାତିରେ ଚୁଡ଼ି କାଢି ଶୋଇବା ଦେଖି ତାଙ୍କୁ ତାଚ୍ଛଲ୍ୟ କରି କହିଲେ, 'ବିବାହ ପରେ ଚୁଡ଼ି ବିନା କିଏ ଶୋଇଥାଏ ? ତୁ ଦୁର୍ଭାଗ୍ୟ ଆଣୁଛୁ। ଏମିତି କରିବା ଅମଙ୍ଗଳ। 'ସେଥିପାଇଁ ମୋ ସାଗର ଆଗକୁ ବଢ଼ି ପାରୁନି। ସ୍ୱପ୍ନା ମନେ ମନେ ଭାବିଲେ ଆଜି ପର୍ଯ୍ୟନ୍ତ ଶାଶୁ ନିଜ ପୁଅର ମାନସିକତା ବିଷୟରେ ଅନଭିଜ୍ଞ...

ଏହା ଭିତରେ ଅନେକ ଦିନ ଅତିକ୍ରାନ୍ତ...

ଏବେ ସ୍ୱପ୍ନାଙ୍କ ହାତରେ ଦୁଇଟି ସରଳ ଚୁଡ଼ି। ରଙ୍ଗୀନ କାଚ ଚୁଡ଼ି ତାଙ୍କ ଡ୍ରୟରରେ ବନ୍ଦ ହୋଇଯାଇଥିଲା। ସ୍ୱପ୍ନା ମେକଅପ୍ ସଂମ୍ପୁର୍ଣ୍ଣ ଭୁଲିଗଲେଣି। ଦିନେ ଘରେ ଏକ ପୂଜା ଥିଲା। ସେହି ଦିନ ତାଙ୍କୁ ଏକ ଲାଲ ଶାଢ଼ିଟିଏ ପିନ୍ଧିବାକୁ ଶାଶୁ ଦେଇଥିଲେ। ସେ ହାଲୁକା ମେକଅପ୍ କରିଥିଲେ ଏବଂ ବର୍ଷେ ପରେ ଦର୍ପଣରେ ନିଜକୁ ଦେଖିଲେ। ଏପରି ଲାଗିଲା ଯେପରି ସେ ପୁଣି ନିଜକୁ ଚିହ୍ନିପାରୁଛନ୍ତି। ସାଗର ଦୂରରୁ କହିଲେ, ହାତରେ ମେହେନ୍ଦି ଲଗେଇବନି। ଯଦି ଲଗାଅ ତେବେ ମୋ ପାଖରେ ଶୋଇବନି। ମୋତେ ସେ ମେହେନ୍ଦି ଗନ୍ଧ ଭଲଲାଗେନି। ସ୍ୱପ୍ନା ଆଶ୍ଚର୍ଯ୍ୟ ହେଲେ କେହି କଣ ମେହେନ୍ଦି ବାସ୍ନାକୁ ନିଶାଦାୟକ ବୋଲି ଭାବିପାରନ୍ତି । ତାଙ୍କର ଏହି ପସନ୍ଦକୁ ମଧ୍ୟ ଖରାପ ଗନ୍ଧ ବୋଲି ଲେବଲ୍ କରାଯାଇଥିଲା। ଯେତେବେଳେ ସେ ତଳ ମହଲାକୁ ଗଲେ ଶାଶୁ କହିଲେ, ସ୍ୱପ୍ନା, ଆଜି ପୂଜାରେ ଠିକ୍ ଠାକ୍ ସଜହୋଇ ଆସ। ଶାଇପଡିଶା ସ୍ତ୍ରୀ ଲୋକ ଆସିବେ। ସ୍ୱପ୍ନା ହସିଲା। ତା ପାଇଁ, ମେକଅପ୍ ପ୍ରେମ ନୁହେଁ, ଅବହେଳାର ପ୍ରତୀକ ପାଲଟିଥିଲା। କିଛି ବର୍ଷ ପରେ, ପୁଅ ସ୍ୱପ୍ନିଳର ଜନ୍ମ । ଘର ଆନନ୍ଦରେ ପରିପୂର୍ଣ୍ଣ , କିନ୍ତୁ ସେହି ଆନନ୍ଦରେ ମଧ୍ୟ, ସ୍ୱପ୍ନା ନିଜକୁ ଖୋଜୁଥାଏ। ମା ହେବାର ଦାୟିତ୍ୱ ତା ଭିତରେ କରୁଣା ଜାଗ୍ରତ କରିଥିଲା, କିନ୍ତୁ ତା ସ୍ୱପ୍ନର ଝରକା ଆହୁରି ସଂକୀର୍ଣ୍ଣ ହୋଇଗଲା। ସେ ଏକ ସ୍କୁଲରେ ଚାକିରି ଆରମ୍ଭ କଲା। ସେଠାରେ, ସେ ପିଲାମାନଙ୍କ ପ୍ରିୟ ଏବଂ ତାଙ୍କ ସହକର୍ମୀମାନଙ୍କ ଆଦରର ଜଣେ ଶିକ୍ଷୟିତ୍ରୀ । ହେଲେ ତା ଭିତରେ ଥିବା ମହିଳାଟି କେଉଁଠି ଲୁଚିଗଲାଣି। ଧୀରେ ଧୀରେ, ତା ଶାଢ଼ିର ରଙ୍ଗ ଫିକା ପଡ଼ିଗଲା। ବିନ୍ଦି ଛୋଟ ହୋଇଗଲା। ଅଳଙ୍କାର ଏକ ଡ୍ରଅରରେ ପଡ଼ିରହିଲା ।

ସ୍କୁଲର ବାର୍ଷିକ ଉତ୍ସବ । ବିଷୟବସ୍ତୁ ଥିଲା ମହିଳାଙ୍କ ସ୍ୱାଧୀନ ପରିଚୟ। ସମସ୍ତ ଶିକ୍ଷୟିତ୍ରୀଙ୍କୁ ଲାଲ ଶାଢ଼ି ପିନ୍ଧିବାକୁ ପଡ଼ିଲା। ସ୍ୱପ୍ନା ତାଙ୍କର ପୁରୁଣା ଲାଲ ସିଫନ୍ ଶାଢ଼ି ବାହାର କଲେ, ଯାହାକୁ ସେ ତାଙ୍କ ବିବାହ ପରଠାରୁ କେବେ ପିନ୍ଧି ନଥିଲେ। ସେ ତାଙ୍କ କେଶ ଖୋଲା ରଖିଲେ, ହାଲୁକା ମେକଅପ୍ ଏବଂ ଏକ ବଡ଼ ବିନ୍ଦି । ବର୍ଷ ବର୍ଷ ପରେ, ସେ ନିଜକୁ ସଜାଇଲେ। ଏପରି ଲାଗିଲା ଯେପରି ହଜିଯାଇଥିବା ସ୍ୱପ୍ନା ଫେରି ଆସିଲା। ସ୍କୁଲର ସମସ୍ତଙ୍କ ଆଖି ତାଙ୍କ ଉପରେ । ଝିଅମାନେ ତାଙ୍କ ଶାଢ଼ି ଏବଂ ତାଙ୍କ ଆତ୍ମବିଶ୍ୱାସ ଦେଖି ପ୍ରଭାବିତ ହେଲେ। ନାଟକ ଆରମ୍ଭ ହେଲା। ମଞ୍ଚ ଉପରେ ଜଣେ ଛାତ୍ରୀ କହିଲା, 'ମୋ ପୋଷାକ ମୋର ନିଜସ୍ୱ ପରିଚୟ ; ମୋ ସ୍ୱପ୍ନ ମୋର ନିଜସ୍ୱ । ଯେପର୍ଯ୍ୟନ୍ତ ଆମେ ନିଜକୁ ଗ୍ରହଣ କରିନାହୁଁ, କେହି ଆମକୁ ଗ୍ରହଣ କରିବେ ନାହିଁ।' କରତାଳି ମଧ୍ୟରେ, ସ୍ୱପ୍ନା ନିଜକୁ ଶୁଣିବା ପରି ମନେ ହେଉଥିଲା। ସେ ଭାବୁଥିଲେ, 'ଜୀବନ କ'ଣ ଅନ୍ୟ କାହାର ସର୍ତ୍ତ ଉପରେ ଆଧାରିତ ହେବା ଉଚିତ କି ? ମୁଁ କ'ଣ ପିନ୍ଧିବି ତାହା ମୁଁ ସ୍ଥିର କରିପାରିବି ନାହିଁ? ମୁଁ କ'ଣ ଚାହୁଁଛି ?' ଘରକୁ ଫେରିବା ବାଟରେ, ସ୍ୱପ୍ନା ବିନ୍ଦିକୁ ଛୁଇଁଲା, ତାଙ୍କ କେଶରେ ହାତମାରି ସାମାନ୍ୟ ହସିଲା। ଏବେ ସେ ପରିବର୍ତ୍ତନ ହେଇଯାଇଛି । ଏବେ ସେ କେବଳ ସମର୍ପିତ ପତ୍ନୀ ନୁହେଁ ବରଂ ଜଣେ ମହିଳା ଯିଏ ନିଜ ପରିଚୟ ସୃଷ୍ଟି କରିପାରିଛି। ସେ ଘରେ ନିଜ ପ୍ରିୟ ଜିନିଷଗୁଡ଼ିକୁ ଫେରାଇ ଆଣିବା ଆରମ୍ଭ କଲା। ଟିକେ ବଡ଼ ବିନ୍ଦି, କିଛି ଚୁଡ଼ି ଏବଂ ଗାଢ଼ ରଙ୍ଗର ଶାଢ଼ି। ସାଗର ତାଙ୍କୁ ତାଚ୍ଛଲ୍ୟ କଲେ, 'ତୁମେ ପୁଣି ଥରେ ସଜାଇହେବା ଆରମ୍ଭ କରିଛ ?' ସ୍ୱପ୍ନା ହସି ଉତ୍ତର ଦେଲା, 'ହଁ, ମୁଁ ପୁଣି ଥରେ ବଞ୍ଚିବା ଆରମ୍ଭ କରୁଛି।

+ନୟାଗଡ଼
ମୋ: ୯୪୩୭୬୪୨୯୪୭

# ଆଜି ପାଇଁ ଏତିକି



ବିଜୟା ପାଣିଗ୍ରାହୀ



କେମିତି ଅଛ... ଆଉ କେଉଁଠି ? ଟିକେ କଥା ହୋଇ ପାରିବ ? ଆଚ୍ଛା ଯଦି ବ୍ୟସ୍ତ ଅଛ, ସମୟ ପାଇଲେ କଲ କର। ମୋ ପାଖରେ କେତେ କଥା ଅଛି ତୁମପାଇଁ...।

-ଠିକ୍ ଅଛି ସାର। ମୁଁ ଘଣ୍ଟେ ପରେ ଘରେ ପହଞ୍ଚି ନିଶ୍ଚୟ କଲ କରିବି।

ଏମିତି କେମିତି ହେଲା ? ଫୋନ କଲ ଆସିଥିଲା, ପୁଣି ସେପଟରୁ ଆଉ ଏତେ ଦିନ ପରେ ଯେ ମୁଁ ପ୍ରଣାମଟିଏ ବି ଜଣେଇ ପାରିଲି ନାହିଁ। ଫୋନ କାଟିଲି... ସମୟ ବି କଟିଲା। ଘଣ୍ଟେ ଟା ଦୁଇଟା ହୋଇଗଲା। ଘରେ ସମସ୍ତଙ୍କ ପାଇଁ ରାନ୍ଧିବାକୁ ହେବ। ଅଛି ଅଧଘଣ୍ଟାଏ ସମୟ। ଦୁଇଟା ଅଧେରେ ବାପାପିଲା ତିନିଜଣ ବିଦ୍ୟାଳୟରୁ ଆସିଯିବେ। ହାତ ଗୋଡ଼ ଧୁଆଧୋଇ ଭିତରେ ଆଉ ପନ୍ଦର ମିନିଟ ହୋଇଯିବ। ରାଇସ କୁକରରେ ଭାତଟା ହେବା ସମୟରେ ଗୋଟେ ଚୁଲିରେ ଡାଲମା ଆଉ ଗୋଟେ ଚୁଲିରେ ଫୁଲକୋବି ଭଜା କରାଯାଇପାରିବ। ରାନ୍ଧି ରାନ୍ଧି କଥା ହେବା ଠିକ୍ ହେବନି। ହୁଏତ ରନ୍ଧା ବିଗିଡି ଯାଇ ପାରେ ଅବା କଥାର ଖିଅ ଖସିଯାଇପାରେ। ଜୀବନରେ ସ୍ୱତନ୍ତ୍ର ପୁଲକ ଭରିଥିବା ମଣିଷ ପାଇଁ ସ୍ୱତନ୍ତ୍ର ସମୟ ଆବଶ୍ୟକ। ହେଲେ ସେ ସମୟ ଏମିତି କେମିତି କେତେବେଳେ ମାର୍କେଟିଂ ତ କେତେବେଳେ ମିଟିଂରେ ଦେଇହେବ ? ଯାହାର ସମୟର ଟେର ନଥାଏ।

ଝିଅର ଫୋନ କଲରେ ସମୟ ଛଅଟା ବାଜିବା ସୂଚନା ମିଳିଲା। ତାକୁ ଟିଉସନ ଛାଡି ମିଲ୍ଲୀ ପାଖକୁ ଯିବାକୁ ହେବ। ସେ ବି କମ୍ କି, ଯେତିକି ସ୍ୱାଭିମାନ... ଅଭିମାନ... ସବୁ ତ ତାହାଠାରେ। ଜ୍ୱର ଲାଗୁଛି ବୋଲି କହୁଥିଲା ଦୁଇଦିନ ପୂର୍ବରୁ। ହେଲେ ତା'ପରେ କ'ଣ ହେଲା... କେମିତି ଅଛି... ତା' ଆଡରୁ ଫୋନ ଟିକେ କରିବ ନାହିଁ। ଏଇ ବ୍ୟସ୍ତତା ଭିତରେ ଏଇମିତି ଟିଉସନକୁ ଛାଡିଯିବା ସମୟରେ ହିଁ ଝିଅ ଦ୍ୱାରା କଥାକରାଇ ବୁଝିଥିଲି ଯେ, ଜର ଆଉ ନାହିଁ ମାତ୍ର କାଶ କମିନି। ସେଥିପାଇଁ ଔଷଧ ନେଉଛି। ହେଲେ ତା'ପାଖକୁ ଦେହ-ପା'ରେ ଟିକେ ନ ଗଲେ ମନ ବୁଝେ ନାହିଁ। କେମିତି ବୁଝିବ ଏମିତି ଏକ ଖରାପ ସମୟ ଚାଲିଛି ତା'ର ଯେ, ଯେଉଁ ଡାଳ ଧରୁଛି ସେହି ଡାଳ ଛିଣ୍ଡି ଯାଉଛି। ପିଲାଙ୍କ ଗହଣରେ ମନ ଭୁଲାଇବାକୁ ଆସିଲା ଯେ, ସ୍କୁଲ କର୍ମଚାରୀଙ୍କ ଆଚାର ବିଚାର ତାକୁ ଭାରାକ୍ରାନ୍ତ କରି ରଖୁଛି। ସାଙ୍ଗଟିଏ ପାଖରେ ଏ ସମୟରେ କିଏ ଆଉ ଠିଆ ହେବ ଭଲା। କାରଣ ଏକା ରହିବା କଷ୍ଟ କ'ଣ ମୋତେ ଅଛପା ? ଛଅଟାରେ ଝିଅକୁ ଟିଉସନ ଛାଡି ମିଲ୍ଲୀ ପାଖରେ ପହଁଚିଲା ବେଳକୁ ଅଧଘଣ୍ଟାଏ ହୋଇଗଲାଣି। ତା'ପରେ ନିବୁଜ କୋଠରୀରେ ଦୁଇ ସାଙ୍ଗ ଭିତରେ ହତାଶା, ନିରାଶା, ସାନ୍ତ୍ୱନାର ଆବେଗଗୁଡିକ ଏମିତି ଘନେଇ ଉଠିଲେ ଯେ ଦୀର୍ଘ ଦେଢ଼ ଘଣ୍ଟା କେମିତି କାଳ ହୋଇଗଲା ଜଣା ପଡିଲା ନାହିଁ। ହେଇ ଯାଉଛି ହେଇ ଆସୁଛି ଭିତରେ ଆଠଟା ବେଳକୁ ଝିଅକୁ ଟିଉସନରୁ ଧରି ଘରକୁ ଫେରିଲି। ଏବେ ପୁଅ ପେଟରେ କୁଆ ଡାକୁଛି। ସନ୍ଧ୍ୟାରେ କିଛି ଖାଇନି। ଡ୍ରେସ ପାଲଟିଲେ ଭୋକଟା ଆଉଟୁପାଉଟୁ କରିଦେବ ପିଲାଟିକୁ ବୋଲି ଚୁନରୀଟିକୁ ଚେୟାର ଉପରେ ରଖିଦେଇ ରୋଷେଇ ଘରେ ପଶିଗଲି। ଦୁଇ ଦୁଇଟା ପରଟା ସହ ଆଲୁ-ବିନ୍ସ ଭଜା ଟିକେ ଟିକେ ଧରାଇ ଦେଇ ଆଶ୍ୱସ୍ତି ହୋଇଯିବି ବୋଲି ଭାବି କାମ ସାରିଲା ବେଳକୁ ତା' ବାପା ଘରେ ନାହାଁନ୍ତି। ଆସୁଛି ଆସୁଛି କହୁଛନ୍ତି କୋଡିଏ ମିନିଟ ହେଲାଣି। ବାପାଙ୍କୁ ଛାଡି ପିଲାମାନେ କେବେ ଖାଆନ୍ତି ନାହିଁ। ହଁ, ବେଳେ ବେଳେ ମୁଁ ତାଙ୍କୁ ସବକ ଶିଖାଇବାକୁ ଯାଇ ଆଗ ଖାଇନିଏ ହେଲେ ନା ସେ ସବକ ଶିଖନ୍ତି ନା ପିଲାମାନେ ମୋ ସପକ୍ଷ ନିଅନ୍ତି। ମୋତେ ହିଁ ହାର ମାନି ତାଙ୍କ ଫେରିବାକୁ ଅପେକ୍ଷା କରିବାକୁ ହୁଏ। ଖାଇବା ସରିବା ବେଳକୁ ନଅଟା ବାଜି ତିରିଶି ମିନିଟ। ଏତେ ରାତିରେ ଫୋନ କରିବାକୁ ଖୁବ ଅସହଜ ମନେ କଲି। ଦିନସାରା ଉଣ୍ଡୁଥିବା ଫୁରୁସତ ସମୟ ଟିକକ ଆସିଲା ଯେ ହେଲେ ରାତିରେ... ପୁଣି ଶୋଇ ରହିବାକୁ। ସାଥିରେ ଶୀତ ନେଇ ରାତିର ସାନ୍ଦ୍ରତା ମୋ ଆଡ଼କୁ ବଢିବାକୁ ଲାଗିଲା । ତା' ସହିତ ମୁଁ ଫେରୁଥିଲି ତେଇଶି ବର୍ଷ ପଛକୁ। ଢେର ରାତି ହୋଇଗଲାଣି। ରାତି ସହ ଯେ ବାରମ୍ବାର ମୋତେ ଘୋଡାଇ ଚାଲିଛନ୍ତି କମ୍ବଳ। ଅଥଚ ଅତୀତର ଉଷ୍ମତାରେ ଶୀତ ପରାହତ, କମ୍ବଳ ଆଲୋଡ଼ା ଆଉ ମୁଁ ସୁଖନିଦ୍ରାର ବେଳାଭୂଇଁରେ ଗଣିଚାଲିଛି ଢେଉ।

ପରଦିନ ସକାଳ ମୋତେ ଉଠାଇଲା ବେଳକୁ କାଉ କୁକୁଡ଼ାର ସ୍ୱର ଶୁଭୁଛି। ଖଟରୁ ପାଦ କାଢ଼ିଲେ ଛନ୍ଦି ହେବାକୁ ହେବ ନିୟମିତ ଜଞ୍ଜାଳ-ଜାଲରେ। କଲବ୍ୟାକ୍ କରିବା ପାଇଁ ସ୍ଥିର ଥିବା କେଇ ଘଣ୍ଟା ଏବେ ଦିନରେ ରୂପାନ୍ତରିଗଲା। ତାହା ସପ୍ତାହକୁ ନ ସଂକ୍ରମୁ ସେଥିପାଇଁ ଅଣ୍ଟା ଭିଡ଼ିଲି କାଲି ହିଁ ଟିକେ କଥା ହୋଇଯିବି। ହେଲେ ସାରଙ୍କର ପାଖରେ ସମୟ ଥିବ ତ ? ହୁଏତ ଥିବ। ହେଲେ ସେଦିନର ସେ ଆବେଗ, ସେ ଉଦ୍ଦେଶ୍ୟ... ସବୁ ଶିଥିଳ ପଡିଯାଇଥିବ ? ଇସ୍... କେତେ ସୁନ୍ଦର ଅବସରଟିଏ ମୁଁ ହରାଇଦେଲି। ସମୟର ସଂଯୋଗ ଏମିତି କାହିଁକି ଥାଏ। ଗୋଟେ ପଟେ ସୁନ୍ଦର ସୁଯୋଗଟେ ଆସେ ତ ଭିନ୍ନ ପଟେ ତାକୁ ନ ଧରିପାରିବାର ଅସହାୟତା। ତେବେ କ'ଣ କହିବା ସେ ସମୟକୁ ବ୍ୟାଡ଼ ନା ଗୁଡ଼...? ଆଜି ଭାବୁଛି - ସପ୍ତାହଟେ ଚାଲିଯିବ, ଯାଉ। ଆଉ କଲବ୍ୟାକ୍ କରିବିନି। କିନ୍ତୁ କଥା ତ ଅନେକ ରହିଛି। କଥା ହେବାକୁ ହିଁ ହେବ। ସାରଙ୍କୁ ହିଁ ପୁନଶ୍ଚ କଲ କରିବାକୁ ପଡିବ। କାରଣ ଏଥର ସାର ତ ସହଜ ଥିବେ ଆଉ ମୁଁ ଜମାରୁ ବ୍ୟସ୍ତତାରେ ଅସହାୟ ନ ଥିବି। ହେଲେ ସାର ଫୋନ କରିବେ ତ ? ହଁ, ନିଶ୍ଚୟ କରିବେ। ନ କଲେ କେମିତି ହେବ ?

କୁହାଯାଏ ତୃତୀୟ ବ୍ୟକ୍ତିରେ ବିଷାକ୍ତ ହୁଏ ସମ୍ପର୍କ। ବ୍ୟକ୍ତି କୈନ୍ଦ୍ରିକ ପ୍ରେମ ଅସରନ୍ତି। ଦୁଇ ସତ୍ତା ମଧ୍ୟରେ ସଂଯମତା ଆଉ ସଂଭ୍ରମତା ହିଁ ପ୍ରେମକୁ ଫୁଟାଏ ମାତ୍ର ତୃତୀୟ ବ୍ୟକ୍ତିରେ... ସମ୍ପର୍କର ରଙ୍ଗ ବଢେ ନହେଲେ ଛାଡେ। ହେଲେ ଏଠାରେ ତୃତୀୟ ଜଣକ ବ୍ୟକ୍ତି ନ ହୋଇ ଯଦି ବସ୍ତୁ ହୁଏ ? ଏମିତି ଏକ ସିଦ୍ଧାନ୍ତ ଧ୍ରୁବତାରା ପରି ଆଜି ସକାଳକୁ ଉଠାଇଲା। ମୋବାଇଲର ପରଦାରେ ଗାରେଇ ହେଲା ଚିଠିର ଏକ ଚିତ୍ରପଟ।

ସମ୍ମାନୀୟ ସାର !

ପ୍ରଣାମ ସ୍ୱୀକାର କରିବେ। ମୁଁ ଜାଣି ପାରୁଛି ମୋ କଲବ୍ୟାକ୍ ନ କରିବା ଆପଣଙ୍କ ଅପେକ୍ଷାକୁ ବିରକ୍ତିକର କରି ନ ଥିବ ଜମାରୁ। ବରଂ ନୀରବରେ ଆପଣ ପ୍ରଗଳ୍ଭ ହେଉଥିବେ ମୋ ପରି।

ସପ୍ତାହେ ହୋଇଯିବ... ସମୟ ପାଇ ପାରିଲିନି ଫୋନ କଲଟିଏ କରିବାକୁ। ଏବେ ଭାବୁଛି ଭଲ ହେଲା।

ଅନ୍ତତଃ ଏ ଯାବତ୍ କଥା ତ ସରିନି

ଆପଣଙ୍କ ସହ। ହୁଏତ କଲଟିଏ କଲା ପରେ କମା ଦେଇ ଆମେ ଆଗକୁ ବଢ଼ିଥାନ୍ତେ କି ଏକ ପୂର୍ଣ୍ଣଛେଦରେ ଅଟକି ଯାଇଥାନ୍ତେ କେଜାଣି କିଛି ବର୍ଷ ପାଇଁ ? ବରଂ ଏମିତି ହିଁ...।

ଆପଣ ପାଖରେ ଥିଲେ ମୁଁ ଆପଣଙ୍କୁ ଜମାରୁ ଦେଖେନି। କାରଣ ସମାଜ ଦେଖୁଥାଏ ଆମକୁ। ଏବେ କିନ୍ତୁ ମୁଁ ଆପଣଙ୍କୁ ଦେଖେ ତନ୍ନ ତନ୍ନ କରି। ବାହାର/ ଭିତର/ ଅନ୍ତର ସବୁକିଛି ଅଭିଜ୍ଞତାର, ବୟସର ଆଉ ଜୀବନ ଦର୍ଶନର ପାହାଚରେ। ବହଳ ବୟସରେ ବିଶ୍ୱାସ ପାଗ ଭିଢେ, ପ୍ରୀତିବୋଧରେ ଗାଢ଼ ହୁଏ ସମ୍ପର୍କ, ବୁଝାମଣାର ଉତ୍ତରଣରେ ଅପସରେ ଦ୍ୱନ୍ଦ୍ୱର ଛାଇ। ସମସ୍ତଙ୍କ ସମ୍ମୁଖରେ ଆପଣ କହିଲେ, ମୁଁ କ'ଣ ତୁମ ଭାଇ ? ମୁଁ ତ କେବେ... । ତୁମେ କ'ଣ ମୋତେ ଏ ସମ୍ପର୍କରେ କେବେ ଦେଖିଛ ? ଆମ ଭିତରେ ତ ଭାଇ ଭଉଣୀର ସମ୍ପର୍କଟେ ନଥିଲା। ତମେ ବଡଭାଇ ସମ୍ବୋଧନ କରିନେବ ଆଉ ମୁଁ ସ୍ୱୀକାର କରିଦେବି !

ମୁଁ ଦରାଣ୍ଡି ହେଲି ପୁଣି ଅତୀତରେ। ତା'ହେଲେ କ'ଣ ଥିଲା ସେ ଦିନର ଆମ ସମ୍ପର୍କ ? ବୟସରେ ଯଥେଷ୍ଟ ବଡ଼, ଜ୍ଞାନ ଗରିମାରେ ଅନୁସରଣୀୟ, ପ୍ରତିଭାରେ ପୂଜନୀୟ, ଏମିତି ଜଣେ ବ୍ୟକ୍ତି ଯାହାଙ୍କ ସାଥି ପ୍ରଦାନ କରେ ଅଭୟ ସୁରକ୍ଷା ଆଉ ସାହଚର୍ଯ୍ୟରେ ମିଳେ ସମ୍ମାନ। ସାର ସମ୍ବୋଧନ ଭିତରେ ସମ୍ପର୍କକୁ କେବେ ପରଖିନି। ଅଥଚ ଗୁରୁ ଭାବରେ ଭକ୍ତି କରିଛି, ବଡ଼ ଭାଇର ଭରସା ପାଇଛି, ଯଦି ଚ ବିଶ୍ୱସ୍ତତା ରହିଥିଲା ହେଲେ କେବେ ବାନ୍ଧବୀ ହେବାର ସାହସ କରିନି। ଆଜି ସାର ମୋତେ ବାନ୍ଧବୀ ଭାବୁଛନ୍ତି। ଏହା ମୋର ସୌଭାଗ୍ୟ ନୁହେଁ କି ?

ଏତେ ବର୍ଷ ପରେ ସମ୍ପର୍କ ମୁହଁ ଫେରେଇ ନାହିଁ। ଖୁସି ଲାଗୁଛି। ଅତୀତର ଫର୍ଦ୍ଦେ ଫର୍ଦ୍ଦେ ଆଗକୁ ଏଇମିତି ଜିଉଁ । ଆଜି ପାଇଁ ଏତିକି ଥାଉ...।

ପ୍ରଣାମ।

# 'ଅବୁଝା ଲୁହ'

ସୁବ୍ରତ କୁମାର ଦାସ

ନିପଟ ମଫସଲ ଗାଁର ଧୂଳି ଲାଗିଥିବା ପଥରେ ସଦାନନ୍ଦଙ୍କ ଜୀବନ ଚାଲିଥିଲା। ପର ଘରେ କାମଧନ୍ଦା, କେବେ ମୂଲ ଲାଗି, କେବେ ଦିନମଜୁରି। ଯେତକ ମିଳୁଥିଲା, ସେତିକିରେ ପେଟ ପୋଷି ହୋଇଯାଉଥିଲା। ଦାରିଦ୍ର୍ୟ ତାଙ୍କୁ ନିରନ୍ତର ଘେରି ରଖିଥିଲା, କିନ୍ତୁ ଆଖିରେ ଥିଲା ଏକ ଆଲୋକ, ପୁଅ ବିଶ୍ୱଜିତ୍। "ପୁଅ ପାଠ ପଢ଼ିବ, ମୋ ପରି ଦୁଃଖ ଦେଖିବନି"—ଏହି ଏକ ଆଶାରେ ସେ ପୁଅକୁ ସହରର ହଷ୍ଟେଲରେ ରଖିଲେ। ମାସ ଶେଷରେ ଟଙ୍କା ଯୋଗାଡ଼ କରିବା ପାଇଁ ସଦାନନ୍ଦ ଅନେକ ଦିନ ଭୋକିଲା ରହିଛନ୍ତି କିନ୍ତୁ ପୁଅର ପାଠ ପଢ଼ାରେ କେବେ ଅଭାବ ହେବାକୁ ଦେଲେନି। ସହରରେ ରହଣି ଭିତରେ ଚିକମିକି ଆଲୋକ, ଭିଡ଼, ଆଡମ୍ବର ଧୀରେ ଧୀରେ ବିଶ୍ୱଜିତ୍‌ଙ୍କ ମନକୁ ବଦଳାଇ ଦେଲା। ଗାଁର ସରଳତା ତାଙ୍କୁ ଆଉ ଭଲ ଲାଗିଲାନି। ମା'ର ହାତ ତିଆରି ଖାଦ୍ୟ, ଭାଇଭଉଣୀଙ୍କ ସ୍ନେହ ସବୁକୁ ସେ ଦୂରେଇବାକୁ ଲାଗିଲା। ସହରୀ ଚାଲିଚଳନ ତାକୁ ନୂଆ ପରିଚୟ



ଦେଲା। ଯେଉଁଠାରେ ଗାଁ ଓ ଗରିବ ପାଇଁ ସ୍ଥାନ ଥିଲା ଅପହଞ୍ଚ । ପାଠ ପଢା ସରିବା ପରେ ବିଶ୍ୱଜିତ୍ ସହରରେ ଖଣ୍ଡେ ଭଲ ଚାକିରି ପାଇଲା। ମନଲାଖି ସୁନ୍ଦର ଝିଅଟେ ଦେଖି ପିତାମାତାଙ୍କ ସହମତି ନନେଇ ସହରରେ ବିବାହ କରିନେଲା। ସଦାନନ୍ଦ ଓ ତାଙ୍କ ସ୍ତ୍ରୀଙ୍କ ମନର ବେଦନାକୁ ଲୁଚାଇ ନୀରବ ରହିଲେ। ପୁଅର ସୁଖ ତାଙ୍କ ପାଇଁ ସବୁଠୁ ବଡ଼ କଥା ଥିଲା। କିନ୍ତୁ ବିଶ୍ୱଜିତ୍ ଧୀରେ ଧୀରେ ସବୁ ସମ୍ପର୍କ ଭୁଲିଗଲା। ଘରକୁ ଟଙ୍କା ପଠାଇବା ବନ୍ଦ ହେଲା, ଖବର ନେବା ମଧ୍ୟ ଦୁର୍ଲଭ ହୋଇଗଲା। ସ୍ତ୍ରୀ ଅୟସ-ଆରାମରେ ଅଭ୍ୟସ୍ତ ଥିବାରୁ ଗାଁକୁ ଯିବାକୁ ସଫା ମନା କରିଦେଲା। ଏହି ଭିନ୍ନ ମନୋଭାବରୁ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଭୁଲ ବୁଝାବୁଝି ଜନ୍ମ ନେଲା। କଥା କଥାରେ ଅଭିମାନ, ଅଭିମାନରୁ ବିରୋଧ। ଶେଷରେ ସ୍ତ୍ରୀ ଘର ଛାଡ଼ି ବାପଘରକୁ ପଳେଇଗଲା ଓ ମିଛ ନିର୍ଯାତନା ଅଭିଯୋଗରେ ଥାନାର ଦ୍ୱାରସ୍ଥ ହେଲା। ବିଶ୍ୱଜିତ୍ ଜେଲକୁ ଗଲା, ଚାକିରି ହରାଇଲା। ଯେଉଁ ସହର ତାକୁ ସ୍ୱପ୍ନ ଦେଖାଇଥିଲା, ସେହି ସହର ତାକୁ ଏକାକୀ କରିଦେଲା। ସବୁ କିଛି ହରାଇ ସେ ପୁଣି ଗାଁକୁ ଫେରିଲା। ସେଇ ମାଟି, ସେଇ ମା'ର କୋଳକୁ। ଏକମାତ୍ର ପୁଅ ସ୍ତ୍ରୀ ସୁମିତ୍ରାଙ୍କ ପାଖରେ ରହି ବାପାକୁ ଝୁରୁଥିଲା। ଗାଁର ନିରବତା ମଧ୍ୟରେ ବିଶ୍ୱଜିତ୍ ନିଜ ଭୁଲକୁ ପ୍ରଥମେ ଅନୁଭବ କଲା। କିଛି ଦିନ ପରେ ସୁମିତ୍ରା ଭୟଙ୍କର ରୋଗରେ ପଡ଼ିଲା। ଡାକ୍ତର ସ୍ପଷ୍ଟ କହିଦେଲେ; ଏହା ଶେଷ ଅବସ୍ଥା। ଖବର ପାଇ ବିଶ୍ୱଜିତ୍ ଦୌଡ଼ି ଆସିଲା। ହସ୍ପିଟାଲର ନିରବ କୋଠରୀରେ ସ୍ତ୍ରୀର ହାତ ଧରି ସେ ନିର୍ବାକ୍ ହୋଇ ପଡ଼ିଥିଲା। ଆଖିରୁ ଝରୁଥିବା ଲୁହ ସହିତ ଅହଂକାର, ଅଭିମାନ ସବୁ ଭିତରୁ ଭାଙ୍ଗି ଯାଉଥିଲା। ସୁମିତ୍ରା ଶେଷ ଶକ୍ତି ସଞ୍ଚୟ କରି କହିଲା—"ମୋର ଭୁଲକୁ କ୍ଷମା କରିଦିଅ... ପିଲାକୁ ଭଲ ମଣିଷ କରିବ।" ସ୍ୱାମୀର ହାତ ଧରି ସେ ଶେଷ ନିଃଶ୍ୱାସ ନେଲା। ସେଇ ମୁହୂର୍ତ୍ତରେ ବିଶ୍ୱଜିତ୍ ବୁଝିଲା—ଜୀବନର ସତ୍ୟ ମୂଲ୍ୟବାନ ଧନ, ଚାକିରି କିମ୍ବା ସହରୀ ଆଡମ୍ବର ନୁହେଁ; ମୂଲ୍ୟ ହେଉଛି ପରିବାର, ସମ୍ପର୍କ ଓ ସମୟରେ ବୁଝିପାରିବା ମନ। କିନ୍ତୁ ସେହି ମୂଲ୍ୟର ଅନୁଭବ ସେ ପାଇଲା—ସବୁକିଛି ହରାଇବା ପରେ । କେବଳ ହସ୍ପିଟାଲର ଚାରିକାନ୍ଥକୁ ଅନେଇ ଆଖିରୁ ଅବୁଝା ଲୁହ ଟୋପା ଝରି ପଡୁଥିଲା।

+ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ
ମୋ:୯୪୩୭୭୩୧୯୦୩

# ଡି.ଆଇ.ଇ.ଟିରେ ଦ୍ୱିଦିବସୀୟ ଜିଲ୍ଲାସ୍ତରୀୟ ପାଠ୍ୟଚକ୍ର ଉଦ୍‌ଯାପିତ

କେନ୍ଦୁଝର, ୧୮/୧ (ନି.ପ୍ର): ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନରେ ଆୟୋଜିତ ଦୁଇଦିନିଆ ପାଠ୍ୟଚକ୍ର ଶନିବାର ଉଦଯାପିତ ହୋଇଛି। ପ୍ରତିଷ୍ଠାନର ଅଧକ୍ଷା କଲ୍ୟାଣୀ ମାଝୀଙ୍କ ଅଧକ୍ଷତାରେ ରାଜଧାନୀ ମହାବିଦ୍ୟାଳୟର ଶିକ୍ଷା ବିଭାଗର ସହକାରୀ ପ୍ରାଧ୍ୟାପକ ଡଃ. ଅଜୟ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଧରଣୀଧର ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ବିଭାଗ ମୁଖ୍ୟ ଜଗନ୍ନାଥ କୁଅଁର ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ । କେନ୍ଦୁଝରର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ସାମଲ, ଡି.ଆଇ.ଇ.ଟି ର ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଡଃ ଅକ୍ଷୟ କୁମାର ରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସାଗରିକା ଗିରି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ନରସିଂହ ମୁର୍ମୁ ଅତିଥି ପରିଚୟ ଦେଇଥିଲେ। ପାଠ୍ୟଚକ୍ର ବିଭାଗର ଦାୟିତ୍ୱରେ ଥିବା ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ଦେବସ୍ମିତା ଚକ୍ର ପାଠ୍ୟଚକ୍ରର ଉଦ୍ଦେଶ୍ୟ ଓ ସାରାଂଶ ଉପସ୍ଥାପନ କରିଥିଲେ । ପ୍ରଥମ ଅଧିବେଶନରେ ବରିଷ୍ଠ ପ୍ରଶିକ୍ଷିକା ସାଂକ୍ଷୀ ସୋରେନଙ୍କ ସଂଯୋଜନାରେ ଚାରୋଟି ସଂନ୍ଦର୍ଭ ଓ ଦ୍ୱିତୀୟ ଅଧିବେଶନ ରେ ଚାରୋଟି ସଂନ୍ଦର୍ଭ ଉପସ୍ଥାପିତ ହୋଇଥିଲା।ଡଃ ଅଜୟ କୁମାର ସ୍ୱାଇଁ ଏବଂ ଡଃ ଜଗନ୍ନାଥ କୁଅଁର ସଂଦର୍ଭ ଗୁଡିକର ମୂଲ୍ୟାୟନ କରିଥିଲେ। ପାଠ୍ୟଚକ୍ରରେ ପାଟଣା ବ୍ଲକର ରାମେଶ୍ୱର ବାରିକ,ପ୍ରଶାନ୍ତ କୁମାର, ହାଟଡିହି ବ୍ଲକର କେଶବ ଚନ୍ଦ୍ର କରଙ୍କ ସଂଦର୍ଭ ଶ୍ରେଷ୍ଠ ବିବେଚିତ ହୋଇଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ବରିଷ୍ଠ ପ୍ରଶିକ୍ଷକ ନରସିଂହ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ। ସିଧା ପ୍ରସାରଣ ରେ ଶିକ୍ଷକ ପ୍ରଶିକ୍ଷକ ନୀଳାଦ୍ରି ବିହାରୀ ମହାପାତ୍ର ସହଯୋଗ କରିଥିଲେ। ଡି.ଆଇ.ଇ.ଟି କେନ୍ଦୁଝର ର ସମସ୍ତ ବରିଷ୍ଠ ପ୍ରଶିକ୍ଷକ/ପ୍ରଶିକ୍ଷିକା ସଞ୍ଜିତ କୁମାର ପ୍ରଧାନ,ତଦାସା ତଟିନୀ ପଣ୍ଡା, ଶିକ୍ଷକ ପ୍ରଶିକ୍ଷକ ବିବେକାନନ୍ଦ ନାୟକ, ଅମିତ କୁମାର ଗିରି, ସୁରେଶ କୁମାର ନାୟକ ଏବଂ ପ୍ରଥମ ଓ ଦ୍ୱିତୀୟ ବର୍ଷର ଗୁରୁ ଛାତ୍ର ଛାତ୍ରୀ ଉପସ୍ଥିତ ରହି ପାଠ୍ୟଚକ୍ରକୁ ସଫଳ ରୂପାୟନ କରିଥିଲେ।

# ରାଷ୍ଟ୍ରୀୟ ଯୁବ ଦିବସ ଓ ଆଇନ୍ ସଚେତନତା ସଭା

ଧର୍ମଶାଳା, ୧୮/୧ (ନି.ପ୍ର): ଯାଜପୁର ଜିଲା ଦୌରା ଜଜ୍ ତଥା ଅଇନ ସେବା ପ୍ରାଧିକରଣ ଅଧକ୍ଷ ଅମୃତ ରଂଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ପ୍ରାଧିକରଣ ପକ୍ଷରୁ ଯାଜପୁର ମୁଖ୍ୟ ଦସ୍ତରରେ ଥିବା ବିରଜା ମହିଳା ରାଷ୍ଟ୍ରୀୟ ଯୁବ ଦିବସ ପାଳନ ସହିତ ଆଇନ୍ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରାଧିକାରଣ ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତା ଡ. ରୁଦ୍ର ନାରାୟଣ ପୃଷ୍ଟିଙ୍କ ଅଧକ୍ଷତାରେ ମହାବିଦ୍ୟାଳୟର ଅଧକ୍ଷ ଗୌର ସୁନ୍ଦର ଦାସ,ମୁଖ୍ୟ ବିବାହ ସୁରକ୍ଷା ଅଧିକାରୀ ସୁନନ୍ଦା ଦାସ ଓ ଆଡଭୋକେଟ୍ କୁଳମଣି ନାୟକ ଅତିଥିଭାବେ ଯୋଗ ଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନଦର୍ଶନ ସହିତ ବାଲ୍ୟ ବିବାହ ନିରୋଧ ଆଇନ ୨୦୨୬ ଓ ମାଦକ ଦ୍ରବ୍ୟ ସେବନର ଭୟାବହ ପରିଣତି ଓ ନିଶାମୁକ୍ତ ଭାରତ ସମ୍ପର୍କରେ ଆଲୋଚନା କରିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧାପିକା ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିବା ବେଳେ ଅଧକ୍ଷ ସମସ୍ତଙ୍କୁ ସ୍ୱଦେଶୀ ସଂକଳ୍ପ ପତ୍ର ପାଠ କରାଇ ଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରାଧିକରଣ ଓ ମହାବିଦ୍ୟାଳୟ ସମସ୍ତ ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ ।

# ବ୍ରହ୍ମବରଦାରେ ଜିଲ୍ଲାସ୍ତରୀୟ ପାରା ଆଥ୍‌ଲେଟିକ୍ସ ମିଟ୍

ଧର୍ମଶାଳା, ୧୮/୧ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ହାଜିରିମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଏକ ଦିବସୀୟ ଜିଲା ସ୍ତରୀୟ ପାରା ଆଥଲେଟିକ୍ସ ମିଟ୍ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଆରମ୍ଭରେ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଶୋଭାଯାତ୍ରା ବ୍ରାହ୍ମଣୀ ବ୍ରିଜ୍ ଠାରୁ ଆରମ୍ଭ ହୋଇ ଷକଳ ପଡିଆରେ ଶେଷ ହୋଇଥିଲା । ଏଥିରେ ଶତାଧିକ ଦିବ୍ୟାଙ୍ଗ କ୍ରୀଡାବିତ୍ ,ବ୍ରହ୍ମବରଦା ମହାବିଦ୍ୟାଳୟ ଓ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀ ସାମିଲ ହୋଇ ଥିଲେ । ଏହି ମାଶାଲ ଖେଳ ପଡିଆରେ ପଂହଚିବା ପରେ ଜିଲା ପାରା ସ୍ପୋର୍ଟ ଆସୋସିଏସନର ସଭାପତି ମଂଟୁ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଯାଜପୁର ରୋଡ ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର ଯୋଗ ଦେଇ ପ୍ରଦୀପ ପ୍ରଜଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥିଭାବେ ଜିଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ,ରସୁଲପୁର ବ୍ଲକ ଶିକ୍ଷା ଅଧିକାରୀ ଡ. ପ୍ରଭଞ୍ଜନ ପତି, ବ୍ରହ୍ମବରଦା ସରପଂଚ ମମତା ଶୁଭଦର୍ଶନୀ ଦେଓ,କେଜିଆର ଅଧକ୍ଷ ଡ. ଆଲେକଜାଣ୍ଡାର ଦାସ, ବ୍ରହ୍ମବରଦା ଥାନା ଅଧିକାରିଣୀ ଜୟନ୍ତୀ ମଲ୍ଲିକ,ଏସ୍‌ଆଇ ସୁଶାନ୍ତ କୁମାର ସେଠୀ, ଯୁବନେତା ରାକେଶ ଦେଓ,ପ୍ରଦୀପ ଦାସ,ପ୍ରଫୁଲ୍ଲ ଗିରି ଓ ପ୍ରାକ୍ତନ ସରପଂଚ ବିପିନ ବିହାରୀ ଦେଓ ପ୍ରମୁଖ ଯୋଗ ଦେଇ ଦିବ୍ୟାଙ୍ଗ କ୍ରୀଡାବିତ୍ ?ମାନଙ୍କୁ ଉତ୍ସାହିତ କରିଥିଲେ । ଆନ୍ତର୍ଜାତୀୟ ପାରା କ୍ରୀଡାବିତ୍ ପ୍ରଫୁଲ୍ଲ ଖଣ୍ଡାୟତ ରାୟ ଯୋଗ ଦେଇ ରବିନ ଦେଖାଇ ଖେଳକୁ ଶୁଭାରମ୍ଭ କରିଥିଲେ । କୃତି ପ୍ରତିଯୋଗିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇ ଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ରତିକାନ୍ତ ରାଉତ,ଦୀନବନ୍ଧୁ ରାଉତ,ଜୁଲଫୁକାର ଅଲ୍ଲୀ, ରାକେଶ ଦାସ ଓ ନାସିରୁଦ୍ଦିନ ଖାଁନ ପ୍ରମୁଖ ସହଯୋଗ କରିଥିଲେ । ଏହି ପ୍ରତିଯୋଗିତାରେ ଜିଲାର ୨ଶହରୁ ଉର୍ଦ୍ଧ ଦିବ୍ୟାଙ୍ଗମାନେ କ୍ରୀଡାରେ ଅଂଶ ଗ୍ରହଣ କରିଥିଲେ । ବ୍ରହ୍ମବରଦା ଥାନା ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

# ଏକକ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା ନେଇ ସଫେଇ କାର୍ଯ୍ୟ ସହ ବାଲ୍ୟ ବିବାହ ମୁକ୍ତ ଭାରତ ସମ୍ବନ୍ଧିତ ସଚେତନତା କାର୍ଯ୍ୟକ୍ରମ

ନୂଆପଡ଼ା, ୧୮/୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବନ ବିଭାଗ ଓ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ମିଳିତ ଆନୁକୂଲ୍ୟରେ ପରିବେଶ ସୁରକ୍ଷା ଓ ଆଇନ ସଚେତନତା ପାଇଁ ଓ ଏକକ-ବ୍ୟବହାର ପ୍ଲାଷ୍ଟିକମୁକ୍ତ ଜିଲ୍ଲାଗଠନ ନେଇ ସଫେଇ କାର୍ଯ୍ୟ ସହ ବାଲ୍ୟବିବାହ ମୁକ୍ତ ଭାରତ ସମ୍ବନ୍ଧିତ ସଚେତନତା କାର୍ଯ୍ୟକ୍ରମ ଆଜି ନୂଆପଡ଼ା ସ୍ଥିତ ସାଇପଲା ଡ୍ୟାମ ପର୍ଯ୍ୟଟନ ସ୍ଥଳିରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧିକାର ମିତ୍ରଗଣ, ବନ ବିଭାଗ ଏବଂ ସ୍ୱେଚ୍ଛାସେବୀ ମାନେ ଯୋଗ ଦେଇଥିଲେ। ପର୍ଯ୍ୟଟନ ସ୍ଥଳୀରେ ପଡ଼ିଥିବା ଅଳିଆ ଆବର୍ଜନାକୁ ଏକାଠି କରି ଏକକ ବ୍ୟବହାର ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା ଗଠନରେ ସହାୟକ ହେବା ସହିତ ଭାରତକୁ ବାଲ୍ୟବିବାହମୁକ୍ତ କରିବାକୁ ପ୍ରାଧିକରଣ ସଚିବ ନବନୀତା ଦାଶ ଆହ୍ୱାନ ଦେଇଥିଲେ। ସଭାରେ ଡ଼ି.ଏଫ୍.ଓ ଖଡିଆଲ ଅଜିଜ୍ ଖାନ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସହକାରୀ ପରିବେଶ ବୈଜ୍ଞାନିକ ସ୍ୱାଗତ ଆନନ୍ଦ ପଟେଲ, ଜିଲ୍ଲା ସମାଜ କଲ୍ୟାଣ ବିଭାଗର ଜିଲ୍ଲା ସଂଯୋଜକ ରଞ୍ଜନ କୁମାର ସାହୁ, ସାଇପଲା ଗ୍ରାମ ପଂଚାୟତର ସରପଂଚ ପ୍ରିୟଂକା ସାହୁ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପବନ କୁମାର ପଟେଲ, ଲଖନା ବନପାଳ ଜୟଲାଲ ଶୁକ୍ଲା, ଧରମବନ୍ଧା ଅଞ୍ଜନ କୁମାର ସାହୁ ଓ ପ୍ରାଧିକରଣର ଅଧିକାରମିତ୍ରଗଣ ରେବତୀ ମାଝୀ, ନଳିନୀ ଦେବତା, ତୋଫାନ ବାଗ, ଚିତେଶ୍ୱରୀ ଜଗତ, ସୁବଳ ରଣା, ଲୁକେଶ ଜଗତ, କବିତା ଭୋଇ, ସାବିତ୍ରୀ ଶବର ପ୍ରମୁଖ ଯୋଗ ଦେଇଥିଲେ । ପ୍ରାୟ ୩୨୦ କିଲୋ ପ୍ଲାଷ୍ଟିକ୍ ଆବର୍ଜନା ଉକ୍ତ ପର୍ଯ୍ୟଟନସ୍ଥଳୀରୁ ଉଠା ହୋଇଥିଲା ।

# ଝାରସୁଗୁଡ଼ା ବିଧାନସଭା କ୍ଷେତ୍ର ବିକାଶ କମିଟି ସମୀକ୍ଷା ବୈଠକ

ଝାରସୁଗୁଡ଼ା, ୧୮/୧ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାକୁ ଏକ ଆଦର୍ଶ ଜିଲ୍ଲା ଭାବେ ଗଢ଼ିତୋଳିବା ଏବଂ ସମସ୍ତ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଉପସ୍ଥିତିରେ ବିଭିନ୍ନ ବିଭାଗର କାର୍ଯ୍ୟସୂଚୀ ଓ ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଏହି ଅବସରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଭାରତୀୟ ପ୍ରଶାସନିକ ସେବା ପ୍ରଶିକ୍ଷଣାର୍ଥୀ ପ୍ରଜ୍ଞାନନ୍ଦନ ଗିରି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ ଏବଂ ଜିଲ୍ଲା ଯୋଜନା ଓ ସମୀକ୍ଷା ୟୁନିଟ୍ ର ଉପ-ନିର୍ଦ୍ଦେଶକ ଦେବେନ୍ଦ୍ର କୁମାର ମଲ୍ଲିକଙ୍କ ସମେତ ସମସ୍ତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ। ଝାରସୁଗୁଡ଼ା ଜିଲ୍ଲାକୁ ରାଜ୍ୟର ଏକ ଆଦର୍ଶ ଜିଲ୍ଲା ଭାବେ ଗଢ଼ିତୋଳିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟଖସଡ଼ା ବା ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ସାମାଜିକ, ଅର୍ଥନୈତିକ ଏବଂ ଭୌତିକ ଭିତିଭୂମି କ୍ଷେତ୍ରରେ ଥିବା ସମସ୍ୟାଗୁଡ଼ିକୁ ଚିହ୍ନଟ କରାଯାଇ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଯୋଜନା ଅଧୀନରେ ବିଭିନ୍ନ ବିଭାଗର ଚାଲୁ ରହିଥିବା କାର୍ଯ୍ୟ ଏବଂ ଅଟକି ରହିଥିବା ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ କୁହାଯାଇଥିବା ବେଳେ ପ୍ରତି ପଂଚାୟତରେ ଏକ ମିନି ଷ୍ଟାଡିୟମ ନିର୍ମାଣ ଓ ଜଳାଶୟ ଗୁଡ଼ିକର ପୁନରୁଦ୍ଧାର ତଥା ସୌନ୍ଦର୍ଯ୍ୟକରଣ ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଛି। ଜିଲ୍ଲାର ପ୍ରତିଟି ଗ୍ରାମର ଶେଷ ସୀମା ପର୍ଯ୍ୟନ୍ତ ଉତମ ଯୋଗାଯୋଗ ବ୍ୟବସ୍ଥା ବା 'ଅନ୍ତ୍ୟୋଦୟ ସଂଯୋଗ' ସୁନିଶ୍ଚିତ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗକୁ ନେଇ ଏକ ମିଳିତ କମିଟି ଗଠନ କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଆଗାମୀ ୫ ବର୍ଷରୁ ୫୦ ବର୍ଷ ପର୍ଯ୍ୟନ୍ତ ଜିଲ୍ଲାର ସାମଗ୍ରିକ ବିକାଶକୁ ଦୃଷ୍ଟିରେ ରଖି ଏକ 'ଦୂରଦର୍ଶୀ ଯୋଜନା' ପ୍ରସ୍ତୁତ କରିବାକୁ ପ୍ରତ୍ୟେକ ବିଭାଗକୁ ପ୍ରସ୍ତାବ ଦିଆଯାଇଛି। ଜିଲ୍ଲା ପ୍ରଶାସନର ଡିପିଏମୟୁର ପ୍ଲାନିଂ ୱିଂ ଦ୍ୱାରା ଆୟୋଜିତ ଏହି ସମୀକ୍ଷା ବୈଠକରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୌରପାଳିକାର ନିର୍ବାହୀ ଅଧିକାରୀ, ତହସିଲଦାର ଏବଂ ଲାଇକେରା, କିର୍ମିରା, କୋଲାବିରା ଓ ଝାରସୁଗୁଡ଼ାର ପଂଚାୟତ ସମିତି ଅଧକ୍ଷମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କୋରାପୁଟ ଜିଲ୍ଲାରେ ପେସା ଆଇନ ଏବଂ ଜନଜାତି ବିକାଶ ଉପରେ ଏକଦିବସୀୟ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର

ଜୟପୁର, ୧୮/୧ (ନି.ପ୍ର): କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ସଦଭାବନା ସଭାଗୃହଠାରେ ପେସା ଆଇନ ଏବଂ ଜନଜାତିଙ୍କ ସାମଗ୍ରିକ ବିକାଶ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତିରାଜ ପ୍ରତିଷ୍ଠାନ ର ଉପ-ନିର୍ଦ୍ଦେଶକ, କୋରାପୁଟ ଜିଲ୍ଲାପାଳ, ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିସହ ସମ୍ପୃକ୍ତ ବିଭାଗର ଜିଲ୍ଲା ସ୍ତରୀୟ ପଦାଧିକାରୀମାନେ ମଧ୍ୟ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୨୪୦ ଜଣ ଗ୍ରାମସଭା ମୋବିଲାଇଜର ଏବଂ ୧୪ ଜଣ ବ୍ଲକ୍ ପେସା ସଂଯୋଜକ ଏହି ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିଲେ। ଆଲୋଚନାର ବିଷୟବସ୍ତୁ ଥିଲା ଅନୁସୂଚିତ ଅଂଚଳରେ ଗ୍ରାମସଭାର କ୍ଷମତା, ଜଙ୍ଗଲ ଜମି ଅଧିକାର, ପ୍ରାକୃତିକ ସମ୍ପଦର ସୁପରିଚାଳନା ଏବଂ ପେସା ଆଇନ ଜରିଆରେ ଜନଜାତି ମାନଙ୍କ ସାମାଜିକ ଓ ଅର୍ଥନୈତିକ ସଶକ୍ତିକରଣ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲ୍ଲା ପରିଷଦର ପେସା ନୋଡାଲ ଅଫିସର ତଥା ପ୍ରୋଜେକ୍ଟ ମ୍ୟାନେଜର ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କୋରାପୁଟ ଜିଲ୍ଲାପାଳ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ପେସା ଆଇନର ସଫଳ ରୂପାୟନ ଦ୍ୱାରା ତୃଣମୂଳ ସ୍ତରରେ ଜନଜାତି ସମ୍ପ୍ରଦାୟ ନିଜର ଶାସନ ଓ ବିକାଶ ପାଇଁ ନିଷ୍ପତି ନେବାକୁ ସକ୍ଷମ ହେବେ। ଉପ-ନିର୍ଦ୍ଦେଶକ ଗ୍ରାମସଭା ମୋବିଲାଇଜରମାନଙ୍କୁ ସେମାନଙ୍କ ଦାୟିତ୍ୱ ଓ କର୍ତବ୍ୟ ବିଷୟରେ ଅବଗତ କରାଇଥିଲେ। ଏହି ପ୍ରଶିକ୍ଷଣ ଶିବିର ଜିଲ୍ଲାରେ ପେସା ନିୟମାବଳୀକୁ ଆହୁରି ସକ୍ରିୟ କରିବା ସହ ସାଧାରଣ ଲୋକଙ୍କ ନିକଟରେ ସରକାରୀ ଯୋଜନା ପହଂଚାଇବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

# ସାମ୍ବାଦିକ ମଧୁପ ରଞ୍ଜନ ନନ୍ଦ ସମ୍ବର୍ଦ୍ଧିତ

ଭୁବନ, ୧୮/୧ (ନି.ପ୍ର): ଭୁବନ ସାମ୍ବାଦିକ ସଂଘ ସଭାପତି ତଥା ଦୈନିକ 'ଓଡ଼ିଶା ଭାସ୍କର' ର ଭୁବନ ଓ କାଳିଆପାଣି ପ୍ରତିନିଧି ମଧୁପ ରଞ୍ଜନ ନନ୍ଦଙ୍କୁ ଟମକା ଠାରେ ସମ୍ବର୍ଦ୍ଧିତ କରାଯାଇଛି । ଯାଜପୁର ଜିଲ୍ଲା ଟମକା ସ୍ଥିତ 'ମହାଗିରୀ ପ୍ରେସ କ୍ଲବ' ର ଦ୍ୱିତୀୟ ବାର୍ଷିକ ଉତ୍ସବରେ ଶ୍ରୀମାନ ନନ୍ଦଙ୍କୁ ନିର୍ଭୀକ, ନିରପେକ୍ଷ, ସମସ୍ୟାଭିତିକ ଓ ଗଠନମୂଳକ ସମ୍ବାଦ ପରିବେଷଣ ଓ ସମାଜସେବା ନିମନ୍ତେ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଚନ୍ଦ୍ରିକା ସେବା ଟ୍ରଷ୍ଟ ପକ୍ଷରୁ ସାମୁହିକ ବ୍ରତୋପନୟନ

ସୁବର୍ଣ୍ଣପୁର, ୧୮/୧ (ନି.ପ୍ର): ଆଜି ଚନ୍ଦ୍ରିକା ସେବା ଟ୍ରଷ୍ଟ ସୁବର୍ଣ୍ଣପୁର ପକ୍ଷରୁ ଶ୍ରୀ ରାମେଶ୍ୱର ଶୈବ ପୀଠ ଠାରେ ସାମୁହିକ ଶୁଭ ବ୍ରତୋପନୟନ କାର୍ଯ୍ୟକ୍ରମ ମହା ସମାରୋହରେ ପାଳିତ ହୋଇଯାଇଛି। ଗତକାଲି ଠାରୁ ନବବ୍ରହ୍ମଚାରୀଙ୍କ ଚାରିକର୍ମ ସହ ଅଷ୍ଟ ପ୍ରହରୀ ନାମ ଯଜ୍ଞ ପାଇଁ ଅଧିବାସ ହୋଇଥିବା ବେଳେ ଆଜି ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ୨୯ ଗୋଟି ଗରିବ ବ୍ରାହ୍ମଣ ବାଳକଙ୍କୁ ନେଇ ସାମୁହିକ ବ୍ରତୋପନୋୟନ ଓ ସାବିତ୍ରୀ ପ୍ରଦାନ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇ ଯାଇଛି । ଯେଉଁଥିରେ କି ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ଅଂଚଳର ଏ ବ୍ରହ୍ମଚାରୀଙ୍କ ସହିତ ଶହ ଶହ ସମ୍ପର୍କୀୟ ଲୋକେ ଓ ଏ ଅଂଚଳର ହଜାର ହଜାର ଭକ୍ତ ଶ୍ରଦ୍ଧାଳୁ ଯୋଗ ଦେଇ ବାଳ ବ୍ରହ୍ମ ଚାରୀ ଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ମହାପ୍ରଭୁ ଙ୍କ କୃପା ଲାଭ କରି ପ୍ରସାଦ ସେବନ ରେ ସାମିଲ ହୋଇଥିଲେ। ଓଡ଼ିଶା ନଗର ଉନ୍ନୟନ ବିଭାଗ ଅତିରିକ୍ତ ସଚିବ ଶୁଭନନ୍ଦ ମହାପାତ୍ର, ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପ ରାଜ ସାହୁ, ଏଡିଏମ୍ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ସୋନପୁର ବି ଡି ଓ ପ୍ରତୀକ କୁମାର କର ଯୋଗଦେଇ ବ୍ରତୋପନୟନ କାର୍ଯ୍ୟ ର ସମସ୍ତ ପଣ୍ଡିତମାନଙ୍କୁ ସମ୍ବର୍ଦ୍ଧିତ କରି ସମସ୍ତ ବ୍ରହ୍ମ ଚାରି ଙ୍କୁ ଶୁଭେଚ୍ଛା ଜଣାଇ ଆୟୋଜକ କମିଟି ଓ ବ୍ରହ୍ମଚାରିଙ୍କୁ ଉତ୍ସାହିତ କରିଥିଲେ। ନବ ବ୍ରହ୍ମଚାରୀ ସୁନିଲ କୁମାର ଦାଶ, ରିଜୁମୁଣ୍ଡା ,ସୁମିତ କୁମାର ଦାଶ, ରିଜୁମୁଣ୍ଡା , ପଟାଭାଡିର ଦୀପକ ଦାଶ, ସଞ୍ଜୟ ଦାଶ, ସତ୍ୟବ୍ରତ ଦାଶ, ବୈଦ୍ୟନାଥର ଦେବଦତ ଦାଶ, ଅଡାଲ ର ରଞ୍ଜନ ଦାଶ, ଉତମ ଦାଶ, ବରଗଡ ,ଭବାନୀ ଶଙ୍କର ପାଣିଗ୍ରାହୀ, ଘଂଟାପଡ଼ା(ବୌଦ୍ଧ) ଅରୁଣ ଦାଶ, ଯୋଗିନ୍ଦ୍ରପୁର(ବୌଦ୍ଧ) ସଚ୍ଚିଦାନନ୍ଦ ପାଣିଗ୍ରାହୀ, ଯୋଗିନ୍ଦ୍ରପୁରର ଗଣେଶ ଦାଶ, କାନପୁର ପ୍ରଭାତ ଦାଶ, ତରାଇକେଲା, କାର୍ତିକ ପାଣିଗ୍ରାହୀ, ସମ୍ବଲପୁର ସମ୍ବିତ ଦାଶ, କୁଶଙ୍ଗ(ବଲାଙ୍ଗୀର) ରୁଦ୍ର ପ୍ରକାଶ ପୁଜାରୀ, ବୀରମହାରାଜପୁ ସିକୁ ପଣ୍ଡା, ବ୍ରାହ୍ମଣୀ ପ୍ରିୟାଂଶୁ ମିଶ୍ର, ବଲାଙ୍ଗୀର ନିଲେଶ୍ୱର ଦାଶ, ଥୁଆପାଲି(ବରଗଡ)ର ମିକୁ ଦାଶ, ହିଲିମାଲ(ବଲାଙ୍ଗୀର) ଶୁଭମ୍ ଦାଶ, ପାଟଣାଗଡ (ବଲାଙ୍ଗୀର) ସତ୍ୟସାଇ ଦାଶ, ଶାନ୍ତିନଗର (ବଲାଙ୍ଗୀର) ପ୍ରଦିପ ଦାଶ, କାନପୁର ଶବ୍ୟସେବକ ସିଂହ, ରଥିପଡ଼ା ପାର୍ଥ ସାରଥି ଦାଶ, କଂଟାବାଞ୍ଜି (ବଲାଙ୍ଗୀର) ବିଭୁ ପ୍ରସାଦ ଦାଶ, କଂଟାବାଞ୍ଜି ରାଧାମୋହନ ମିଶ୍ର, କୁଦୋପାଲି ନିରୋଜ କୁମାର ଦାସ, ଜୀବନ ଦାଶ, ଛତିଶଗଡ଼ ପ୍ରମୁଖ ଏହି ଅବସରରେ ସମସ୍ତ ନବ ବ୍ରହ୍ମଚାରୀ ଙ୍କୁ ବିଧିବିଧାନ ସହ ସମସ୍ତ ଙ୍କର ବ୍ରତୋପନୟନ କରାଯାଇଥିଲା। ଆଜିର ଏହି ଦିବ୍ୟ କାମରେ ଚନ୍ଦ୍ରିକା ସେବା ଟ୍ରଷ୍ଟ ର ଟ୍ରଷ୍ଟି ବଂଟୁ ଅଗ୍ରୱାଲ, ମନୋଜ ଅଗ୍ରୱାଲ, ଟ୍ରଷ୍ଟି ସଦସ୍ୟ ସନ୍ତୋଷ ମିଶ୍ର, ନନ୍ଦୁଲାଲ କମାଣି, ଗୋପାଳ ଭୁତ, ସନ୍ତୋଷ ଶର୍ମା, ନାରାୟଣ ରଥ ବାବୁଲା ମିଶ୍ର, ସତ୍ୟବ୍ରତ ପ୍ରଧାନ, ବିଶ୍ୱ ରଞ୍ଜନ ପୁଝାରୀ, ରାଜେନ୍ଦ୍ର ମେହେର, ବିବେକାନନ୍ଦ ସାହୁ, ହରିହର କର୍ଣ୍ଣ ପ୍ରମୁଖ ବ୍ଲକ ଛକ ଦୁର୍ଗା ପୂଜା କମିଟି କର୍ମକର୍ତା, ଦେବୋତର କମିଟିର ବୈକୁଣ୍ଠ ଶତପଥୀ, ଶ୍ରୀବସ୍ତ ମଲ୍ଲିକ, ମାରୱାଡ଼ି ଯୁବା ମଂଚ, ସ୍ୱଚ୍ଛ ଭାରତ ସଙ୍ଗଠନର କର୍ମକର୍ତା ସମସ୍ତ ସହଯୋଗ କରିଥିଲେ। ଆଜିରର ଏଇ ମହତ୍ କାର୍ଯ୍ୟ, ଯଜ୍ଞ ଦର୍ଶନ ଓ ୨୯ ଗୋଟି ବାଳ ବ୍ରହ୍ମ ଚାରିଙ୍କୁ ଏକା ସାଙ୍ଗରେ ଦେଖିବାର ଏ ମନୋରମ ଦୃଶ୍ୟ କୁ ଦେଖି ଲୋକେ ଖୁବ୍ ଭାଗ୍ୟବାନ ମନେ କରିଛନ୍ତି।

# ଭାରତୀୟ ଭାଷାରେ ସମାନ ବୈଜ୍ଞାନିକ ଓ ପ୍ରାଯୁକ୍ତିକ ପଦାବଳୀ ବିଷୟରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଜାତୀୟ କର୍ମଶାଳା

ଜୟପୁର, ୧୮/୧ (ନି.ପ୍ର): ଶିକ୍ଷା ମନ୍ତ୍ରଣାଳୟ ଅଧୀନ ଭାରତୀୟ ଭାଷା ସମିତି, ଭାରତ ସରକାର, ନୂଆଦିଲ୍ଲୀର ସହଯୋଗରେ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗ ଆନୁକୂଲ୍ୟରେ ଆସନ୍ତା ୧୯–୨୦ ଜାନୁଆରୀ ୨୦୨୬ ତାରିଖରେ ବିଶ୍ୱବିଦ୍ୟାଳୟର ସୁନାବେଡା ପରିସରରେ ଭାରତୀୟ ଭାଷା ଉପରେ ଦୁଇଦିନିଆ ଜାତୀୟ କର୍ମଶାଳା ଆୟୋଜିତ ହେବାକୁ ଯାଉଛି। କର୍ମଶାଳାର ବିଷୟ ରହିଛି 'ଭାରତୀୟ ଭାଷା(ଓଡିଆ, ହିନ୍ଦୀ ଓ ସଂସ୍କୃତ) ପାଇଁ ସମାନ ବୈଜ୍ଞାନିକ ଓ ପ୍ରାଯୁକ୍ତିକ ପଦାବଳୀ'। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା କାର୍ଯକ୍ରମର ସଫଳ ଆୟୋଜନ ପାଇଁ ଶୁଭେଚ୍ଛା ଜଣାଇବା ସହ ଏହି କାର୍ଯଶାଳା ସମସ୍ତ ଅଂଶଗ୍ରାହୀଙ୍କର ଭାଷାଗତ କୌଶଳ ବୃଦ୍ଧି କରିବ ବୋଲି ଆଶା ପ୍ରକାଶ କରିଛନ୍ତି। ଭାରତର ଭାଷାଗତ ବିବିଧତା ବିଶ୍ୱରେ ଅଦ୍ୱିତୀୟ ହେଲେ ମଧ୍ୟ ବିଭିନ୍ନ ଭାଷାରେ ବୈଜ୍ଞାନିକ ଓ ପ୍ରାଯୁକ୍ତିକ ଶବ୍ଦାବଳୀର ଅସମ ଉନ୍ନତି ଜ୍ଞାନ ଆଦାନ–ପ୍ରଦାନ, ଅନୁବାଦ, ଶିକ୍ଷା ଓ ଗବେଷଣାକୁ ଜଟିଳ କରିଦେଇଛି। ହିନ୍ଦୀ, ଓଡିଆ ଓ ସଂସ୍କୃତ- ଏହି ତିନିଟି ଭାଷାରେ ସମୃଦ୍ଧ ଶବ୍ଦଭଣ୍ଡାର ଥିଲେ ମଧ୍ୟ ପ୍ରାଯୁକ୍ତିକ ପଦାବଳୀରେ ଏକରୂପତାର ଅଭାବ ଦେଖାଯାଏ। ଜାତୀୟ ଶିକ୍ଷା ନୀତି(ଏନ୍‌ଇପି–୨୦୨୦) ଭାରତୀୟ ଭାଷାରେ ବିଜ୍ଞାନ ଓ ପ୍ରଯୁକ୍ତି ଶିକ୍ଷାକୁ ପ୍ରୋତ୍ସାହନ ଦେବାକୁ ଜୋର ଦେଇଥିବାରୁ ମାନକୀକୃତ ଏବଂ ସମନ୍ୱିତ ପଦାବଳୀର ଆବଶ୍ୟକତା ଅଧିକ ବୃଦ୍ଧି ପାଇଛି। ଏହି ପରିପ୍ରେକ୍ଷିତରେ କର୍ମଶାଳାର ଉଦ୍ଦେଶ୍ୟ ହେଉଛି ତିନିଟି ଭାଷାର ଶବ୍ଦସମ୍ପଦର ତୁଳନାମୂଳକ ଅଧ୍ୟୟନ କରି ସାଧାରଣ ବୈଜ୍ଞାନିକ ଓ ପ୍ରାଯୁକ୍ତିକ ପଦାବଳୀ ଗଠନ ପାଇଁ ଏକ ରୂପରେଖା ପ୍ରସ୍ତୁତ କରିବା। ଦୁଇଦିନିଆ ଏହି କାର୍ଯଶାଳାରେ ଭାଷା ଓ ପ୍ରଯୁକ୍ତି କ୍ଷେତ୍ରର ବହୁ ପ୍ରତିଷ୍ଠିତ ବିଦ୍ୱାନ ଯଥା ପ୍ରଫେସର ଆଁ.ଏସ୍. ସର୍ରାଜୁ, ପ୍ରଫେସର ସତ୍ୟନାରାୟଣ ପଣ୍ଡା, ଡା. କୋଙ୍କିମଲ୍ଲା ଗିରିଧର ରାଓ, ଶ୍ରୀ ହରିରାମ ପଂସାରୀ, ଶ୍ରୀ ସୁରେନ୍ଦ୍ର ସାମଲ ଏବଂ ଶ୍ରୀ ପ୍ରଦୀପ କୁମାର ସାହୁ ଅଂଶଗ୍ରହଣ କରି ଆଲୋଚନାରେ ଯୋଗଦେବାର କାର୍ଯକ୍ରମ ରହିଛି ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡା. ଫଗୁନାଥ ଭୋଇ, ଜଣାଇଛନ୍ତି । ୨୦୦୯ ମସିହାରେ ସଂସଦର ଅଧିନିୟମ ମାଧ୍ୟମରେ ସ୍ଥାପିତ କୋରାପୁଟର ସୌନ୍ଦର୍ଯ୍ୟମୟ ଉପତ୍ୟକାରେ ଅବସ୍ଥିତ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ବର୍ତ୍ତମାନ ୨୦ଟି ବିଭାଗ ମାଧ୍ୟମରେ ସ୍ନାତକ, ସ୍ନାତକୋତର, ସମନ୍ୱିତ ଓ ଗବେଷଣା କାର୍ଯକ୍ରମ ପରିଚାଳିତ ହେଉଛି। ୨୦୧୫ ମସିହାରେ ସ୍ଥାପିତ ହିନ୍ଦୀ ବିଭାଗ ଶିକ୍ଷା, ଗବେଷଣା ସହିତ ଭାଷା–ସାହିତ୍ୟର ପ୍ରଚାର ଓ ବିଭିନ୍ନ ଶିକ୍ଷଣିକ–ସାଂସ୍କୃତିକ କାର୍ଯକଳାପରେ ସକ୍ରିୟ ଭୂମିକା ନିଭାଇ ଆସୁଛି।

# ଆସ ବିଦ୍ୟାଳୟ ଯିବା ସଚେତନତା ଶିବିର ଅନୁଷ୍ଠିତ

ମାଲକାନଗିରି, ୧୮/୧ (ନି.ପ୍ର): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ଉପାନ୍ତ ଟେମୁରୁପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଆସ ବିଦ୍ୟାଳୟ ଯିବା ସଚେତନତା ଶିବିର ଆଜି ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସ ଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକ ଉଦଘାଟନ କରିଥିଲେ। ପଡୋଶୀ ରାଜ୍ୟ ଛତଶଗଡ଼ କୁ ଲାଗି ରହିଥିବା ଏହି ଉପାନ୍ତ ଅଞ୍ଚଳରେ ବହୁ ବିଦ୍ୟାର୍ଥୀ ସଚେତନତା ଅଭାବରୁ କେତେକ ଷଷ୍ଠ,ନବମ ଓ ଦଶମ ଯିବା ପୂର୍ବରୁ ବିଦ୍ୟାଳୟକୁ ଆସୁ ନାହାନ୍ତି। ଫଳରେ ବହୁ ବିଦ୍ୟାର୍ଥୀ ଶିକ୍ଷା ଲାଭ କରି ପାରୁ ନାହାନ୍ତି ।ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ଜାତୀୟ ମୁକ୍ତ ବିଦ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ମାଥିଲି କେନ୍ଦ୍ରର ସଂଯୋଜକ ମିହିର ମଣ୍ଡଳ ଓ ସହକାରୀ ସଂଯୋଜିକା ପ୍ରତିଭା ସାହୁ ଯୋଗଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଗ୍ରାମବାସୀ, ପଞ୍ଚାୟତରାଜ ସଦସ୍ୟ ପୁରାତନ ଛାତ୍ରୀ ଛାତ୍ର ମାନଙ୍କ ସହିତ ଆଞ୍ଚଳିକ ଗୋଷ୍ଠୀ ସାଧନ କେନ୍ଦ୍ରର ସମ୍ବଳ ଅଧିକାରୀ ବିଭିନ୍ନ ପ୍ରକାରର ସ୍ଲୋଗାନ ମାନ ଦେଇ ଏକ ବିରାଟ ଶୋଭଯାତ୍ରାରେ ଟେମୁରୁପାଲି ସଦର ଗ୍ରାମ ପରିକ୍ରମା କରିଥିଲେ।

# ଜାନୁୟାରୀ ୨୮ରେ ଓଡ଼ିଶା ବନ୍ଦ ପାଇଁ ନବନିର୍ମାଣ କୃଷକ ସଂଗଠନର ଆହ୍ୱାନ

ଭୁବନେଶ୍ୱର, ୧୮/୧ (ନି.ପ୍ର): ରାଜ୍ୟରେ ଧାନ ମଣ୍ଡି ଖୋଲିବାରେ ଏବଂ ଧାନ ବିକ୍ରିରେ ଅବ୍ୟବସ୍ଥାର ଶୀକାର ହୋଇଥିବା ଚାଷୀଙ୍କ ପାଇଁ, ପ୍ରଦୂଷଣ ନାମରେ ସାଧାରଣ ବ୍ୟକ୍ତିଙ୍କଠାରୁ ହଜାର ହଜାର ଟଙ୍କାର ଫାଇନ୍ ନେବା ଏବଂ ବିଜୁଳି ବିତରଣ କଂପାନୀ ଟାଟା ପାୱାରର ଲୁଟର ପ୍ରତିବାଦ ଏବଂ ନବନିର୍ମାଣ ନେତୃତ୍ୱ ଉପରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀଙ୍କ ଗୁଣ୍ଡାଙ୍କ ଦ୍ୱାରା ଆକ୍ରମଣର ପ୍ରତିବାଦରେ ଆଗାମୀ ଜାନୁୟାରୀ ୨୮ ତାରଖରେ ନବନିର୍ମାଣ କୃଷକ ସଂଗଠନ ଦ୍ୱାରା ସକାଳ ୬ଟାରୁ ୨ଟା ପର୍ଯ୍ୟନ୍ତ ଓଡ଼ିଶା ବନ୍ଦର ଡାକରା ଦିଆଯାଇଛି। ଶନିବାର ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟରେ ଆହୂତ ସାମ୍ବାଦିକ ସମ୍ମିଳନୀରେ ସଂଗଠନର ପ୍ରତିଷ୍ଠାତା ତଥା ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଏ ପର୍ଯ୍ୟନ୍ତ ଚାଷୀମାନେ ଟୁକନ୍ ପାଇପାରି ନାହାଁନ୍ତି, ଟୁକନ୍ ମିଳିଲେ ସେଥିରେ ଗତ ବର୍ଷ ୪୦ କ୍ୱିଣ୍ଟାଲ ବିକିଲା ବେଳେ ଏ ବର୍ଷ ୧୦ କ୍ୱିଣ୍ଟାଲ ଓ ୨୦ କ୍ୱିଣ୍ଟାଲ ଆସୁଛି, ପ୍ରତିମଣ୍ଡିରେ ଏଫ. ଏ. କିୟ୍ୟୁ ନାମରେ ପ୍ରାୟତଃ ଅତିକମରେ ୩/୫ କେଜି ପର୍ଯ୍ୟନ୍ତ କ୍ୱିଣ୍ଟାଲ ପ୍ରତି କାଟ ନିଆଯାଉଛି, ରାଜ୍ୟ ଯୋଗାଣ ମନ୍ତ୍ରୀ ପୁଣି କହିଛନ୍ତି ଯେ ଚାଷୀଙ୍କ ଠାରୁ ମାତ୍ର ୧୫୦ କ୍ୱିଣ୍ଟାଲ ଧାନ ୩୧୦୦ ଟଙ୍କାରେ କିଣାଯିବ, ବାକି ଧାନକୁ ଚାଷୀ ବାହାର ବଜାରରେ ବିକ୍ରି କରିବ, ଏବେବି ହଜାର ହଜାର କ୍ୱିଣ୍ଟାଲ ଧାନକୁ ଚାଷୀମାନେ ଓଡ଼ିଶାର ଅଧିକାଂଶ ମଣ୍ଡିରେ ରାତିରେ ଜଗି ବସିଛନ୍ତି" ଇତ୍ୟାଦି କେବଳ ସରକାର ଚାଷୀକୁ ହନ୍ତସନ୍ତ କରି ମାରିବା ପାଇଁ ଷଡ଼ଯନ୍ତ୍ର ଆରମ୍ଭ କରିଛନ୍ତି ବୋଲି ଶ୍ରୀ କୁମାର ତାଙ୍କ ବକ୍ତବ୍ୟରେ ଅଭିଯୋଗ କରିଛନ୍ତି। ଠିକ୍ ସେହିପରି ଟାଟା ପାୱାର ସ୍ମାର୍ଟ ମିଟର ଲଗାଇବା ନାମରେ ସାଧାରଣ ଲୋକଙ୍କୁ ଲୁଟ୍ କରୁଛି। ବିଜେପିର ଡବଲ ଇଞ୍ଜିନି ସରକାର ନିର୍ବାଚନରେ ଘୋଷଣା କରିଥିବା ୩୦୦ ୟୁନିଟ୍ ମାଗଣାରେ ଯୋଗାଇ ଦିଆଯାଉ ବୋଲି ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ତାଙ୍କ ବକ୍ତବ୍ୟରେ କହିଥିଲେ। ଏତତ୍ ବ୍ୟତୀତ ଓଡ଼ିଶା ସରକାର ପ୍ରଦୂଷଣ ନାମରେ ସାଧାରଣ ବ୍ୟକ୍ତିଙ୍କଠାରୁ ଆଦାୟ କରୁଥିବା ହଜାର ହଜାର ଜୋରିମାନା ଟଙ୍କା ସରକାର ତତ୍‌କାଳ ବନ୍ଦ କରନ୍ତୁ, ନଚେତ୍ ଓଡ଼ିଶାର ରାଜରାସ୍ତାରେ ମନ୍ତ୍ରୀ ଓ ସଚିବଙ୍କୁ ଚାଲିବାକୁ ଦିଆଯିବନାହିଁ ବୋଲି ନବନିର୍ମାଣ ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ଏମ.ଡ଼ି ମନୱେର ଅଲ୍ଲୀ କହିଛନ୍ତି। କୃଷିମନ୍ତ୍ରୀଙ୍କ ଉପସ୍ଥିତରେ ତାଙ୍କ ଗୁଣ୍ଡା ଓ ପୋଲିସ୍ ଏସପିଙ୍କ ଆକ୍ରମଣ ଦ୍ୱାରା ଗଣତାନ୍ତ୍ରିକ ମୂଲ୍ୟ ନଷ୍ଟ ହୋଇଛି ବୋଲି କୃଷକ ସଂଗଠନର ରାଜ୍ୟ ସହସଂଯୋଜକ ରଶ୍ମିରଂଜନ ସ୍ୱାଇଁ ଅଭିଯୋଗ କରିଥିଲେ। ଉକ୍ତି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କମିଟି ସଦସ୍ୟ ଦେବୀ ପ୍ରସାଦ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଏକତା ପଦଯାତ୍ରା ଅନୁଷ୍ଠିତ

ଖୋର୍ଦ୍ଧା , ୧୮/୧ (ନି.ପ୍ର): ଜିଲ୍ଲା ସ୍ତରୀୟ ବିଶାଳ ଏକତା ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇ ପୌର ପରିଷଦ ଜୟୀ ରାଜଗୁରୁ ଟାଉନ୍ ହଲ୍ ପର୍ଯ୍ୟନ୍ତ ଦେଶପ୍ରେମ ସଙ୍ଗୀତ ବାଦନରେ ପହଞ୍ଚିଥିଲା । ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଓ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡାଙ୍କ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଏହି ଏକତା ପଦଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ସବୁଜ ପତାକା ଦେଖାଇ ପଦ ଯାତ୍ରାର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ୍ ଉନ୍ନୟନ ଅଧିକାରୀ, ଶ୍ରୀମତୀ କ୍ଷୀରାବ୍ଧୀ ତନୟା ସାହୁ, ଡେପୁଟୀ କଲେକ୍ଟର, ଜରୁରୀ, ଶ୍ରୀତପା ମିଶ୍ର, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ,ବି ଜେ ବି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀ ବିଭୁ ପ୍ରସାଦ ସେନାପତି , ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀ, କ୍ରୀଡ଼ା ବିତ, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ପଦଯାତ୍ରା ରେ ଯୋଗଦେଇ ଆନନ୍ଦ ଉଲ୍ଲାସ ସହକାରେ ଜୟୀ ରାଜଗୁରୁ ଟାଉନ୍ ହଲ୍ ଠାରେ ପହଞ୍ଚିଥିଲେ । ଜୟୀ ରାଜଗୁରୁ ଟାଉନ୍ ହଲ୍ ଠାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ବର୍ଷ ଜନ୍ମ ଜୟନ୍ତୀ ପୂର୍ତ୍ତି ଉପଲକ୍ଷେ ଯୁବକ ଯୁବତୀ ମାନଙ୍କୁ ଏକତା ମନ୍ତ୍ରରେ ଅଭି ମନ୍ତ୍ରିତ କରି ସର୍ଦ୍ଦାର ଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେବା ଉପଲକ୍ଷେ ଯୁବ ଉତ୍ସବ ଆୟୋଜିତ କରାଯାଇଥିଲା । ଉକ୍ତ ସମାରୋହକୁ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରି ନିଜ ଅଭିଭାଷଣରେ ସର୍ଦ୍ଧାର ବଲ୍ଲଭ ଭାଇ ପଟେଲ ଜଣେ ମହାନ ରାଷ୍ଟ୍ର ନାୟକ ଥିଲେ, ଭାରତର ବିଖଣ୍ଡିତ ଭୁଖଣ୍ଡକୁ ଏକତ୍ରିତ କରି ଅଖଣ୍ଡ ଭାରତ ନିର୍ମାଣ ରେ ସେ ଯେଉଁ ନିଃସ୍ୱାର୍ଥପର ତ୍ୟାଗ ତାହା ତାଙ୍କୁ ଚୀର ସ୍ମରଣୀୟ କରି ରଖିବ ବୋଲି ପ୍ରକାଶ କରିଥିଲେ । ସମାରୋହ କୁ ସମ୍ବୋଧିତ କରି ଶ୍ରୀ ବେଉରା ନିଜ ଅଭଭାଷଣରେ ଆହୁରି କହିଲେ ସର୍ଦ୍ଧାର ବଲ୍ଲଭ ଭାଇ ପଟେଲ ଶ୍ରୀରାମଚନ୍ଦ୍ର, ସ୍ୱାମୀ ବିବେକାନନ୍ଦ, ରାମକୃଷ୍ଣ ପରମହଂସ ଭଳି ଜଣେ ମହାନ୍ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ଛାତ୍ର ଛାତ୍ରୀ ମାନେ ସର୍ଦ୍ଧାର ପଟେଲ ଙ୍କ ଜୀବନୀ ପଢ଼ି ରାଷ୍ଟ୍ରୀୟ ଏକତା ଅଖଣ୍ଡତା ବଜାୟ ରଖିବା ସହ ନିଜ ମଧ୍ୟରେ ଥିବା ପ୍ରଚଣ୍ଡ ସମ୍ବଳ ଶକ୍ତିକୁ ଜାଗ୍ରତ କରି ଶୃଙ୍ଖଳିତ ଭାବେ ବ୍ୟକ୍ତିତ୍ୱର ବିକାଶ ଘଟାଇ ଜଣେ ଜଣେ ଭାସ୍କୋଡା ଗାମା ଭଳି ବୈଜ୍ଞାନିକ ହେବା ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅନୁଯାୟୀ ରାଷ୍ଟ୍ର, ରାଜ୍ୟ, ଜିଲ୍ଲା, ସମାଜ, ନିଜ ପରିବାର ଓ ନିଜର ଭବିଷ୍ୟତ ଗଠନ କରି ବିଶ୍ୱ ରେ ଏକ ଭାରତ, ଆତ୍ମନିର୍ଭର ଭାରତ ସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣ ର ଭିଜନ କୁ ସାକାର କରିବା କୁ ଆହ୍ୱାନ ଦେଇଥିଲେ । ଜିଲ୍ଲା କ୍ରୀଡା ଅଧିକାରୀ ଗୀତାଞ୍ଜଳି ପଣ୍ଡା ଙ୍କ ପୌରହିତ୍ୟରେ ଅନୁଷ୍ଠିତ ସାଧାରଣ ସଭାରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ମନୋବିଜ୍ଞାନୀ ଶ୍ରୀମତୀ ଶ୍ୱେତା ଅଗ୍ରୱାଲା ଯୋଗଦେଇଥିବା ବେଳେ ଡେପୁଟି କଲେକ୍ଟର, ଜରୁରୀ, ଶ୍ରୀତପା ମିଶ୍ର ଏକତା ପଦଯାତ୍ରା ର ଉଦେଶ୍ୟ ଆଭିମୁଖ୍ୟ ଉତ୍ଥାପନ କରି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ପରେ ଅମ୍ରିତମ ବିଦ୍ୟାଳୟମ୍ ର ବ୍ୟାଣ୍ଡ ବାଜା ପରିବେଷଣ, ଖେଳ ଇଣ୍ଡିଆ, ଡାପଙ୍ଗ, କେନ୍ଦ୍ର ଦ୍ୱାରା ଯୋଗଭ୍ୟାଷ, କରାଟେ ପ୍ରଦର୍ଶନୀ, କ୍ରିଷ୍ଣା ଅଧିକାରୀଙ୍କ ଦ୍ୱାରା ନମଚକ୍ ପ୍ରଦର୍ଶନୀ, ସୁସ୍ମିନ ପାଲଟା ସିଂ ଙ୍କ ଦ୍ୱାରା କାଟା ପ୍ରଦର୍ଶନୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା ଏବଂ ଯୁଡୋ ଖେଳାଳି ରୋହିତ ଦାସଙ୍କ ଦ୍ୱାର ଜୁଡୋ ପ୍ରଦର୍ଶନୀ, ଶ୍ୱେତା ଅଗ୍ରୱାଲାଙ୍କ ଦ୍ୱାରା ଆଇସ୍ ବ୍ରେକିଂ, ରାଜେଶ ସାହୁଙ୍କ ନୃତ୍ୟ ପରିବେଷଣ, ପର୍ବତ ଚଢ଼ାଳି ତାରାକାନ୍ତ ପରିଡ଼ାଙ୍କ ଦ୍ୱାରା ଦଉଡିରେ ପର୍ବତ ଆହୋରଣ ଏବଂ ଅଜୟ ପଣ୍ଡାଙ୍କ ଦ୍ୱାରା ସୁସ୍ଥ ଶରୀର ଗଠନ ପ୍ରଦର୍ଶନୀ ଉଚକୋଟିର ହୋଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନୀୟ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

## ଭଦ୍ରାୟଣୀ-୨୦୨୬ ପାଇଁ ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଷ୍ଟଲ ଉଦ୍‌ଘାଟିତ



ଭଦ୍ରକ, ୧୮/୧ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଭଦ୍ରକର ଅଧକ୍ଷ ( ଭାରାପ୍ରାପ୍ତ) ଶ୍ରୀ ପ୍ରଭାତ କୁମାର ରାଜଗୁରୁ ଭଦ୍ରାୟଣୀ -୨୦୨୬ ଜିଲ୍ଲା ମହୋତ୍ସବ (ଆତ୍ମନିର୍ଭର ସ୍ୱଦେଶୀ ମେଳା, ପଲ୍ଲୀଶ୍ରୀ ମେଳା ଓ ସୁଭଦ୍ରା ଶକ୍ତି ମେଳା) ନେହେରୁ ଷ୍ଟାଡିୟମ, ଭଦ୍ରକ ଠାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଲଗାଯାଇଥିବା ଷ୍ଟଲର ଉଦ୍ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ, ଭଦ୍ରକ ଶ୍ରୀ ପୁଣ୍ୟଶ୍ଳୋକ ରଥ ଏହି ଉଦ୍ଘାଟନ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ଜିଲ୍ଲା ନ୍ୟାୟାଳୟର ସମସ୍ତ ବିଚାରପତି ବୃନ୍ଦ ତଥା ସ୍ଥାୟୀ ଲୋକଅଦାଲତ ( ଜନସେବା ଉପଯୋଗୀ)ଭଦ୍ରକ ଶ୍ରୀ ବିଜୟ କୁମାର ପାତ୍ର ତଥା ସମସ୍ତ କର୍ମଚାରୀ ଗଣ, ତାଲିକା ଭୁକ୍ତ ଓକିଲ ଗଣ, ଏଲ.ଏ.ଡି.ଏସ.ଏସ କର୍ମୀମାନେ ତଥା ପାରା ଲିଗାଲ ସ୍ୱେଚ୍ଛାସେବୀ ଗଣ ଉପସ୍ଥିତ ରହିଥିଲେ। ଆୟୋଜିତ ହୋଇଥିବା ଷ୍ଟଲର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଇନ୍ ଗତ ସେବା ଓ ସହାୟତା ସମ୍ପର୍କରେ ସାଧାରଣ ଲୋକମାନଙ୍କୁ ଜଣାଇବା ଯେପରିକି ସମସ୍ତେ ସମାନ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେବେ ନାହିଁ।

## ନରଣପୁର ଗେନ୍ଦ୍ରାସାହିରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ନୀଳଗିରି , ୧୮/୧ (ନି.ପ୍ର): ଆଜି ନୀଳଗିରି ନିର୍ବାଚନ ମଣ୍ଡଳୀର ନରଣପୁର ପଞ୍ଚାୟତର ଗେଂଦ୍ରାସାହି ଗ୍ରାମରେ ଦୁଇଦିନ ଧରି ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟର ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜସେବୀ ତଥା ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଏବଂ ମୁଖ୍ୟବକ୍ତା ଭାବେ ନୀଳଗିରି ବ୍ଲକ ଚେୟାରମ୍ୟାନ ଶୁଭଲକ୍ଷ୍ମୀ ମାଝୀ ଯୋଗ ଦେଇଥିଲେ। ଅନ୍ୟଅତିଥି ମାନଙ୍କ ମଧ୍ୟରେ ସମାଜସେବୀ ମଦନ ମୋହନ ମାଝୀ, ନାଏବ ସରପଞ୍ଚ ସୁରେନ୍ଦ୍ର ସିଂ,ସଦାଶିବ ମାଝୀ,ଫାତୁରାମ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଚନ୍ଦ୍ରବିନ୍ଦୁ ଦାସ ଖେଳ ଏବଂ ଜୀବନର ସାମଞ୍ଜସ୍ୟକୁ ଉପସ୍ଥାପନ କରିବା ସହିତ ଆୟୋଜକ ବୃନ୍ଦକୁ ଏହି ଭଳି ସୁନ୍ଦର ଖେଳପାଇଁ ପ୍ରଶଂସା କରିଥିଲେ।ଆଜିର ଫାଇନାଲ ମ୍ୟାଚରେ ନୀଳଗିରିର ରିଟନ ସାର୍ଓମାଣ ଟିମ ବାଲିଆପାଳ ଫୁଟବଲ କ୍ଲବକୁ ହରାଇ ଚାମ୍ପିୟନ ହୋଇଥିବା ବେଳେ କ୍ଲବ୍ ତରଫରୁ ଚମ୍ପିୟାନ ଏବଂ ଉପବିଜେତା ଦଳକୁ ପୁରସ୍କୃତ କରାଯାଇଥିଲା।

## ନୀଳଗିରିରେ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ



ନୀଳଗିରି, ୧୮/୧ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଏକଶହ ବର୍ଷ ପୂର୍ତ୍ତି ଅବସରରେ ସମଗ୍ରଦେଶରେ ହିନ୍ଦୁସମାବେଶ ଅନୁଷ୍ଠିତ ହେଉଥିବା ବେଳେ ଅନୁରୂପ ଭାବେ ନୀଳଗିରି କେସିହାଇସ୍କୁଲ ପଡିଆରେ ମଧ ଏକ ବିଶାଳ ହିନ୍ଦୁସମ୍ମିଳନୀ ଓ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି ।ବରିଷ୍ଠ ଆଇନଜୀବୀ ତଥା ହିନ୍ଦୁ ସମାବେଶର ବ୍ୟବସ୍ଥାପକ ପ୍ରମୁଖ କାର୍ତ୍ତିକ ଚନ୍ଦ୍ର ଜେନାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ସକାଳେ ନୀଳଗିରି ଶଙ୍କରାଖୁଣ୍ଟା ପୋଖରୀରୁ ମହିଳାମାନେ ୧୦୮ କଳସରେ ପାଣି ଉତ୍ତୋଳନକରି ସହର ପରିକ୍ରମାପରେ ଯଜ୍ଞସ୍ଥାନ ହାଇସ୍କୁଲ ପଡ଼ିଆରେ ପହଞ୍ଚିଥିଲେ ଓ ନୀଳଗିରି ବ୍ରାହ୍ମଣସମାଜ ପକ୍ଷରୁ ଯଜ୍ଞର ଆୟୋଜନ କରାଯାଇଥିଲା। ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଏନଏସି ଭାରାପ୍ରାପ୍ତ ଅଧକ୍ଷ ମହେନ୍ଦ୍ରନାଥ ବେହେରା, ରବୀନ୍ଦ୍ର ନାୟକ, ସୁରଞ୍ଜନ ମହାପାତ୍ର, ବ୍ରହ୍ମାନନ୍ଦ ଦାସ, ସମାଜସେବୀ ଅଦୈତ୍ୟ ଖୁଣ୍ଟିଆ, ଚନ୍ଦ୍ରଶେଖର ନନ୍ଦ, ସତ୍ୟନାରାୟଣ ମହାପାତ୍ର ,ରାମଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ସମସ୍ତଙ୍କୁ ହିନ୍ଦୁସମାଜର କାର୍ଯ୍ୟ ବାବଦରେ ଅବଗତ କରିଥିଲେ। ସମାଜସେବୀ ମାୟାଧର ମହାନ୍ତି ଅଧକ୍ଷତାରେ ଅନୁଷ୍ଠିତ ଏକ ସଭାରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘରର ବିଭାଗ ପ୍ରମୁଖ ବିଷ୍ଣୁଚରଣ ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରୁଦ୍ରବେଶାନନ୍ଦ ଗିରି, ବିଶ୍ୱହିନ୍ଦୁ ପରିଷଦ ଜିଲ୍ଲା ସମ୍ପାଦକ ରଶ୍ମି ରଞ୍ଜନ ଦାସ, ପ୍ରମୁଖ ଯୋଗଦେଇ ହିନ୍ଦୁ ଜାଗିଲେ ଦେଶଜାଗିବ ବୋଲି କହିବା ସହିତ ହିନ୍ଦୁମାନଙ୍କର ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଶ୍ରୀ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ। ହିନ୍ଦୁସମାଜର ମନୋଜ ବାରିକ, ଉତ୍ତମ କୁମାର ବିଶ୍ୱାଳ,ସରସ୍ୱତୀ ନନ୍ଦ, ସୁକୁମାର ନାୟକ,ସୂର୍ଯ୍ୟ ନାରାୟଣ ଷଡ଼ଙ୍ଗୀ, ବ୍ରହ୍ମାନନ୍ଦ ଦାସ, ମହେଶ୍ୱର ପାତ୍ର, ସୁଧିରଞ୍ଜନ ନାୟକ,ଦେବାଶିଷ ଷଡଙ୍ଗୀ,ଅଶ୍ୱିନ ପାତ୍ର, କରୁଣାକର ସ୍ୱାଇଁ , ବ୍ରହ୍ମାନନ୍ଦ ଦାସ,ଶାନ୍ତିଲତା ମିଶ୍ର, ମନୋରଞ୍ଜନ ବେହେରା, ଅଜିତ ମହାନ୍ତି,ରବୀନ୍ଦ୍ର ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବାଲେଶ୍ୱର ସଦର କଂଗ୍ରେସର ମିଶ୍ରଣ ପର୍ବ: ଅନ୍ୟ ଦଳର ବହୁ ଛାମୁଆ କର୍ମୀ କଂଗ୍ରେସରେ ସାମିଲ




ବାଲେଶ୍ୱର, ୧୮/୧ (ନି.ପ୍ର): ବାଲେଶ୍ୱର ସଦର କଂଗ୍ରେସ ପକ୍ଷରୁ ଏକ ମିଶ୍ରଣ ପର୍ବ ଯୁବ ନେତା ସରୋଜ ଲେଙ୍କା (ପପୁ) ଙ୍କ ନେତୃତ୍ୱରେ ରବିବାର କଂଗ୍ରେସ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ବର୍ଷ ହେବାକୁ ଥିବା ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ର ହାତ ମୁଠାକୁ ଟାଣ କରିବା ଉଦ୍ଦେଶ୍ୟରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିବା ବେଳେ ଏକାଧିକ ପଞ୍ଚାୟତ ରୁ ଶତାଧିକ ଅନ୍ୟ ଦଳର କର୍ମୀ କଂଗ୍ରେସ ରେ ସାମିଲ ହୋଇଛନ୍ତି। ୨୫ ନମ୍ବର ଜୋନ୍ ର ସିନ୍ଧିଆ ଏବଂ ବଇଁଚା ପଞ୍ଚାୟତ ର ୧୦୩ ଜଣ ଯୁବ କର୍ମୀ କଂଗ୍ରେସ ଦଳରେ ଆନୁଷ୍ଠାନିକ ଭାବେ ସାମିଲ ହୋଇଥିଲେ। ବରିଷ୍ଠ କଂଗ୍ରେସ ନେତା ତଥା କାଉନସିଲର ପଦ୍ମଲୋଚନ ଲେଙ୍କା, ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଅନୁପ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଦଳୀୟ ଉତ୍ତରୀୟ ଏବଂ ପୁଷ୍ପ ଗୋଛ ପ୍ରଦାନ କରି ସମସ୍ତଙ୍କୁ କଂଗ୍ରେସ ଦଳରେ ସ୍ୱାଗତ କରିଥିଲେ। ଲୋକସଭା ରେ ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଙ୍କ ଆଦର୍ଶ, ଲୋକାଭିମୁଖୀ କାର୍ଯ୍ୟ ଏବଂ ଭାରତ ଯୋଡ଼ କାର୍ଯ୍ୟକ୍ରମ ରେ ଲୋକଙ୍କୁ ଯୋଡ଼ିବା ଆଦି କାର୍ଯ୍ୟକ୍ରମ ରୁ ଅନୁପ୍ରାଣିତ ହୋଇ ଶତାଧିକ ବିଜେଡି ଓ ବିଜେପି କର୍ମୀ କଂଗ୍ରେସ ରେ ସାମିଲ ହୋଇଛନ୍ତି। ଯୁବ ମାନସର ପ୍ରତୀକ ତଥା ସଦର ନିର୍ବାଚନ ମଣ୍ଡଳୀ ର କଂଗ୍ରେସ ନେତା ସରୋଜ ଲେଙ୍କା (ପପୁ) ଙ୍କ ନେତୃତ୍ୱ କୁ ସ୍ୱୀକାର କରି ସମସ୍ତେ କଂଗ୍ରେସର ସଦସ୍ୟତା ଗ୍ରହଣ କରିଥିଲେ। ବାଲେଶ୍ୱର ସଦର କଂଗ୍ରେସ ପକ୍ଷରୁ ଲଗାତାର ମିଶ୍ରଣ ପର୍ବ ଅନ୍ୟ ରାଜନୈତିକ ଦଳର ନେତା ମାନଙ୍କ ଅକଲ ଗୁଡୁମ କରିଥିବା ଚର୍ଚ୍ଚା ଜୋର ଧରିଛି। ଶ୍ରୀକାନ୍ତ ବୁଗୁଡାଇ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଧର ମହାନ୍ତି ଅତିଥି ପରିଚୟ ଏବଂ ଅନନ୍ତ ମହାପାତ୍ର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂସ୍କୃତିକ ଯୁବ ମୋହତ୍ସବ ଇଉଫରୀୟା ପାଇଁ ଚୂଡାନ୍ତ ପ୍ରସ୍ତୁତି ବୈଠକ

ବାରିପଦା , ୧୮/୧ (ନି.ପ୍ର): ରାଜ୍ୟ ସ୍ତରୀୟ ଇଣ୍ଟର କଲେଜ ସଂସ୍କୃତିକ ଯୁବ ମୋହତ୍ସବ ଇଉଫରୀୟା - ୨୦୨୬ ଆୟୋଜନ ପାଇଁ ଚୂଡାନ୍ତ ପ୍ରସ୍ତୁତି ବୈଠକ ସଭାପତି ତାପସ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ଚଳିତ ଜାନୁୟାରୀ ମାସ ୨୮ ରୁ ୩୧ତାରିଖ ପର୍ଯ୍ୟନ୍ତ ଚାରିଦିନ ଧରି ବାରିପଦାର ସହିତ ସ୍ମୃତି ଭବନ ଠାରେ ଏହି ଯୁବ ମୋହତ୍ସବ ଅନୁଷ୍ଠିତ ହେବାକୁ ଥିବା ବେଳେ, ରାଜ୍ୟ ତମାମ ବହୁ କଲେଜ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଅଂଶଗ୍ରହଣ କରିବା ପାଇଁ ସହମତି ପ୍ରଦାନ କରିଛନ୍ତି। ବିଭିନ୍ନ ପର୍ଯ୍ୟାୟରେ ୨୬ ଗୋଟି ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ପ୍ରତିବର୍ଷ ଭଳି ଶେଷ ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ସହିତ ଓଡ଼ିଆ ଚଳଚିତ୍ର ଜଗତର ପ୍ରଛଦପଟ ଗାୟିକା ସୋହିନି ମିଶ୍ର, ଓଲିଉଡ଼ ଚକଲେଟ ହିରୋ ସ୍ୱରାଜ ବାରିକ, ଇଣ୍ଟରର୍ନେସନାଲ ୟୁଟୁବର ଲବ ହାଁସଦା ପ୍ରମୁଖ ଯୋଗଦେଇ ରଙ୍ଗରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି ସାଂସ୍କୃତିକ ସମ୍ପାଦକ ରାକେଶ ବେହେରା ଜଣାଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ କଳିଙ୍ଗ କେଶରୀ ଜେନା, ଅସିତ ଗିରି, ପଙ୍କଜ ସାହୁ, ସ୍ନିଗ୍ଧ ଚନ୍ଦନ, ସତ୍ୟସ୍ୱରୂପ ଦାସ, ଅଙ୍କୁର ଖୁରାନା, ସିଦ୍ଧାର୍ଥ ପଟ୍ଟନାୟକ, ପୁରୁଷତ୍ତମ ଅଗ୍ରୱାଲ, ପିଣ୍ଟୁ ମାଇତି, ରାକେଶ ମହାନ୍ତି, ଜିତ ପଟନାୟକ, ଜୟଶ ପାତ୍ର, ମହେଶ ସାହୁ, ଆଭାସ ଦେ, ରାଜ ଗୁପ୍ତା, ଧନଞ୍ଜୟ ସାହୁ, ଚନ୍ଦନ ପାଣି, ସିଦ୍ଧାର୍ଥ ଟୁବିଡ, ବିଶ୍ୱାସ ମହାନ୍ତି, ଦେବବ୍ରତ ଦେ, ଆୟୁଷ ପ୍ରିୟଦର୍ଶୀ, ମୁକ୍ତି ପରିଡା ପ୍ରମୁଖ ପ୍ରସ୍ତୁତି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବାଲି, ଖଣି ଓ ଗୋମାଫିଆଙ୍କୁ ...

ସେହିପରି ଗୋ ତସ୍କରଙ୍କ ଠିକଣାରେ ଚଢ଼ାଉ ବେଳେ ଜଣାପଡିଛି କେନ୍ଦୁଝରରୁ ଭୁବନେଶ୍ୱର ଭାୟା ପଶ୍ଚିମବଙ୍ଗ ଦେଇ ବାଂଲାଦେଶକୁ ଲମ୍ବିଛି ଚେର। ଗୋ-ମାଫିଆଙ୍କ ପଛରେ ବହୁ ପୁଲିସ୍ ଅଧିକାରୀ ଓ ପ୍ରଭାବଶାଳୀ ନେତା ଥିଲେ । ମାସିକିଆ ଚାନ୍ଦା ନେଇ ଗୋମାଫିଆଙ୍କୁ ପଛରୁ ସୁରକ୍ଷା ଦେଉଥିଲେ। କିନ୍ତୁ ସେମାନଙ୍କ ପାଖରେ ପହଁଚିପାରିନି ତଦନ୍ତକାରୀ ଟିମ୍ । ଯାହାକୁ ନେଇ ଆରମ୍ଭ ହୋଇଛି ରାଜନୈତିକ ବୟାନବାଜି ।ଏବେ ପ୍ରଶ୍ନ ଉଠୁଛି, ମାଫିଆଙ୍କ ପଛରେ ଥିବା ବାହୁବଳୀଙ୍କ ଠିକଣାରେ ଚଢ଼ାଉ ହେବ ତ ? ମାଫିଆଙ୍କୁ ସୁରକ୍ଷା ଦେଉଥିବା ରାଜନେତା ଓ ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ ତ ? ରାଜ୍ୟର ଅନ୍ୟ ଜିଲ୍ଲାରେ କେବେ ଚଢ଼ାଉ ହେବ ?

### କୁହୁଡି ସାଜୁଛି କାଳ...

ଉତ୍ତର ଭାରତରେ ପ୍ରବଳ ଥଣ୍ଡା ଓ କୁହୁଡ଼ି ଯୋଗୁ ସ୍ଥିତି ସଙ୍କଟ ଜନକ ହେବାରେ ଲାଗିଛି। ପାଣିପାଗ ବିଭାଗ ଅନୁଯାୟୀ, ଆଗାମୀ ସପ୍ତାହ ପାଇଁ ଉତ୍ତର-ପଶ୍ଚିମ ଭାରତରେ ଥଣ୍ଡା ଲହରୀ ସମ୍ଭାବନା ନାହିଁ, କିନ୍ତୁ ଘନ କୁହୁଡ଼ି ଏବଂ ଥଣ୍ଡା ଜାରି ରହିବ। କିଛି ଅଞ୍ଚଳରେ ହାଲୁକା ବର୍ଷା ଓ ତୁଷାରପାତ ମଧ ହୋଇପାରେ। ଶନିବାର ଉତ୍ତର ପ୍ରଦେଶରେ ଋତୁର ସବୁଠାରୁ ଘନ କୁହୁଡ଼ି ଅନୁଭୂତ ହୋଇଛି। ଯାହା ଫଳରେ ଅନେକ ଜିଲ୍ଲାରେ ସଡ଼କ ଦୁର୍ଘଟଣା ଘଟିଛି। ବିଭିନ୍ନ ସ୍ଥାନରେ ୪୦ ରୁ ଅଧିକ ଯାନବାହନ ଧକ୍କା ହୋଇଥିବାବେଳେ ସାତ ଜଣଙ୍କର ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ ଦେଢ଼ ବର୍ଷର ଶିଶୁକନ୍ୟା ମଧ ଅଛନ୍ତି। ଦୁର୍ଘଟଣାରେ ୫୦ ରୁ ଅଧିକ ଲୋକ ଆହତ ହୋଇଥିବା ରିପୋର୍ଟ ହୋଇଛି।

### ଆସନ୍ତା ୨୨ରେ...

ବଡ଼କଥା ହେଲା ଯେଉଁମାନେ ପୂର୍ବରୁ ଆବେଦନ କରିପାରିନଥିଲେ କିମ୍ବା କୌଣସି କାରଣରୁ ବାଦ୍ ପଡ଼ିଥିଲେ ସେମାନେ ଏଥର ଆବେଦନ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ । ଏପଟେ ପୂର୍ବରୁ ୧୮ ହଜାର ଟଙ୍କା ବୃତ୍ତି ପାଉଥିଲେ 'ସୁଭଦ୍ରା' ପାଇଁ ଅଯୋଗ୍ୟ ହେବେ ବୋଲି ଘୋଷଣା କରିଥିଲେ ସରକାର । କୌଣସି ଛାତ୍ରୀଙ୍କୁ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କଠାରୁ ୧୮ ହଜାର କିମ୍ବା ଏହାଠାରୁ ଅଧିକ ଟଙ୍କାର ଆର୍ଥିକ ସହାୟତା ମିଳୁଥିଲେ ବା ଏପରି ସରକାରୀ ସହାୟତା ପାଉଥିବେ ତେବେ ସୁଭଦ୍ରା ଯୋଜନାରୁ ବାଦ ପଡ଼ିବେ ।

### ଲାଲୁଙ୍କ ପରେ ତେଜସ୍ୱୀଙ୍କ...

ମିଳିବା ପରେ ତାଙ୍କ ପ୍ରଭାବ ଅଧିକ ବଢ଼ିଯିବ। ଆସନ୍ତା ୨୫ ତାରିଖରେ ଦଳର କାର୍ଯ୍ୟସମିତି ବୈଠକରେ ପାଟନାରେ ଡକାଯାଇଛି। ଏହି ବୈଠକରେ ତେଜସ୍ୱୀଙ୍କୁ ବଡ଼ ପଦବି ମିଳିପାରେ ବୋଲି ଗଣମାଧ୍ୟମରେ ଚର୍ଚ୍ଚା ହୋଉଥିବାବେଳେ ବୈଠକ ଉପରେ ସମସ୍ତଙ୍କ ନଜର ରହିଛି। ଲାଲୁଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହୁନାହିଁ। ସେ ଅଧିକାଂଶ ସମୟ ଅସୁସ୍ଥ ରହୁଛନ୍ତି। ଏହାକୁ ଦେଖି ତେଜସ୍ୱୀଙ୍କ ପଦୋନ୍ନତି ନେଇ ଚର୍ଚ୍ଚା ହେଉଛି। ବିଜେପି ଏହାକୁ ବଂଶବାଦୀ ପରମ୍ପରା କହି ତୀବ୍ର ସମାଲୋଚନା କରିଛି।

### କଂଗ୍ରେସ ଉପରେ...

ଉତ୍ସବ ପାଳନ କରାଯାଉଛି। ଆସାମର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ। ଏହି ସମୟରେ ଆୟୋଜିତ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ କଂଗ୍ରେସ ଉପରେ ପ୍ରବଳ ବର୍ଷିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ମୁମ୍ବାଇ ଏବଂ ଥିରୁଭାନନ୍ତପୁରମର ବିଜୟ ବି ଲୋକ ଦେଖିଛନ୍ତି। ଭାଜପାର ଲୋକପ୍ରିୟତା ବଢୁଛି। ମହାରାଷ୍ଟ୍ରର ଅଧିକାଂଶ ସହରର ଲୋକମାନେ ଭାଜପାକୁ ସେବା କରିବାର ସୁଯୋଗ ଦେଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ଉଦ୍‌ବୋଧନରେ କହିଛନ୍ତି।

## ଦୁର୍ଘଟଣାରେ ଦୁଇ ସାଙ୍ଗ ମୃତ

ଜଳେଶ୍ୱର, ୧୯/୧ (ନି.ପ୍ର): ସଡକ ଦୁର୍ଘଟଣାରେ ଦୁଇ ସାଙ୍ଗ ମୃତ ।ଜଳେଶ୍ୱର ଥାନା ୫୭ ରାଜ୍ୟ ରାଜପଥ ଜଳେଶ୍ୱର ଥାନା ନାମ୍ପ ଫାଣ୍ଡି ଅନ୍ତର୍ଗତ ଆମ୍ବପୁଞ୍ଜା ନିକଟରେ ଘଟିଛି ଦୁର୍ଘଟଣା । ଦୁର୍ଘଟଣାରେ ଦୁଇ ବାଇକ ଆରୋହୀ ମୃତ ।ଉଭୟ ହେଲେ ଗୌତମ ସାହୁ ଓ ଚନ୍ଦ୍ରଶେଖର ମହାପାତ୍ର। ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ୫୭ନଂ ଜାତୀୟ ରାଜପଥ ଆମ୍ବପୁଞ୍ଜା ଠାରେ ଘଟିଛି ଦୁର୍ଘଟଣା ।ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା କମର୍ଦା ଥାନା ନାଛିନ୍ଦା ପଞ୍ଚାୟତ ଜଳଧାବାଗ ଗ୍ରାମର ଦୁଇ ସାଙ୍ଗ ଗୌତମ ସାହୁ ଓ ଚନ୍ଦ୍ର ଶେଖର ମହାପାତ୍ର ଉଭୟେ ଶନିବାର ବିଳମ୍ବିତ ରାତିରେ ଉଭୟେ ଓଡି-୦୧-ଏଏକ୍ସ-୨୩୨୮ ନମ୍ବର ବିଶିଷ୍ଟ ଏକ ବାଇକ ଯୋଗେ କମର୍ଦା ଆଡୁ ୫୭ ନମ୍ବର ରାଜ୍ୟ ରାଜପଥରେ ଯାଉଥିବା ସମୟ ରେ ତାଙ୍କୁ ଜଳେଶ୍ୱର ଥାନା ନାମ୍ପୋ ଅମ୍ବପୁଞ୍ଜା ଠାରେ ଅଜଣା ଗାଡି ଧକ୍କା ଦେଇ ଚମ୍ପଟ ମାରିଥିଲା ।ଧକ୍କା ଦେବା ଫଳରେ ଉଭୟେ ରାସ୍ତା ଉପରେ ଛିଟିକି ପଡିଥିଲେ ।ନାମ୍ପ ଫାଣ୍ଡି ପୋଲିସ ଖବର ପାଇ ଉଭୟଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲକୁ ଆଣିଥିଲା ବେଳେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଜଳେଶ୍ୱର ପୋଲିସ ଉଭୟ ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଅଧିକ ତଦନ୍ତ ଜାରୀ ରଖିଛି।

## ଷଷ୍ଠ ହଂସଧ୍ୱନି ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ



ବାସୁଦେବପୁର, ୧୯/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଗୁଆ ଗଡିଆ ପଞ୍ଚାୟତର ମିର୍ଜାପୁର ଠାରେ ସରସ୍ୱତୀ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ଷଷ୍ଠ ହଂସ ଧ୍ୱନି ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏହି ପ୍ରସ୍ତୁତି ବୈଠକରେ ଅନୁଷ୍ଠାନର ସଭାପତି ମନ୍ମଥ କୁମାର ଅଗସ୍ତି ସଭାପତିତ୍ୱ କରିଥିଲେ। ହଂସ ଧ୍ୱନି ଅନୁଷ୍ଠାନର ସମ୍ପାଦକ ସମୀର କୁମାର ପାଣିଗ୍ରାହୀ, ଉପଦେଷ୍ଟା ତଥା ପୃଷ୍ଠ ପୋଷକ ସଞ୍ଜୟ କୁମାର ପାଣିଗ୍ରାହୀ, ସଦସ୍ୟ ଜ୍ଞାନ ରଞ୍ଜନ ସାହୁ, କୋଷାଧକ୍ଷା ମାନସୀ ପାଣିଗ୍ରାହୀ, ସହ ସମ୍ପାଦକ ମନିଷ ଅଗସ୍ତି ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ ଏବଂ ଷଷ୍ଠ ବାର୍ଷିକ ଉତ୍ସବର କାର୍ଯ୍ୟକ୍ରମ ଖସଡ଼ା ପ୍ରସ୍ତୁତ କରିଥିଲେ। ଆସନ୍ତା ୨୦୨୬ ମସିହା ଫେବୃଆରୀ ୧୨ ତାରିଖ ଓ ୧୩ ତାରିଖ ଏହି ଦୁଇ ଦିନ ଧରି ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଏହି ଉତ୍ସବରେ ବିଶିଷ୍ଟ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ଓଡ଼ିଶୀ ନୃତ୍ୟ ଓ ବିଭିନ୍ନ ନୃତ୍ୟ ପରିବେଷଣ କରାଯିବ। ଏହି ଉତ୍ସବରେ ବହୁ କବି ସାହିତ୍ୟିକ, ନୃତ୍ୟ ଶିଳ୍ପୀ,କଣ୍ଠଶିଳ୍ପୀ, କଳାକାର, ରାଜନେତା ପ୍ରମୁଖ ଯୋଗ ଦେବେ ବୋଲି ଅନୁଷ୍ଠାନର ସ୍ୱତନ୍ତ୍ର ବୈଠକରେ ସ୍ଥିର ହୋଇଛି।

## ବାରାପୁର ମକର ମହୋତ୍ସବ ମହା ସମାରୋହରେ ଉଦ୍‌ଯାପିତ




ବାସୁଦେବପୁର, ୧୯/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ମହାବୀର କ୍ଲବ ପକ୍ଷରୁ ବାରାପୁର ଷ୍ଟାଡିୟମରେ ବାରାପୁର ମହୋତ୍ସବ ମହା ସମାରୋହରେ ଉଦଯାପିତ ହୋଇ ଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବକ୍ତବ୍ୟ ପ୍ରଦାନ କରିଥିଲେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ। ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ସୋର ମହୋତ୍ସବର ମୁଖ୍ୟ ବିନ୍ଧାଣୀ ବିଶିଷ୍ଟ ସମାଜ ସେବୀ ଶଶି କୁମାର ସାହୁ । ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବିଜୁ ଜନତା ଦଳର ବରିଷ୍ଠ ନେତା ଯଦୁନାଥ ନାୟକ, ଗୌତମ ସେଠୀ,ବାସୁଦେବପୁର ବ୍ଲକ୍ ବିଜେଡି ସଭାପତି ଦୀନବନ୍ଧୁ ଦାସ , ଅଜିତ ଭାଇ,ପୂର୍ବତନ ବ୍ୟାଙ୍କ ମ୍ୟାନେଜର ମନ୍ମଥ ସାହୁ। ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ଅନୁଷ୍ଠାନର ସଭାପତି ବିଧୁ ଭୂଷଣ କର। ସମସ୍ତ ଅତିଥି ଶିକ୍ଷା,କଳା,ସାହିତ୍ୟ ସଂସ୍କୃତି, ଐତିହ୍ୟ, ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଉତ୍ସବରେ ନୃତ୍ୟ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଯୁବ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡିଆ ଚଳଚ୍ଚିତ୍ର ଜଗତର ହାସ୍ୟ ଅଭିନେତା ହରିହର ମହାପାତ୍ର ଓ ସାଥୀ ଏଥିରେ ଯୋଗ ଦେଇଥିଲେ।ଏହି ଉତ୍ସବରେ ବରିଷ୍ଠ ଶିକ୍ଷକ ଅମୀୟ ପାଣିଗ୍ରାହୀ ମଞ୍ଚ ସଂଯୋଜନା, ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବାରାପୁର ମହୋତ୍ସବ ଓଡ଼ିଶାର ପ୍ରତ୍ୟେକ ସ୍ଥାନରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହି ଉତ୍ସବରେ ହଜାର ହଜାର ଦର୍ଶକ ମନ୍ତ୍ର ମୁଗ୍ଧ ହୋଇ ଥିଲେ। ମହାବୀର କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

ଧ୍ୱନି ପ୍ରତିଧ୍ୱନି



# ଶ୍ରୀଶ୍ରୀ ବାବା ଆଖଣ୍ଡଳମଣିଙ୍କ ୫୪ ତମ ବାର୍ଷିକ ଉତ୍ସବ ପାଳିତ



ବସ୍ତା ୧୮/୧(ନିପ୍ର):ବସ୍ତା ବ୍ଲକ ଅନ୍ତର୍ଗତ ନଟାକଟା ପଞ୍ଚାୟତ ସ୍ଥିତ ଅମର୍ଦାରୋଡ ପଡ଼ିଆ ସ୍ଥିତ ଶ୍ରୀ ଶ୍ରୀ ବାବା ଆଖଣ୍ଡଳମଣିଙ୍କ ୫୪ ତମ ବାର୍ଷିକ ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଅମର୍ଦାରୋଡ ସମେତ ବିଭିନ୍ନ ଅଞ୍ଚଳର ହଜାର ହଜାର ଭକ୍ତଙ୍କ ଗହଣରେ ରବିବାର ଏକ ଭକ୍ତିମୟ ପରିବେଶରେ ଏହି ଉତ୍ସବ ପାଳିତ ହୋଇଯାଇଛି।ଉତ୍ସବ ସମାଗମ ନିମନ୍ତେ ବାବା ଆଖଣ୍ଡଳମଣି ଭଜନ ମଣ୍ଡଳ ସଂକ୍ରିତନ ମଣ୍ଡଳୀ,ବଜାର କମିଟି ଓ ଆଞ୍ଚଳିକ ଭକ୍ତ ବୃନ୍ଦ ସହଯୋଗ ରେ ଏହି ଉତ୍ସବ ପାଳିତ ହୋଇଥିବା ବେଳେ ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଅଷ୍ଟପ୍ରହରି ଏବଂ ଭଜନ କୀର୍ତ୍ତନ ନିମନ୍ତେ ବହୁ ଶ୍ରଦ୍ଧାଳୁ,ବୁଦ୍ଧିଜୀବି, ଭକ୍ତ ପ୍ରମୁଖ ଯୋଗଦେଇ ପୂଜାଅର୍ଚ୍ଚନା କରିଥିଲେ।ମୁଖ୍ୟ ପୂଜକ ପ୍ରସନ୍ନ କୁମାର ମିଶ୍ର,ସୁରେଶ କୁମାର ମିଶ୍ର,ତପନ କୁମାର ମିଶ୍ର,ଗୋଲକ ବିହାରି ମିଶ୍ର ଓ ନିଳାଦ୍ରି ମିଶ୍ରଙ୍କ ଦ୍ୱାରା ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲ।ପୁଜାମଣ୍ଡପକୁ ଭକ୍ତଙ୍କୁ ଆକର୍ଷିତ କରିବା ପାଇଁ ଆୟୋଜକଙ୍କ ପକ୍ଷରୁ ରଙ୍ଗୀନ ଆଲୋକମାଳା,ସୁସଜ୍ଜିତ ତୋରଣ ସାଙ୍ଗକୁ ସନ୍ଧ୍ୟାରେ ସନ୍ଧ୍ୟା ଆରତୀ ସାଙ୍ଗକୁ ଭଜନ ସନ୍ଧ୍ୟା ଦେଖିବା ପାଇଁ ପ୍ରବଳ ଭିଡ଼ ହେଉଥିବା ପରିଲକ୍ଷିତ ହୋଇଥିଲା।

# ଶାଳଗାଁରେ ମକର ପର୍ବ ପାଳନ



ବଡ଼ସାହି , ୧୮/୧ (ନି.ପ୍ର): ବଡ଼ସାହି ବ୍ଲକ ଅନ୍ତର୍ଗତ ଶାଳଗାଁ ଗ୍ରାମର ଆଦିବାସୀ ସାହିର ମା ବଡାମ ଠାକୁରାଣୀଙ୍କ ଜାହିର। ପୀଠରେ ମକର ପର୍ବ ମହସମରୋହରେ ତଥା ଧୁମ୍ ଧାମ ରେ ପାଳିତ ହୋଇଯାଇଅଛି। ଏହି ଅବସର ରେ ଶାଳଗାଁ ର ପୂର୍ବତନ ସରପଞ୍ଚ ଶ୍ରୀ କାଳୀଚରଣ ସିଂ ଙ୍କ ପୌରହିତ ରେ ମା ବଡାମ୍ ଠାକୁରାଣୀ ଙ୍କ ଜାହିର। ପୀଠ ରେ ଏକ ସଭା କାର୍ଯ ଅନୁଷ୍ଠିତ ହୋଇଥିଲା ଏବଂ ଏଥି ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ପରିବେଷିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲା କଳାକାର ସଂଘ ର ସଂଯୋଜକ ତଥା ବିଶିଷ୍ଟ ପାଲା ଗାୟକ ଶ୍ରୀ ନରେନ୍ଦ୍ର ମହାକୁଡ, କପ୍ତିପଦା ବ୍ଲକ ସଂଯୋଜକ ଶ୍ରୀ ନିତ୍ୟାନନ୍ଦ ବାରିକ, ବଡ଼ସାହି ବ୍ଲକ ସଂଯୋଜକ ମାର୍କଣ୍ଡ ବେହେରା, ଶାଳଗାଁ ପଞ୍ଚାୟତ ସମିତି ସଭ୍ୟ ଶ୍ରୀ ବିଶ୍ୱମ୍ଭର ବେହେରା ଏବଂ ଯୁବ ସମାଜ ସେବୀ ବିଜୟ ଭାସ୍କର ମହାଲିକ ପ୍ରମୁଖ ଯୋଗଦାନ କରି ଆଦିବାସୀ କଳା,ସଂସ୍କୃତି ଓ ପର୍ବ ପର୍ବାଣୀ ର ସ୍ୱତନ୍ତତା ଓ ମହାନତା ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶା ସରକାରୀ ପ୍ରେସ ର ଅବସରପ୍ରାପ୍ତ କର୍ମଚାରୀ ଶ୍ରୀ ବାଙ୍କନିଧି ସିଂ ଙ୍କ ପ୍ରଶିକ୍ଷଣ ରେ ଶାଳଗାଁ ଆଖଡ଼ା ଦଳ ର ବାଡି ଖେଳ,ଆଦିବାସୀ ଯୁଦ୍ଧ କୌଶଳ ଏବଂ ମହିଳା ଓ ଝିଅ ମାନଙ୍କର ଚିତ୍ତାକର୍ଷକ କାଠି ନାଚ ଦର୍ଶକ ମାନଙ୍କୁ ମନ୍ତ୍ର ମୁଗ୍ଧ କରିଥିଲା। ଉକ୍ତ କାର୍ଯକ୍ରମ କୁ ଏକାଦଶୀ ସିଂ,ରଞ୍ଜନ ସିଂ ସହଯୋଗ କରିଥିଲେ। ସର୍ବ ଶେଷରେ ସୁଶିଲ ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବାଘାଯତୀନ ବିକାଶ ପରିଷଦର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ




ବାଲେଶ୍ୱର, ୧୮/୧ (ନି.ପ୍ର): ବାଘାଯତୀନ୍ ବିକାଶ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସହୀଦ ପୀଠ ସଭାକକ୍ଷରେ କାର୍ଯ୍ୟକାରୀ ସଭାପତି ଗୋପୀନାଥ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସହୀଦ ପୀଠର ସମସ୍ୟା ସ୍ଥାୟୀ ପକ୍କା ପାଚେରୀ ନିର୍ମାଣ, ସବୁଦିନିଆ ପକ୍କା ରାସ୍ତା ପର୍ଯ୍ୟଟକ ନିବାସ ତଥା ସୁରକ୍ଷା ରକ୍ଷଣାବେକ୍ଷଣ ପାଇଁ କର୍ମଚାରୀ ନିଯୁକ୍ତି ଗାଡ଼ି, ଯାନବାହାନ ରଖିବା ନିମନ୍ତେ ଷ୍ଟାଣ୍ଡ୍ ଏବଂ ସହୀଦ ପୀଠର ସାମଗ୍ରୀକ ବିକାଶ ନିମନ୍ତେ ବିସ୍ତୃତ ଆଲୋଚନା କରାଯାଇଅଛି। ସଭା ଆରମ୍ଭରେ ସଂପାଦକ ସର୍ବେଶ୍ୱର ମହାନ୍ତି ପରିଷଦର ବାର୍ଷିକ ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ ଓ ଏହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଅଛି। ନୀଳଗିରି ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ବରିଷ୍ଠ ସାମ୍ବାଦିକ ରଞ୍ଜନ ବାଗ, ବରିଷ୍ଠ ଆଇନଜୀବୀ ମନୋଜ ନାୟକ, ଚଷାଖଣ୍ଡ ସରପଞ୍ଚ କେଦାର ସାହୁ, ନଗ୍ରମ ସରପଞ୍ଚ ବନୀତା ଭୂୟାଁ ପ୍ରମୁଖ ସ୍ମୃତି ପୀଠକୁ ଆସୁଥିବା ପର୍ଯ୍ୟଟକମାନଙ୍କର ରହଣି ନିମନ୍ତେ ସ୍ଥାୟୀ ଆବଶ୍ୟକୀୟ ଗୃହ, ସ୍ମୃତିପୀଠର ରକ୍ଷଣାବେକ୍ଷଣ ପାଇଁ କର୍ମଚାରୀ ଓ ଜଗୁଆଳ ନିଯୁକ୍ତି ସମ୍ପର୍କରେ ବିଶଦ ଆଲୋଚନା କରାଯାଇଥିଲା। ଆଲୋଚନାରେ ଖୁବ୍‌ଶୀଘ୍ର ପରିଷଦର ଏକ ପ୍ରତିନିଧି ମଣ୍ଡଳୀ ପର୍ଯ୍ୟଟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ବାଲେଶ୍ୱର ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିବା ସହ ପରିଷଦରେ ଏକ ପୋଲିସ୍ ବିଟ୍ ହାଉସ୍ ପ୍ରତିଷ୍ଠା ନିମନ୍ତେ ବାଲେଶ୍ୱର ଏସ୍.ପି. ଓ ଆଇ.ଜି.ଙ୍କୁ ସାକ୍ଷାତ କରି ସ୍ମାରକପତ୍ର ଦେବାର ସ୍ଥିରୀକୃତ ହୋଇଅଛି। ବିଧାୟକ ଓ ସାଂସଦ ଦେଇଥିବା ଅନୁଦାନ ଟଙ୍କାକୁ ଓ ପର୍ଯ୍ୟଟନ ବିଭାଗ ପ୍ରଦତ୍ତ ଟଙ୍କାର ସଠିକ୍ ବିନିଯୋଗ ସକାଶେ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବା ପାଇଁ କମିଟି ଚୂଡ଼ାନ୍ତ ନିଷ୍ପତ୍ତି ନେଇଅଛି। ସହୀଦ ପୀଠର ଶୋଭାବର୍ଦ୍ଧନ ନିମନ୍ତେ ଏବଂ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ତଥା ଦେଶପ୍ରେମରେ ଉଦ୍‌ବୁଦ୍ଧ ହେବାପାଇଁ ସମସ୍ତ ପ୍ରୟାସ କରାଯିବ ବୋଲି କମିଟି ସିଦ୍ଧାନ୍ତ ଗ୍ରହଣ କରିଅଛି। ଏହି ଆଲୋଚନାରେ ଶରତ ଚନ୍ଦ୍ର ରାଉତ, ଦେବେନ୍ଦ୍ର ନାୟକ, ପ୍ରଫୁଲ୍ଲ ବେହେରା, ଶ୍ରୀକାନ୍ତ ବୁଟୁଡ୍ରାଇ, ଅଜିତ ବରାଳ, ଶ୍ରୀକାନ୍ତ ବାଗ୍, ସୁଦର୍ଶନ ଭୂୟାଁ, ଜୟନ୍ତୀ ପଣ୍ଡା, ସୁଦର୍ଶନ ବେହେରା, ଉପେନ୍ଦ୍ର ପାଣିଗ୍ରାହୀ, ଶଶିକାନ୍ତ ଜେନା, ଶଙ୍କର କୁମାର ବାରିକ, କ୍ଷିତିଶ କୁମାର ବାରିକ, ଶ୍ରୀତି ଚନ୍ଦନ ପଣ୍ଡା, ମେଘରାୟ ହାଁସଦା, ସିନିଙ୍ଗ ସୋରେନ୍, ସୁଂରାଇ ସୋରୋଇ, ସୋରଜ ଗୋଚ୍ଛାୟତ ପ୍ରମୁଖ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶେଷରେ ସଭାପତିଙ୍କୁ ଧନ୍ୟବାଦ ଅର୍ପଣ ପୂର୍ବକ ସଭାସାଙ୍ଗ କରାଯାଇଥିଲା।

# ଟାଙ୍ଗରାଶୁଣୀ ମହୋତ୍ସବ- ୨୦୨୬

## ସାରସ୍ୱତ ମଂଚର ଆସର ରଙ୍ଗାୟିତ କରିଛି ଗଣପର୍ବର ମାହୋଲକୁ : ପ୍ରମିଳା ପଣ୍ଡା




ଉଦଳା , ୧୮/୧ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ସାନଖଲାଡ଼ି ଗ୍ରାମସ୍ଥିତ ମା' ଟାଙ୍ଗରାଶୁଣୀ ପୀଠ ଠାରେ ପ୍ରତିବର୍ଷ ପରି ଚଳିତ ଜାନୁଆରି ୧୮ ତାରିଖ ରବିବାର ଦିନ ପ୍ରଶାନ୍ତ ସ୍ମୃତି ପରିଷଦ, ଉତରା ପ୍ରକାଶନି, ଭାସ୍କର ଏଂଟରଟେନମେଂଟ ଓ ମକରମିଳନ ପାଳନ କମିଟିର ମିଳିତ ଆୟୋଜନରେ 'ଟାଙ୍ଗରାଶୁଣୀ ମହୋତ୍ସବ-୨୦୨୬' ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ରାଜ୍ୟସ୍ତରୀୟ ମକର ମିଳନ ଏବଂ ସାରସ୍ୱତ ସମାରୋହର ପର୍ବ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଓ ପରିବେଶବିତ ରମାକାନ୍ତ ମହାନ୍ତ ଯଥାକ୍ରମେ ମୁଖ୍ୟ ଅତିଥି ଓ ଉଦଘାଟକ ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ମୟୂରଭଂଜର ଗଣପର୍ବ ଭାବରେ ପରିଚୟ ସୃଷ୍ଟି କରିଥିବା ମକରକୁ ସାରସ୍ୱତ ମଂଚର ଆସର କିପରି ରଙ୍ଗାୟିତ କରିଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ କାର୍ଯ୍ୟକ୍ରମର ସଂଯୋଜକ ଇଂ. ସୁଶାନ୍ତ କୁମାର ବେହେରା ଦିବସ ବ୍ୟାପି ହେବାକୁ ଥିବା କାର୍ଯ୍ୟକ୍ରମର ରୂପରେଖ ସଂପର୍କରେ ଅବଗତ କରାଇଥିଲେ । ଭଦ୍ରକରୁ ଆସିଥିବା ପ୍ରାକ୍ତ କୃଷି ଅଧିକାରୀ ତଥା ସାହିତ୍ୟିକ ଅରୁଣ କୁମାର ପାତ୍ର, ଗବେଷକ କିଶୋର ଚନ୍ଦ୍ର ଦାସବାବୁ, ବେତନଟୀରୁ ଆସିଥିବା ସାମ୍ବାଦିକ ସଚିଦାନନ୍ଦ ମହାନ୍ତି, ସାମାଜିକ କର୍ମି ସଂଯୁକ୍ତା ବସା, ସୋରରୁ ଆସିଥିବା ସାମ୍ବାଦିକ ଚନ୍ଦ୍ର ମୋହନ ମହାପାତ୍ର, ଶିକ୍ଷାବିତ ପ୍ରଫୁଲ ମହାଲିକ ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ମୟୂରଭଂଜର ମକର ପର୍ବରେ କିପରି ସ୍ୱତନ୍ତତା ରହିଛି ଏବଂ ଏହା ଜନଜୀବନକୁ କିଭଳି ପ୍ରଭାବିତ କରିଛି ବ୍ୟକ୍ତ କରିଥିଲେ । ଅବସରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ମଂଚ ପରିଚାଳନା ଦାୟିତ୍ୱ ତୁଲାଇବା ସହ ପର୍ବ ପର୍ବାଣୀ ଗୁଡ଼ିକ ଆମକୁ କିପରି ଏକତାସୂତ୍ରରେ ବାନ୍ଧି ରଖିଛି ଓ ଭାଇଚାରାର ଭାବକୁ ସୁଦୃଢ଼ କରିଛି ବ୍ୟକ୍ତ କରିଥିଲେ । ଏହାପରେ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଆରମ୍ଭ ହୋଇଥିଲା । ପରେ ନମିତା ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ୫୦ରୁ ଉର୍ଦ୍ଧ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ଆଶିଷ ମଲିକ ଧନ୍ୟବାଦ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମର ଯବନିକା ପକାଇଥିଲେ । ଆଜିର ଉତ୍ସବକୁ ସଫଳ କରିବାରେ ହେମଲତା ଶଙ୍ଖୁଆ, କରୁଣାକର ଦାସ, ପ୍ରମିଳା ଜେନା, ଶ୍ରୀକାନ୍ତ ପ୍ରସାଦ ବେହେରା, କ୍ଷଣପ୍ରଭା ଜେନା, ପ୍ରଭାସ ନାୟକ, ଜାହ୍ନବି ପୁଟୀ, ମନୋରଂଜନ ମଲିକ ପ୍ରମୁଖ ସହଯୋଗ କରିଥିଲେ ।

# ନିଆଁରେ ପୋଡ଼ି ହୋଇ ମହିଳା ମୃତ

ଚମ୍ପୁଆ, ୧୯/୧ (ନି.ପ୍ର): ଚମ୍ପୁଆ ଉପଖଣ୍ଡସ୍ଥ ବାରିଆ ଥାନା ଅନ୍ତର୍ଗତ ବାରୁଣା ଗ୍ରାମର ଜଣେ ବୟସ୍କା ମହିଳା ଘରେ ରୋଷେଇ କରୁଥିବା ସମୟରେ ଅସାବଧାନତା ବଶତଃ ନିଆଁ ରେ ପୋଡି ହୋଇ ମୃତ୍ୟୁବରଣ କରିଥିବା ଜଣାଯାଇଛି। ସୂଚନା ଅନୁଯାୟୀ, ବାରୁଣା ଗ୍ରାମର ଇଶ୍ୱର ଚନ୍ଦ୍ର ମହାନ୍ତ ଙ୍କ ସ୍ତ୍ରୀ ମୀନା ମହାନ୍ତ (୫୯) ଘରେ ରୋଷେଇ କରୁଥିଲେ। ରୋଷେଇ କରୁଥିବା ସମୟରେ ଅସାବଧାନତା ବଶତଃ ପିନ୍ଧି ଥିବା ଲୁଗାରେ ନିଆଁ ଲାଗି ଯାଇଥିଲା। ଦେହରେ ନିଆଁ ଲାଗି ଯିବାରୁ ମୀନା ଚିତ୍କାର କରିବାରୁ ପରିବାର ଅନ୍ୟ ସଦସ୍ୟ ମାନେ ଦୌଡଣି ଆସି ନିଆଁ କୁ ଆୟତ କରିବା ସହିତ ସଙ୍ଗେ ସଙ୍ଗେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିଲେ।

# ବାରିପଦାରେ 'ସ୍ୱଦେଶୀ ସଂକଳ୍ପ ଦୌଡ଼'




ବାରିପଦା , ୧୮/୧ (ନି.ପ୍ର): 'ସ୍ୱଦେଶୀ ଜାଗରଣ ମଞ୍ଚ' ଓ 'ସ୍ୱାବଲମ୍ବୀ ଭାରତ ଅଭିଯାନ'ର ମିଳିତ ଆନୁକୂଲ୍ୟରେ ବାରିପଦାରେ ରବିବାର ଦିନ ଏକ ବଡ଼ ଧରଣର 'ସ୍ୱଦେଶୀ ସଂକଳ୍ପ ଦୌଡ଼' ଆୟୋଜିତ ହୋଇଯାଇଛି। ସ୍ଥାନୀୟ ଛଉ ପଡିଆରୁ ବାହାରି ବାରିପଦା ଅମ୍ବିକା ମନ୍ଦିର, ବଡ଼ ବଜାର, ଟ୍ରାଫିକ ଛକ, କାଳୀ ମାର୍କେଟ, ଷ୍ଟାଡିଅମ ଗୋଲେଇ ପ୍ରଭୃତି ଦେଇ ସହର ପରିକ୍ରମା କରିଥିବା ଏହି 'ଗଣ ଦୌଡ଼'ରେ ଅନ୍ୟମାନଙ୍କ ସହ ବହୁସଂଖ୍ୟକ ଯୁବଛାତ୍ର ସାମିଲ ହୋଇ ସ୍ୱଦେଶୀ ଜିନିଷ କିଣିବା, ସ୍ୱଦେଶୀ ଭାବନାକୁ ଆପଣେଇବା ଓ ସବୁ କ୍ଷେତ୍ରରେ ସ୍ୱଦେଶୀକୁ ପ୍ରଥମିକତା ଦେବା ଇତ୍ୟାଦି ସପକ୍ଷରେ ଧ୍ୱନିମାନ ଦେଇଥିଲେ। ଏଥିସହ ଏମାନେ ଏହି ମର୍ମରେ ଲୋକଙ୍କୁ ବୁଝାଇବା ସହ ସାମୂହିକ ସଂକଳ୍ପ ପାଠ ମଧ କରାଇଥିଲେ। ବିଜୟ କୁମାର ଦାସ, ତୁଷାରକାନ୍ତ ମହାନ୍ତ, ବିଶ୍ୱେଶ୍ୱର ଦ୍ୱିବେଦୀ, ଗୋରାଚାନ୍ଦ ମହାନ୍ତ, ରଞ୍ଜନ ନାଏକ ଓ ହେମଲତା ଦାସ ପ୍ରମୁଖଙ୍କ ଦ୍ୱାରା ପରିଚାଳିତ ଏହି 'ସ୍ୱଦେଶୀ ପାଇଁ ଦୌଡ଼'ରେ କବିବିଷ୍ଣୁ ଶତପଥୀ, ଲକ୍ଷ୍ମୀଧର ହାବଡ଼ା, ଶୋଭାବତୀ ଓଡ଼ା, ନରୋତ୍ତମ ପାଣିଗ୍ରାହୀ, ମମତା ମଣ୍ଡଳ, ସୌମ୍ୟ ରଞ୍ଜନ ମିଶ୍ର, ଫକୀର ସିଂ,ଶ୍ରଦ୍ଧାଞ୍ଜଳି ପଣ୍ଡା, ଜ୍ଞାନ ରଞ୍ଜନ ଜେନା, ପାୟଲ ରାୟ, ଶ୍ରୀକାନ୍ତ ତ୍ରିପାଠୀ, ସୁବ୍ରତ ମୁଖୀ, ରସିକାନନ୍ଦ ମିଶ୍ର, ଦେବବ୍ରତ ସାମଲ, ଅମିତ ନାୟକ, ତରୁଣ ପାଲବାବୁ, ସଞ୍ଜୟ ରାମ, କୃଷ୍ଣା ବେହେରା, ସଞ୍ଜୟ ପଟ୍ଟନାୟକ, ଶମ୍ଭୁନାଥ ସାହୁ, ଦୀପାଳି ନାଏକ, ଇନ୍ଦୁଭୂଷଣ ଜେନା, ସୁମିତ୍ରା କୁଅଁରବାବୁ, ଶୁଭସ୍ମିତା ବେହେରା, ଯଶୋଦା ଦାସ, ସୃଷ୍ଟି ହୋତା, ବିନୋଦ ଦାସ, ସୋମନାଥ ଦାସ, ସ୍ୱୀକୃତି ଶତପଥୀ, ଗୀତା ଦାସ, ମାଧବାନନ୍ଦ ସାହୁ ଓ ବିଜୟ ହୋତା ପ୍ରମୁଖଙ୍କ ନେତୃତ୍ୱରେ ବହୁସଂଖ୍ୟକ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ।

# ଅଗ୍ରପୂଜ୍ୟ ବାବା ଗଣେଶଙ୍କ ବାର୍ଷିକ ଉତ୍ସବ

ଭଦ୍ରକ , ୧୮/୧ (ନି.ପ୍ର): ଅଗ୍ରପୂଜ୍ୟ ବାବା ଗଣେଶଙ୍କ ବାର୍ଷିକ ଉତ୍ସବରେ ଯୋଗ ଦେଲେ ଭଣ୍ଡାରିପୋଖରୀ ବିଧାୟକ:- ଭଦ୍ରକ ବିଧାୟକ ( ସୀତାଶୁଂ ଶେଖର ମହାପାତ୍ର)ଙ୍କ ବାସଭବନରେ ଅଗ୍ରପୂଜ୍ୟ ବାବା ଗଣେଶ ଙ୍କ ବାର୍ଷିକ ଉତ୍ସବ ଓ ପୂଜା ଅବସରରେ ବିଧାୟକ:-ସଂଜୀବ୍ କୁମାର ମଲ୍ଲିକ ଯୋଗଦେଇ ଦର୍ଶନ କରିବା ସହ ସାଧାରଣ ଜନତାଙ୍କ ମଙ୍ଗଳ କାମନା କରି ପ୍ରାର୍ଥନା କରୁଛନ୍ତି ସାଥିରେ ସ୍ଥାନୀୟ ଅଞ୍ଚଳର ନେତୃମଣ୍ଡଳୀ ଓ ଅନ୍ୟାନ୍ୟ ଅତିଥି ବୃନ୍ଦ ଉପସ୍ଥିତ ଥିଲେ।

# ଦର୍ଶକଙ୍କୁ କନ୍ଦାଇଲା ନାଟକ 'ଫୁଲଶଯ୍ୟା'



ବାରିପଦା , ୧୮/୧ (ନି.ପ୍ର): ସ୍ଥାନୀୟ ସହିଦ ସ୍ମୃତି ଭବନରେ ସମ୍ଭାବନା ସାଂସ୍କୃତିକ ପରିଷଦ ପ୍ରଯୋଜିତ ନାଟକ 'ଫୁଲ ଶଯ୍ୟା' ମଞ୍ଚସ୍ଥ ହୋଇଯାଇଛି ଓ ଅତିଥି ଭାବେ ଯୋଗ ଦେଇ ଅନିରୁଦ୍ଧ ଜେନା ନାଟକଟିକୁ ଉଦଘାଟନ କରିଥିଲେ । ଏହି ଅବସରରେ ନାଟ୍ୟକାରଙ୍କ ସ୍ମୃତିରେ ତାଙ୍କ ପରିବାର ବର୍ଗଙ୍କୁ ତଥା ଯୁବ ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ପ୍ରତିଷ୍ଠାତା ରାଜେଶ ଦାଶ ନାଟକ ଉପରେ ଆଲୋକପାତ କରିଥିଲେ । ଭଞ୍ଜମାଟିର ପ୍ରତିଷ୍ଠିତ ନାଟ୍ୟକାର ସ୍ୱର୍ଗତ ଆନନ୍ଦ ଶଙ୍କର ଦାଶଙ୍କ ରଚିତ ଓ ଯୁବ ନିର୍ଦ୍ଦେଶକ ଗୁହିରାମ ଜେନାଙ୍କ ନିର୍ଦ୍ଦେଶିତ ନାଟକରେ ଘନଶ୍ୟାମ କର, ସରୋଜ କୁମାର ଶତପଥି, ଧର୍ମପଦ ନନ୍ଦି, ଜ୍ୟୋତି ଶଙ୍କର ପଟ୍ଟନାୟକ, କରୁଣାକର ବାରିକ, କ୍ରିଷ୍ଣା ଦାସ, ଲଭରଜିତ ସାହୁ, ହିମାଂଶୁ ସାହୁ, ନିକିତା ମହାନ୍ତି, ରାଜେସେନି ଜେନା ଅଭିନୟ କରିଥିଲେ ଓ ସଂଗୀତରେ ବିଭୁତି ଭୂଷଣ ବେହେରା, ନୃତ୍ୟ ନିର୍ଦ୍ଦେଶନାରେ ଦେବାନନ୍ଦ ପାତ୍ର, ମଞ୍ଚ ସଜ୍ଜାରେ ନୃସିଂହ ବାରିକ, ରୂପସଜ୍ଜାରେ ଦିଲ୍ଲୀପ କୁମାର ଆଇଚ, ଆଲୋକରେ ଅଙ୍କେତ ଦାସ ଓ ମଞ୍ଚ ପରିଚାଳନାରେ ସୋମନାଥ ସିଂହ ସହଯୋଗ କରିଥିଲେ ଓ ମନ ଭାଙ୍ଗିଗଲେ ଜୀବନ ଯେମିତି ଦୁର୍ବିସହ ହୋଇପଡେ, ନିଶାଶକ୍ତ ମଣିଷ କିପରି ମଣିଷ ପଣିଆ ହରେଇଥାଏ, ସମ୍ପର୍କ ଭିତରେ କିପରି ସଉଦା ହୁଏ, ଦୃଢ ମନ କେମିତି ଅସମ୍ଭବ କୁ ସମ୍ଭବ କରିପାରେ - ଏହିଭଳି ପରିସ୍ଥିତିକୁ ନେଇ ଅଭିନେତା ମାନଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା ।

# ମା' ଅମ୍ବିକା ସାହିତ୍ୟ ସଂସଦର ସାହିତ୍ୟ ଆଲୋଚନା ଓ ସମ୍ବର୍ଦ୍ଧନା ସଭା

ଖଇରା, ୧୮/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀର ସର୍ବପୁରାତନ ସାହିତ୍ୟ ସଙ୍ଗଠନ ମା ଅମ୍ବିକା ବିଶ୍ୱା କଲ୍ୟାଣ ସାହିତ୍ୟ ସଂସଦର ବାର୍ଷିକୋତ୍ସବ ପାଳନ ଅବସରରେ ସାହିତ୍ୟ ଆଲୋଚନା ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି । ପୁର୍ବାହ୍ନରେ ଆୟୋଜିତ କବିତା ପାଠୋତ୍ସବରେ ଭରତ ଚନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ । ଅବସରପ୍ରାପ୍ତ ଅଧ୍ୟକ୍ଷ ବସନ୍ତ କୁମାର ଖିଲାର ମୁଖ୍ୟ ଅତିଥି,ଦେବେନ୍ଦ୍ର ନାଥ ଧନୀ ମୁଖ୍ୟବକ୍ତା,ଡଃ ଆଭାରାଣୀ ବଳ ବରେଣ୍ୟ ବକ୍ତା,ହରିହର ପାଣିଗ୍ରାହୀ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ ।ପ୍ରଫୁଲ୍ଲ ଦାସ ସଂଯୋଜକ, ହରେକୃଷ୍ଣ ପଣ୍ଡା ସମୀକ୍ଷକ ଓ ବସନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଅପରାହ୍ନରେ ସଂସଦର ସଭାପତି ଅନାଦି ଚରଣ ଜେନାଙ୍କ ପୌରହିତ୍ୟରେ ଆୟୋଜିତ ସାହିତ୍ୟ ଆଲୋଚନାରେ ଅବସରପ୍ରାପ୍ତ ଅଧକ୍ଷ ଶିବ ପ୍ରସାଦ ଖାମୁରାଇ, ଏଫଏମ ମହାବିଦ୍ୟାଳୟର ପ୍ରଫେସର ଡଃ ସନ୍ତୋଷ କୁମାର ରାଉତ ମୁଖ୍ୟବକ୍ତା, ଅବସରପ୍ରାପ୍ତ ବିଇଓ ଚତୁର୍ଭୁଜ ପୋଇ ସମ୍ମାନନୀୟ ଅତିଥି,ଅବସରପ୍ରାପ୍ତ ପ୍ରାଧ୍ୟାପକ ସମ୍ମାନନୀୟ ବକ୍ତା ଭାବେ ଯୋଗ ଦେଇଥିଲେ । ଉପଦେଷ୍ଟା ଶରତ କୁମାର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ । ମୁଖପତ୍ର କଲ୍ୟାଣ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ବିଭିନ୍ନ ବିଷୟରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଓଡିଶା ଆଦର୍ଶ ବିଦ୍ୟାଳୟରେ ବର୍ଣ୍ଣାଳୀ-୨୦୨୫




ଖଇରା, ୧୮/୧ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ଅର୍ଜୁନପୁରସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ବର୍ଣାଳୀ-୨୦୨୫ ଶନିବାର ଦିନ ସଭା ଓ ସମ୍ବର୍ଦ୍ଧନା ସାଙ୍ଗକୁ ନୃତ୍ୟଗୀତର ତାଳେ ତାଳେ ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱିଜିତ ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି, ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସାହିତ୍ୟକ ସଞ୍ଜୟ କୁମାର ପଣ୍ଡା ମୁଖ୍ୟବକ୍ତା, ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ତହସିଲଦାର ଅମିତ ରଞ୍ଜନ ହୋତା,ପଳସା ସରପଞ୍ଚ ମନୋରଞ୍ଜନ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଏଭଳି ମହୋତ୍ସବ ପ୍ରତିଭା ର ବିକାଶ ପାଇଁ ସୁଯୋଗ ସୃଷ୍ଟି କରିଥାଏ ବୋଲି ପ୍ରକାଶ କରିଥିଲେ । ବିଭିନ୍ନ ଶ୍ରେଣୀରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା କ୍ରୀଷ୍ଣାପ୍ରିୟଦର୍ଶିନୀ ବେହେରା, ରାଜଦୀପ ପଣ୍ଡା, ମାନ୍ୟତା ମଣ୍ଡଳ ,କ୍ରୀଡାରେ କୃତିତ୍ୱ ହାସଲ କରିଥିବା ସୁପ୍ରଭା ସାହୁ,ସୁଦର୍ଶନ ଦାସ, ସୂର୍ଯ୍ୟନାରାୟଣ ସେଠୀ, ଜ୍ୟୋତିରାଣି ସେଠୀଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ଛାତ୍ରୀ ପ୍ରିତିପ୍ରଭା ବେହେରା ମଞ୍ଚ ପରିଚାଳନା କରିଥିଲେ ।

# ଦୁର୍ଘଟଣାର ଶିକାର ଇଞ୍ଜିନିୟର ଛାତ୍ରର ମୃତ୍ୟୁ ସହ ସଂଗ୍ରାମ

## ♦ଆର୍ଥିକ ସହାୟତା ପାଇଁ ପିତା ମାତାଙ୍କ ଆକୁଳ ନିବେଦନ

## ♦ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଇଁ ଦାବି କଲେ ଅଞ୍ଚଳବାସୀ



ବାଲିଆପାଳ, ୧୮/୧ (ନି.ପ୍ର): ବାଲିଆପାଳ ବ୍ଲକ ଜଗତିପୁର ପଞ୍ଚାୟତର ପାଇକ ବାଇଶିଡା ଗ୍ରାମର ଗରୀବ ଚାଷୀ ପରିବାରର ଚକ୍ରଧର ମିଶ୍ରି ଦୁଃଖଦ ପରିସ୍ଥିତି କହିଲେ ନ ସରେ । ପୁଅକୁ ଇଞ୍ଜିନିୟର କରିବାର ସ୍ୱପ୍ନ ଅଧୁରା ହୋଇଯାଇଛି। ପୁଅ ପାଇଁ ସମୟ ସାଜିଲା କାଳ, କୋହଲା ପାଗରେ ପରୀକ୍ଷା ଦେବାକୁ ଯିବା ବେଳେ ଶେରଗଡ଼ ନିକଟରେ ଦୁର୍ଘଟଣା ର ଶିକାର ହେଲା। ସ୍ୱପ୍ନ ଥିଲା ପୁଅ ଇଞ୍ଜିନିୟର ହେବ ଦେଶ ଗଢ଼ିବ, ହେଲେ ବର୍ତମାନ ସମ ହସ୍ପିଟାଲ ରେ, ଖେଳ କୁଦ ପାଠପଢ଼ା ସମୟରେ ଜୀବନ ବଞ୍ଚିବା ପାଇଁ ସଂଘର୍ଷ କରୁଛି ହସ୍ପିଟାଲର ଚାରିକାନ୍ଥ ଆଇ ସି ଇଉ ଭିତରେ। ଡାକ୍ତର ମାନେ ଦୀର୍ଘ ୪୪ରୁ ଅଧିକ ଦିନ ଧରି ଆକ୍ସିଡେଣ୍ଟ ହୋଇ ଜଣେ ଯୁବକର ଜୀବନ ବଞ୍ଚାଇବାକୁ ଉଦ୍ୟମ ଜାରି ରଖିଛନ୍ତି। ନିଜ ଜୀବନ କୁ ବାଜି ଲଗାଇ ବାପା ଚକ୍ରଧର ମିଶ୍ରି ମାଆ ରାଧାରାଣୀ ମିଶ୍ରି ନିଜର ଏକ ମାତ୍ର ପୁତ୍ର ସନ୍ତାନ ଶାନ୍ତନୁ କୁମାର ମିଶ୍ରି ୨୪ ବର୍ଷ ଡିପ୍ଲୋମା ଇଞ୍ଜିନିୟର ନୀଳଗିରିର ଛାତ୍ର ପାଇଁ ସର୍ବସ୍ୱ ବିକି ସାରିଲେଣି, ପୁଅର ଚିକିତ୍ସା ପାଇଁ ପ୍ରତି ଦିନ ୫୦ ହଜାର ଟଙ୍କା ଆବଶ୍ୟକ ପଡୁଛି। ଡା. ସୋଭାଗ୍ୟ ପାଣିଗ୍ରାହୀଙ୍କ ଦ୍ୱାରା ଚିକିତ୍ସା ଚାଲୁଅଛି। ହେଲେ ଅର୍ଥ ସାଜିଛି ବାଧକ, ଡାକ୍ତର ମାନେ ଧର୍ଯ୍ୟ ଧରିବାର ପରାମର୍ଶ ଦେଉଛନ୍ତି। ମାତ୍ର ସମ୍ବଳ ନଥିବାରୁ ଉତ୍ତମ ଚିକିତ୍ସା ହୋଇ ପାରୁନାହିଁ। ଏହି ଯୁବକର ଚିକିତ୍ସା ପାଇଁ ସହୃଦୟ ଦୟାବାନ ବ୍ୟକ୍ତିଙ୍କୁ ସାହାଯ୍ୟ କରିବାକୁ ଆକୁଳ ନିବେଦନ କରିଛନ୍ତି ପିତା ମାତା ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଇଁ ଅଞ୍ଚଳ ବାସୀ ଦାବୀ କରିଛନ୍ତି ସହାୟତା ପ୍ରଦାନ କରିବାପାଇଁ ଫୋନ୍ ପେ ନମ୍ବର ୮୨୬୪୩୦୯୩୫୨ ରେ ଦେବାକୁ ଆକୁଳ ନିବେଦନ କରିଛନ୍ତି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida